ଦୀର୍ଘଦିନ ଅପେକ୍ଷାର ଅନ୍ତ ଘଟିଲା। ବିଳମ୍ବରେ ହେଲେ ମଧ୍ୟ ଶିମିଳିପାଳକୁ ଜାତୀୟ ଉଦ୍ୟାନ ମାନ୍ୟତା ମିଳିବା ସ୍ୱାଗତଯୋଗ୍ୟ ପଦକ୍ଷେପ। ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ, ହସ୍ତୀ ଅଭୟାରଣ୍ୟ, ଅଭୟାରଣ୍ୟ ଓ ଜୈବ ମଣ୍ଡଳ ଥିବା ଶିମିଳିପାଳକୁ ନୂଆ ପରିଚୟ ମିଳିଛି। ଶିକାରୀ ଓ ଶିକାର ପ୍ରତି ଆଇନର କଡ଼ାକଡ଼ି ବ୍ୟବସ୍ଥା ହୋଇପାରିବ। ତେବେ ଘୋଷଣାକୁ ଠିକ୍ ଭାବେ କାର୍ଯ୍ୟକାରୀ କରି ପରିଚାଳନା କରାଗଲେ ଜାତୀୟ ଉଦ୍ୟାନର ମାନ୍ୟତା ସଫଳ ହୋଇପାରିବ। ଶିମିଳିପାଳ ମଧ୍ୟରେ ଥିବା ବକୁଆ ଗାଁକୁ ନେଇ ବିବାଦ ଦେଖାଦେବାରୁ ଜାତୀୟ ଉଦ୍ୟାନ ଘୋଷଣା ହୋଇପାରୁ ନ ଥିଲା। ତେଣୁ ଏହି ଗ୍ରାମକୁ ବାଦ୍‌ଦେଇ ବନ ବିଭାଗ ୮୪୫.୭୦ବର୍ଗ କି.ମି.କୁ ଜାତୀୟ ଉଦ୍ୟାନ ଭାବେ ଚୟନ କରିବା ସ୍ୱାଗତଯୋଗ୍ୟ ପଦକ୍ଷେପ।

**– ସଂଯୁକ୍ତା ବାସା, ପରିବେଶବିତ୍**

### ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇବ



ଅନେକ ବର୍ଷର ଦାବିପୂରଣ ହୋଇଥିବାରୁ ଖୁସି ଲାଗୁଛି। ଏବେ ଶିମିଳିପାଳରେ ଅନେକ ଉନ୍ନତିମୂଳକ କାର୍ଯ୍ୟ ହୋଇପାରିବ। ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇବ। ଶିମିଳିପାଳକୁ ସର୍ବୋଚ୍ଚ ଉପାଧି ମିଳିଥିବାରୁ ଏହା ଦେଶବାସୀଙ୍କ ଦୃଷ୍ଟିଗୋଚର ହୋଇପାରିବ। ଫଳରେ ପର୍ଯ୍ୟଟକମାନେ ଆକୃଷ୍ଟ ହୋଇ ଅଧିକ ସଂଖ୍ୟାରେ ବୁଲିବାକୁ ଆସିବେ। ଏହାଦ୍ୱାରା ଜିଲାର ବିକାଶ କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ହୋଇପାରିବ।

**– ଭାନୁମିତ୍ର ଆଚାର୍ଯ୍ୟ, ଓଡ଼ିଶା ବନ ଉନ୍ନୟନ ନିଗମର ସ୍ୱାଧୀନ ନିର୍ଦ୍ଦେଶକ ତଥା ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ।**

### ବହୁଦିନ ଅପେକ୍ଷାର ଫଳ



ଶିମିଳିପାଳ ଜାତୀୟ ମାନ୍ୟତା ପାଇବା ବହୁଦିନର ଅପେକ୍ଷାର ଫଳ। ଶିମିଳିପାଳର କୋର୍ ଅଞ୍ଚଳରେ ରହିଥିବା ଲୋକଙ୍କୁ ସ୍ଥାନାନ୍ତର କରାଯାଇପାରୁ ନ ଥିଲା। ମାତ୍ର ଏବେ ସ୍ଥାନାନ୍ତରଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ଏହି ବିଜ୍ଞପ୍ତି ପ୍ରକାଶ ପାଇଛି। ଫଳରେ ଶିମିଳିପାଳକୁ ରାଜ୍ୟର ଏକମାତ୍ର ଜୈବ ମଣ୍ଡଳ ରୂପେ ଘୋଷଣା କରାଯାଇଛି। ଏହା ପଛରେ ଓଡ଼ିଶା ପରିବେଶ ସମିତିର ମୁଖ୍ୟ ଭୂମିକା ରହିଛି। ଅପରପକ୍ଷେ ପ୍ରତିବର୍ଷ ଜଙ୍ଗଲ ନିଆଁ, ଶିକାର ବଢ଼ି ଚାଲିଥିବାବେଳେ ଏଥିରେ ସ୍ଥାନୀୟ ଲୋକଙ୍କ ସହଯୋଗ ନେଇ ଜଙ୍ଗଲ ବିଭାଗ କାର୍ଯ୍ୟ ରହିବା ଦରକାର।

**–ଜୟକୃଷ୍ଣ ପାଣିଗ୍ରାହୀ, ପରିବେଶବିତ୍**

### ଶିମିଳିପାଳର ସମଗ୍ର ଅଞ୍ଚଳକୁ ମାନ୍ୟତା ମିଳୁ



୨,୭୫୦ ବର୍ଗ କି.ମି. ମଧ୍ୟରୁ ମାତ୍ର ୮୪୫.୭୦ ବର୍ଗ କି.ମି.କୁ ଜାତୀୟ ଉଦ୍ୟାନର ମାନ୍ୟତା ପ୍ରଦାନ କରାଯାଇଛି। କେବଳ କୋର୍ ଅଞ୍ଚଳକୁ ଏଥିରେ ସ୍ଥାନିତ କରାଯାଇଥିବାବେଳେ ଏହା କେବଳ ବ୍ୟାଘ୍ର ସଂରକ୍ଷିତ ଅଞ୍ଚଳ ମଧ୍ୟରେ ସୀମିତ ରହିଯାଇଛି। ମାତ୍ର ଜାତୀୟ ଉଦ୍ୟାନର ଅର୍ଥ କେବଳ ବ୍ୟାଘ୍ର ସଂରକ୍ଷିତ ଅଞ୍ଚଳ ନୁହେଁ, ବରଂ ବିସ୍ତୀର୍ଣ୍ଣ ଅଞ୍ଚଳ ହେବା ଆବଶ୍ୟକ। ସେହିପରି କୁଳଡିହା ସେଞ୍ଚୁରୀ ଏବଂ ହଦଗଡ ସେଞ୍ଚୁରୀ ଅଞ୍ଚଳକୁ ଜାତୀୟ ଉଦ୍ୟାନରେ ସାମିଲ୍ କରାଯିବା ଆବଶ୍ୟକ ଥିଲା। ତେଣୁ ଶିମିଳିପାଳର ୨,୭୫୦ ବର୍ଗ କି.ମି.କୁ ଜାତୀୟ ଉଦ୍ୟାନରେ ସାମିଲ କରାଯିବାର ଆବଶ୍ୟକତା ରହିଛି।

**–ଆକାଶ ରଞ୍ଜନ ରଥ, ବନ୍ୟଜନ୍ତୁ ସଂରକ୍ଷକ**

## ମହାନଦୀରେ ବୁଡ଼ି ୨ ମୃତ

କଟକ,୨୪।୪(କାର୍ତ୍ତିକ ସାହୁ)

ମହାନଦୀର ଯୋବ୍ରା ନିକଟରେ ଗାଧୋଇବା ବେଳେ ପାଣିରେ ବୁଡ଼ି ୨ଜଣଙ୍କ ମୃତ୍ୟୁ ହୋଇଯାଇଛି। ସେମାନେ ହେଲେ ଯୋବ୍ରା ନଦୀକୂଳସାହିର ସାଇ ବେହେରା(୧୪)ଓପିଙ୍କୁନୁଜେନା(୨୨)। ମାଲଗୋଦାମ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲକୁ ପଠାଇଛି। ଅପରପକ୍ଷରେ ସୌଭାଗ୍ୟ କ୍ରମେ ଅନ୍ୟ ଜଣେ ନାବାଳକ ବିଶ୍ୱଜିତ୍ ଦାସ(୧୩) ସ୍ଥାନୀୟ ଲୋକଙ୍କ ଦ୍ୱାରା ଉଦ୍ଧାର ହୋଇଛନ୍ତି।

ସୂଚନାନୁସାରେ, ଗୁରୁବାର ମଧ୍ୟାହ୍ନରେ ଯୋବ୍ରା ନଦୀକୂଳସାହିର ଉପରୋକ୍ତ ୩ଜଣ ମହାନଦୀର ଯୋବ୍ରା ନିକଟରେ ଗାଧୋଉଥିଲେ। ହଠାତ୍ ନଦୀଜଳରେ ୩ଜଣ ବୁଡ଼ି ଯାଇଥିଲେ। ସେଠାରେ ଥିବା ଲୋକେ ଏହା ଦେଖି ତୁରନ୍ତ ସେମାନଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ। ଏଥିସହ ଦମକଳ ବାହିନୀକୁ ମଧ୍ୟ ଖବର ଦିଆଯାଇଥିଲା। ଲୋକମାନେ ପାଣି ଭିତରୁ ବିଶ୍ୱଜିତ୍‌ଙ୍କୁ ଉଦ୍ଧାର କରିବାରେ ସକ୍ଷମ ହୋଇଥିଲେ। ମାତ୍ର ଅନ୍ୟ ୨ଜଣ ପାଣିରେ ବୁଡ଼ି ଯାଇଥିଲେ। ଚାଉଳିଆଗଞ୍ଜ ଦମକଳ ବାହିନୀ ଅପରାହ୍ନ ପ୍ରାୟ ୧ଟା ୪୦ ମିନିଟ୍ ସମୟରେ ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଥିଲା। ଅଗ୍ନିଶମ ଅଧିକାରୀ ପ୍ରଭଞ୍ଜନ ସିଂହଙ୍କ ନେତୃତ୍ୱରେ ୮ଜଣ ଅଗ୍ନିଶମ କର୍ମଚାରୀ ମହାନଦୀରେ ଲାଇଫ୍ ଜ୍ୟାକେଟ ପିନ୍ଧି ଖୋଜିଥିଲେ। ଏଥିସହ ଜଣେ ସ୍କୁବା ଡାଇଭର ପାଣି ଭିତରେ ବୁଡ଼ି ଖୋଜିଥିଲେ। ବେଶ କିଛି ସମୟ ଖୋଜିବା ପରେ ୨ଜଣଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ଅଗ୍ନିଶମ କର୍ମଚାରୀମାନେ ସେଠାରେ ଉପସ୍ଥିତ ଥିବା ମାଲଗୋଦାମ ଥାନା ପୋଲିସକୁ ମୃତଦେହ ହସ୍ତାନ୍ତର କରିଥିଲେ। ସ୍ଥାନୀୟ ଲୋକଙ୍କ ସମେତ ମୃତକ ପରିବାର ଲୋକେ ପହଞ୍ଚିବା ପରେ ସେଠାରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା।




## ବଢ଼ିଲା ପୋଲିସଙ୍କ ଭତ୍ତା, ପ୍ରୋତ୍ସାହନ ରାଶି

- ୨ଗୁଣା ହେଲା ପୋଷାକ ଭତ୍ତା
- କନ୍‌ଷ୍ଟେବଲ, ସିପାହିଙ୍କ ଏକ୍ସଟ୍ରା ଡ୍ୟୁଟି ଇନ୍‌ସେନ୍‌ଟିଭ ସର୍ବାଧିକ ୨୫ ହଜାର ପର୍ଯ୍ୟନ୍ତ ବୃଦ୍ଧି
- ହାବିଲଦାରଙ୍କ ଅତିରିକ୍ତ ଡ୍ୟୁଟି ପ୍ରୋତ୍ସାହନ ରାଶି ୩୦ ହଜାରକୁ ବଢ଼ିଲା
- ସୃଷ୍ଟି ହେବ ୧୬,୦୫୯ ନୂଆ ପଦବୀ

ଭୁବନେଶ୍ୱର,୨୪।୪(ସୁନିତ୍ ମିଶ୍ର)

ରାଜ୍ୟ ପୋଲିସ ବାହିନୀକୁ ଅଧିକ କ୍ରିୟାଶୀଳ କରିବା ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ପୋଲିସ କର୍ମଚାରୀଙ୍କ ଭତ୍ତା ଓ ପ୍ରୋତ୍ସାହନ ରାଶି ବୃଦ୍ଧି କରିବା ସଂକ୍ରାନ୍ତୀୟ ପ୍ରସ୍ତାବକୁ ଅନୁମୋଦନ ଦେଇଛନ୍ତି। ତଦନୁଯାୟୀ ଇନ୍‌ସପେକ୍ଟରମାନଙ୍କ ପୋଷାକ ଭତ୍ତା ବାର୍ଷିକ ୪୩୦୦ରୁ ୮୬୦୦ ଟଙ୍କା, ସବ୍‌ଇନ୍ସପେକ୍ଟର ଓ ଏଏସ୍‌ଆଇମାନଙ୍କ ପାଇଁ ୪୨୦୦ରୁ ୮୪୦୦ ଟଙ୍କା, ହାବିଲଦାର, କନଷ୍ଟେବଲ ଓ ସିପାହିମାନଙ୍କ ପାଇଁ ୫୦୦୦ରୁ ୧୦,୦୦୦ ଟଙ୍କା ଏବଂ ସ୍ପେଶାଲ ଷ୍ଟ୍ରାଇକିଂ ଫୋର୍ସର ଏକ୍ସ ଆର୍ମି କର୍ମଚାରୀମାନଙ୍କ ପାଇଁ ପୋଷାକ ଭତ୍ତା ବାର୍ଷିକ ୫୯୦୦ରୁ ୧୧,୮୦୦ ଟଙ୍କାକୁ ବୃଦ୍ଧି ପାଇଛି। ଏହି ପଦବୀର ସମାନ ର୍‍ୟାଙ୍କର କର୍ମଚାରୀ ଓ ଅଧିକାରୀମାନଙ୍କୁ ମଧ୍ୟ ସେହି ପରିମାଣରେ ଭତ୍ତା ମିଳିବ।

ସେହିପରି କନଷ୍ଟେବଲ, ସିପାହି ଓ ସମାନ ର୍‍ୟାଙ୍କର କର୍ମଚାରୀମାନଙ୍କ ପାଇଁ ଅତିରିକ୍ତ ଡ୍ୟୁଟି ବାର୍ଷିକ ପ୍ରୋତ୍ସାହନ ରାଶିକୁ (ଏକ୍ସଟ୍ରା ଡ୍ୟୁଟି ଇନ୍‌ସେନ୍‌ଟିଭ) ସର୍ବାଧିକ ୨୫,୦୦୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ହାବିଲଦାର ଓ ସମାନ ର୍‍ୟାଙ୍କର କର୍ମଚାରୀମାନଙ୍କ ପାଇଁ ଅତିରିକ୍ତ ଡ୍ୟୁଟି ବାର୍ଷିକ ପ୍ରୋତ୍ସାହନ ରାଶିକୁ ସର୍ବାଧିକ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଭତ୍ତା ଓ ପ୍ରୋତ୍ସାହନ ରାଶିରେ ବୃଦ୍ଧି ଯୋଗୁ କନଷ୍ଟେବଲ, ହାବିଲଦାର ଓ ସିପାହି ସଂଘର କର୍ମକର୍ତ୍ତାମାନେ ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି କୃତଜ୍ଞତା ଜଣାଇଛନ୍ତି।

ମୁଖ୍ୟମନ୍ତ୍ରୀ ଏକ ବୈଠକରେ ଉପସ୍ଥିତ ପୋଲିସ ସେବା କର୍ମଚାରୀଙ୍କୁ ଶାନ୍ତିଶୃଙ୍ଖଳା କ୍ଷେତ୍ରରେ ଓଡ଼ିଶାକୁ ଏକ ଆଦର୍ଶ ରାଜ୍ୟ ଭାବେ ଗଢ଼ି ତୋଳିବାରେ ନିଜର ଯୋଗଦାନ ରଖିବାକୁ ପରାମର୍ଶ ଦେଇଛନ୍ତି। ବିଶେଷକରି, ଅସହାୟମାନେ କିଭଳି ଯଥାଶୀଘ୍ର ସହାୟତା ପାଇବେ, ଅସୁରକ୍ଷିତ ଲୋକେ କିଭଳି ତୁରନ୍ତ ସୁରକ୍ଷା ପାଇବେ ସେଥିପ୍ରତି ଧ୍ୟାନଦେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ଓଡ଼ିଶାର ପୋଲିସ ବାହିନୀକୁ ଦକ୍ଷ ଓ ଶୃଙ୍ଖଳିତ କରି ଗଢ଼ିତୋଳିବା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ। ବର୍ତ୍ତମାନ ରାଜ୍ୟ ପୋଲିସ ବାହିନୀରେ ପ୍ରାୟ ୧୬ ହଜାର ପଦବୀ ଖାଲି ଥିବାବେଳେ ଆହୁରି ୧୬,୦୫୯ଟି ନୂଆ ପଦବୀ ସୃଷ୍ଟି କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏସବୁ ପଦବୀ ପୂରଣ ହେବା ପରେ ରାଜ୍ୟର ଜନସଂଖ୍ୟା ଅନୁପାତରେ ପୋଲିସର ନିୟୋଜନ ଯଥେଷ୍ଟ ବୃଦ୍ଧି ପାଇବ। ବୈଠକ ଆରମ୍ଭରେ ପୋଲିସ ମହାନିର୍ଦ୍ଦେଶକ ୱାଇ.ବି.ଖୁରାନିଆ ସ୍ୱାଗତ ଭାଷଣ ଦେବା ସହ ନିକଟରେ ପୋଲିସ ବାହିନୀର ବିଭିନ୍ନ ବିଭାଗକୁ ସଶକ୍ତ କରିବା ନିମନ୍ତେ ରାଜ୍ୟ ସରକାରଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଓ ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଗୁଳି ବିନିମୟରେ ୫ ମାଓବାଦୀ ନିହତ

ମାଲକାନଗିରି, ୨୪।୪(ନୃସିଂହ ଚରଣ ମହାନ୍ତି)

ଛତିଶଗଡ଼ ଓ ତେଲଙ୍ଗାନା ସୀମାରେ ବଡ଼ ଧରଣର ମାଓବାଦୀ ଦମନ ଅଭିଯାନ ଜାରି ରହିଛି। ଛତିଶଗଡ଼ ବିଜାପୁରରେ ସୁରକ୍ଷାକର୍ମୀ ଏବଂ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟି ୫ ମାଓବାଦୀ ଗୁରୁବାର ନିହତ ହୋଇଛନ୍ତି। ମାଓବାଦୀଙ୍କ ମୃତଦେହ ସହ ବହୁ ସାମଗ୍ରୀ ଓ ବିସ୍ଫୋରକ ଜବତ କରାଯାଇଛି। ବିଭିନ୍ନ ସ୍ଥାନରେ ମାଓବାଦୀ ଖଞ୍ଜିଥିବା ଶତାଧିକ ଆଇଇଡି ବୋମାକୁ ଜବତ କରାଯାଇଛି। ତେବେ ମାଓବାଦୀଙ୍କ ମୃତ୍ୟୁ ସଂଖ୍ୟା ଆହୁରି ବଢ଼ିପାରେ ବୋଲି ଅନୁମାନ କରାଯାଉଛି। ଅପରେଶନରେ ବାୟୁସେନାର ହେଲିକପ୍ଟର ସାମିଲ ହୋଇଛି। ଅତ୍ୟାଧୁନିକ ଡ୍ରୋନ୍ ସହାୟତାରେ ମାଓବାଦୀଙ୍କ ଗତିବିଧି ଉପରେ ନଜର ରଖାଯାଉଛି। ତେଲଙ୍ଗାନା ଗ୍ରେହାଉଣ୍ଡ ଓ ଛତିଶଗଡ଼ ଡିଆର୍‌ଜି ଓ କୋବ୍ରା ବାହିନୀ ଅପରେଶନରେ ସାମିଲ ହୋଇଛନ୍ତି। ଆଗକୁ ଏହି ଅଞ୍ଚଳରେ ଆହୁରି ବଡ଼ ଧରଣର ଗୁଳି ବିନିମୟ ହେବାର ସମ୍ଭାବନା ରହିଥିବା ବେଳେ ମାଓବାଦୀ ନେତା ହିଡମା ଯବାନଙ୍କ ମୁଖ୍ୟ ଟାର୍ଗେଟରେ ରହିଛନ୍ତି।

## ପୋଖରୀରେ ବୁଡ଼ି ୨ ଭଉଣୀ ମୃତ

ବାସୁଦେବପୁର,୨୪।୪
(କାଳିପଦ ରାୟ/ନାରାୟଣ ପ୍ରସାଦ ବାରିକ)

ପୋଖରୀରେ ବୁଡ଼ି ୨ ଭଉଣୀଙ୍କ ଜୀବନ ଚାଲିଯାଇଛି। ଗୁରୁବାର ପୂର୍ବାହ୍ନ ୧୧ଟା ବେଳେ ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ସାନକୃଷ୍ଣପୁର ପଞ୍ଚାୟତ ଚାନ୍ଦିମାଳ ଗାଁର ଡିହସାହିରେ ଏଭଳି ଘଟଣା ଘଟିଛି। ମୃତା ଦୁଇ ଭଉଣୀ ହେଲେ ଗ୍ରାମର ବସନ୍ତ ମଲିକଙ୍କ ଝିଅ କ୍ରୀଷ୍ଟାରାଣୀ(୭) ଓ କୋଏଲ(୫)। ପରିବାର ଲୋକଙ୍କ ସୂଚନା ଅନୁଯାୟୀ, ଜେଜେମା' ଘର ପାଖ ପୋଖରୀରେ ଦୁଇ ନାତୁଣୀଙ୍କ ସହ ଗାଧୋଇ ସାରିବା ପରେ ସେମାନଙ୍କୁ ବାଡ଼ିପଟେ ଛାଡ଼ି ଦେଇ ଘର କାମ କରୁଥିଲେ। କିଛି ସମୟ ପରେ ପରିବାର ଲୋକେ କ୍ରୀଷ୍ଟାରାଣୀ ଓ କୋଏଲଙ୍କୁ ଘର ପାଖରେ ଦେଖିବାକୁ ପାଇ ନ ଥିଲେ। ସେମାନେ ବହୁ ଖୋଜାଖୋଜି କରିବା ପରେ ଦୁଇଝିଅଙ୍କୁ ପୋଖରୀରୁ ଅଚେତ ଅବସ୍ଥାରେ ଉଦ୍ଧାର କରି ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ଦୁଇଜଣଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ କଷିଆ ସାମୁଦ୍ରିକ ଥାନା ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨/୨୫) ରୁଜୁ ହୋଇଛି।



ସେହି ଦିବ୍ୟଜନନୀ ଆମ ପୃଥିବୀର ଏଇ ଅନ୍ଧକାର ଭିତରକୁ ପ୍ରବେଶ କରିଛନ୍ତି। କାରଣ– ସେ ଏଇ ଅନ୍ଧକାର ଭିତରେ ଆଲୋକ ଜଳାଇବେ। ସେ ମଧ୍ୟ ଏହି ପାର୍ଥିବ ଜୀବନର ମିଥ୍ୟା ଓ ଭ୍ରମପ୍ରମାଦ ଭିତରେ ପ୍ରବେଶ କରିଛନ୍ତି। କାରଣ ସେ ତାକୁ ସତ୍ୟରେ ପରିଣତ କରିବେ। ସେ ମଧ୍ୟ ଏଇ ମୃତ୍ୟୁଲୋକରେ ପ୍ରବେଶ କରିଛନ୍ତି। କାରଣ ସେ ଏହାକୁ ଦିବ୍ୟଜୀବନରେ ରୂପାନ୍ତରିତ କରିପାରନ୍ତି। -ଶ୍ରୀଅରବିନ୍ଦ



# ବାଣିଜ୍ୟ ବ୍ୟବସ୍ଥାର ପୁନର୍ଗଠନ ଲୋଡ଼ା



ଜେରେମି ଆଡେଲମ୍ୟାନ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏପ୍ରିଲ ପ୍ରାରମ୍ଭରେ ଅତ୍ୟଧିକ ଟାରିଫ ବୃଦ୍ଧି କରିଥିଲେ। ଏହା ବାଣିଜ୍ୟ ଯୁଦ୍ଧକୁ ତୀବ୍ର କରିଥିଲା, ଯାହାକୁ ସେ 'ଲିବରେଶନ ଡେ' ବା ମୁକ୍ତିର ଦିନ ଭାବେ ସୂଚିତ କରିଥିଲେ। ଗତ ସପ୍ତାହରେ ସମୀକ୍ଷକମାନେ ଏହି ଦିବସକୁ ବିଶ୍ୱ ଅର୍ଥନୀତିର ଅନ୍ତିମ ଯୁଦ୍ଧ ବୋଲି ବିବେଚନା କରିଛନ୍ତି। ଟାରିଫ ବୃଦ୍ଧି ଯୋଗୁ ବିଶ୍ୱ ବଜାରରେ ଅନିଶ୍ଚିତତା ସୃଷ୍ଟି ହୋଇଛି। ମୁକ୍ତି ଏବଂ ଅନ୍ତିମ ଯୁଦ୍ଧ ମଧ୍ୟରୁ ଯଦି ଆମେ କୌଣସିଟିକୁ ପସନ୍ଦ କରୁ, ତେବେ ତାହା ଆମର ଦୁର୍ବଳ ନିଷ୍ପତ୍ତି ବୋଲି ବୁଝିବାକୁ ହେବ। ଉଭୟ ବିଷୟ ବା କାହାଣୀ ସୂଚିତ କରୁଛି ଯେ, ଗୁରୁତ୍ୱପୂର୍ଣ୍ଣ ସୁଯୋଗ ଓ ସମୟର ଶେଷ ହେବା ସହ ଗୋଟିଏ ଯୁଗର ସମସ୍ତ କାର୍ଯ୍ୟକଳାପ, ବିଶ୍ୱାସ ଓ ବ୍ୟବସ୍ଥାଗୁଡ଼ିକ ବଦଳିଯାଇ ଏକ ନୂଆ ଯୁଗ ଆରମ୍ଭ ହେବାକୁ ଯାଉଛି। ଟ୍ରମ୍ପଙ୍କ ସମର୍ଥକମାନଙ୍କ ପାଇଁ ଏହା ହେଉଛି ପୁରୁଣା ନିୟମ ଦ୍ୱାରା ନିୟନ୍ତ୍ରିତ ହୋଇ ନ ଥିବା ଜଣେ ମୁଖ୍ୟବାର୍ତ୍ତାଙ୍କର ଏକ ସାହସିକ ପଦକ୍ଷେପ, ଯିଏ କି ଆମେରିକାକୁ ବଡ଼ କରିବେ। ସମାଲୋଚକଙ୍କ ମତରେ ଏହା ହେଉଛି କ୍ଷତିର ଏକ ଦୁଃଖଦାୟକ କାହାଣୀ ଏବଂ ଏଥିରେ ଅନିଷ୍ଟକାରୀ ଚରିତ୍ରମାନଙ୍କ ପ୍ରାଧାନ୍ୟ ରହିଛି, ଯେଉଁମାନେ ଜନସାଧାରଣଙ୍କ ହିତ ପରିବର୍ତ୍ତେ ବ୍ୟକ୍ତିଗତ ସ୍ୱାର୍ଥକୁ ଗୁରୁତ୍ୱ ଦେଉଛନ୍ତି।

ଏବକାର ସଙ୍କଟକୁ ବୁଝିବାକୁ ହେଲେ ସବୁ ସୁଯୋଗ ଶେଷ ହୋଇଗଲା ବୋଲି ଧରିନେଲେ ହେବ ନାହିଁ। ବିଶ୍ୱ ବ୍ୟବସ୍ଥାର ନବୀକରଣ ଓ ପୁନର୍ଗଠନ କରିବା ଆଉ ଏକ ସୁଯୋଗ ହୋଇପାରେ। ଯଦି ଆମେ କାହାଣୀ ବଦଳାଇପାରିବା ତେବେ ଏହା ସମ୍ଭବ ହେବ। ଲିବରେଶନ ଡେ ଥିଲା ଏକ ଆଘାତ ଓ ଝଟ୍କା, କିନ୍ତୁ କେଉଁ ପ୍ରକାରର? କେତେକ ଝଟ୍କାରେ ବ୍ୟବସ୍ଥା ଭୁଶୁଡ଼ି ପଡ଼ିଛି। ଆଉ କେତେକ ଯୋଗୁ ବ୍ୟବସ୍ଥା ପ୍ରଭାବିତ ହେଲେ ମଧ୍ୟ ତାକୁ ସମ୍ପୂର୍ଣ୍ଣ ଦୁର୍ବଳ କରିପାରିନାହିଁ। ତଥାପି କେତେକ ଝଟ୍କା ନବୀକରଣକୁ ମଧ୍ୟ ବାଟ ଦେଖାଇଛି। ଏବେ ଅର୍ଥନୀତି ଭୁଶୁଡ଼ି ପଡ଼ିବାର କଥା ବୋଲି କୁହାଯାଉଛି, କିନ୍ତୁ ତାହା ପରିବର୍ତ୍ତନ ହୋଇପାରେ।

ଟ୍ରମ୍ପଙ୍କ ଝଟ୍କାକୁ ଅନେକେ ବିଶ୍ୱବାଦ ବିରୋଧୀ ବୋଲି କହୁଛନ୍ତି, ଯାହା ବୃହତ୍ ମାନ୍ଦାବସ୍ଥା ବା ୧୯୨୯ରେ ବିଶ୍ୱ ଅର୍ଥ ବ୍ୟବସ୍ଥାର ଅଧୋଗତିର କାରଣ ହୋଇଥିଲା। କିନ୍ତୁ ସମାନ୍ତରାଳ ଭାବେ ୧୯୩୦ ଦଶନ୍ଧିରେ ବର୍ତ୍ତମାନ ତୁଳନାରେ ବିଶ୍ୱ ଅର୍ଥ ବ୍ୟବସ୍ଥା ଅଧିକ କ୍ଷତିଗ୍ରସ୍ତ ହୋଇଥିଲା, ଯେତେବେଳେ କି ଏହି ବିପର୍ଯ୍ୟୟ ଦୂର କରିବା ପାଇଁ ଖୁବ୍ କମ୍ ପଦ୍ଧତି ଥିଲା। ପ୍ରଥମ ବିଶ୍ୱଯୁଦ୍ଧ ପରେ ଆମେରିକା ବିଶ୍ୱସ୍ତରୀୟ ବ୍ୟାଙ୍କର ଭାବେ ଉଭା ହୋଇଥିଲା, କିନ୍ତୁ ଏହି ସ୍ଥିତି ଅତ୍ୟଧିକ ମୁଦ୍ରାସ୍ଫୀତି, ଆଇନର ଅଭାବ ଏବଂ ଦୁର୍ବଳ ଘରୋଇ ବ୍ୟାଙ୍କିଙ୍ଗ ବ୍ୟବସ୍ଥା ଉପରେ ଆଧାରିତ ଥିଲା।



ତେବେ ୧୯୨୯ର ବିତ୍ତୀୟ ସଙ୍କଟ ସମୟରେ ଦେବାଳିଆ ପରିସ୍ଥିତି ସୃଷ୍ଟି ହୋଇଥିଲା ଏବଂ ବେରୋଜଗାର ଦ୍ରୁତ ବୃଦ୍ଧି ପାଇ ୮ ପ୍ରତିଶତ ଛୁଇଁଥିଲା। ସେତେବେଳେ ଦେଶର ଶିଳ୍ପକୁ ବଞ୍ଚାଇବା ପାଇଁ ଆମଦାନୀ ଶୁଳ୍କ ବୃଦ୍ଧି କରାଯାଇଥିଲା ଏବଂ ହଠାତ୍ ମାନ୍ଦାବସ୍ଥା ଆସିଥିଲା। ସିନେଟର ରିଡ ସ୍ମୁଟ ଏବଂ ସଦସ୍ୟ ୱିଲିସ ହଓଲେ ୧୯୩୦ର ଟାରିଫ ଆଇନ ଆଗତ ପରେ ଅନିଚ୍ଛା ସତ୍ତ୍ୱେ ରାଷ୍ଟ୍ରପତି ହର୍ବର୍ଟ ହୁଭର ଏହାକୁ ଅନୁମୋଦନ କରିବା ପରେ ଆମେରିକା ଟାରିଫରେ ଅତ୍ୟଧିକ ବୃଦ୍ଧି କରିଥିଲା। ଆମେରିକାର ବାଣିଜ୍ୟ ଭାଗୀଦାରିମାନେ ମଧ୍ୟ ଏହାକୁ ଦେଖି ସମାନ ପଦକ୍ଷେପ ନେଇଥିଲେ। ଶେୟାର ବଜାର ଅକସ୍ମାତ ନିମ୍ନଗାମୀ ହୋଇଯାଇଥିଲା। ସେହି ସମୟରେ ଦେଶଗୁଡ଼ିକର ଏକ ଦୁର୍ବଳ ମେଣ୍ଟ ଦ୍ୱାରା ପରିଚାଳିତ ଅନ୍ତର୍ଜାତୀୟ ବାଣିଜ୍ୟ ବ୍ୟବସ୍ଥା ଶେଷ ହେବାର ମାତ୍ର ଦୁଇ ଦିନ ମଧ୍ୟରେ ଆମେରିକାର ବେରୋଜଗାର ୨୩ ପ୍ରତିଶତରେ ପହଞ୍ଚିଥିଲା। ଆର୍ଥିକ କ୍ଷେତ୍ରରେ ଏଭଳି ପାଗଳପଣ ବା ମୂର୍ଖତା ପାଇଁ ସ୍ମୁଟ-ହାଓ୍ୱଲେ ସେବେଠାରୁ ଏକ ସାଙ୍କେତିକ ଶବ୍ଦ ହୋଇଯାଇଛି। ୧୯୪୫ରୁ ଅନେକ ଆର୍ଥିକ ଉତ୍ଥାନ ପତନ ମଧ୍ୟରେ ଏଭଳିସବୁ ପଦକ୍ଷେପକୁ ଅନୁସରଣ ଓ ନବୀକରଣ କରାଯାଇ ଆସିଛି। ତେବେ ବିତ୍ତୀୟ ଏବଂ ବିଶ୍ୱ ସ୍ୱାସ୍ଥ୍ୟ, ସୁରକ୍ଷା ଏବଂ ସାମାଜିକ ସଚେତନତା କ୍ଷେତ୍ରରେ କ'ଣ ସବୁ ଘଟିଛି।

ଗ୍ରେଟ୍ ଡିପ୍ରେସନ ବିପର୍ଯ୍ୟୟ କାହାଣୀକୁ ସାମ୍ନାକୁ ଆଣିଥିବାବେଳେ ଆଉ ଏକ ମୁଖ୍ୟ କାହାଣୀ ଏହାଠାରୁ ଆହୁରି ବିପଜ୍ଜନକ। କାରଣ ଯେତେବେଳେ ପ୍ରଳୟର ସ୍ୱର କର୍କଶ ହୋଇଯିବା ପରେ ଏହା ସାଧାରଣତଃ ଆରମ୍ଭ ହୁଏ। ଏହା ହେଉଛି 'ମଡ୍ଲିଙ୍ଗ ଥ୍ରୁ'ର କାହାଣୀ, ଯାହା ବିନା ବିଶେଷଜ୍ଞ, ଯୋଜନା ଓ ସାଧନରେ ଏକ ସନ୍ତୋଷଜନକ ପଦ୍ଧତି ଓ ଏହାକୁ କ୍ରାଇସିସ୍ ମ୍ୟାନେଜରମାନେ ଅଧିକ ସମର୍ଥନ କରନ୍ତି। ଏହି ପଦ୍ଧତି ବିଜ୍ନେସ୍‌କୁ ପୂର୍ବରୁ ଯେଉଁଭି ରହିଥିଲା ସେହି ସ୍ତରକୁ ଆଣିବାକୁ ଚାହିଁଥାଏ। ବାଣିଜ୍ୟ ଭାଗୀଦାରିମାନେ ହ୍ୱାଇଟ୍ ହାଉସ୍‌ରେ ଚୁକ୍ତି କରିବା ପାଇଁ ଲାଇନ ଲଗାଉଥିବାରୁ ଏହା ହେବାକୁ ଯାଉଥିବା ଦେଖାଗଲାଣି।

୨୦୦୮ ଆର୍ଥିକ ସଙ୍କଟ ସମୟରେ ମଡ୍ଲିଙ୍ଗ ଥ୍ରୁ ଘଟିଥିଲା। ପ୍ରଥମେ ବିଶେଷଜ୍ଞମାନେ ସତର୍କ କରିଦେଇଥିଲେ ଯେ, ୧୯୨୯ ଘଟଣାର ପୁନରାବୃତ୍ତି ଘଟିବ। କିନ୍ତୁ ବିଶ୍ୱର ଅର୍ଥ ବ୍ୟବସ୍ଥାକୁ ପରିଚାଳନା କରୁଥିବା ବ୍ୟକ୍ତିଙ୍କ ନିକଟରେ ମାନ୍ଦାବସ୍ଥା ଟାଳିବାକୁ ଉପାୟ ଥିଲା। ସେତେବେଳେ ସୃଷ୍ଟି ହୋଇଥିବା ସ୍ଥିତିକୁ ବିଶେଷଜ୍ଞମାନେ 'ଗ୍ଲୋବାଲ ଫାଇନାନ୍ସିଆଲ କ୍ରାଇସିସ୍' ଭାବେ ନାମିତ କରିଥିଲେ; ଯେଉଁଥିରେ ଅନେକ ଲକ୍ଷ ଘରମାଲିକ, ଗ୍ରୀସ୍ ଏବଂ ୟୁକ୍ରେନୀୟଙ୍କ ଉପରେ ପଥକର ଲାଗୁ କରାଯାଇଥିଲା। କିନ୍ତୁ ବ୍ୟବସ୍ଥାଗତ ସୁଧାର ଉପରେ ଗୁରୁତ୍ୱ ଦିଆଯାଇ ନ ଥିଲା। ଏହି ଘଟଣାରେ ଅର୍ଥ ବ୍ୟବସ୍ଥାରେ ଦୁର୍ବିଗତ ପରିଚାଳକମାନେ ସୁଧାରକୁ ଆଗକୁ ବଢ଼ାଇବା ଲାଗି ଶସ୍ତା ଋଣ ଓ ଶସ୍ତା ଶକ୍ତି ତଥା ପ୍ରାକୃତିକ ଗ୍ୟାସ୍ ଉପରେ ଭରସା କରିଥିଲେ। ମଡ୍ଲିଙ୍ଗ ଥ୍ରୁ ପ୍ରଥମରୁ ପ୍ରଭାବଶାଳୀ ଦେଖାଗଲେ ମଧ୍ୟ ଏହା ମୂଳ ସମସ୍ୟାକୁ ସମାଧାନ କରିବାରେ ବିଫଳ ହୋଇଥାଏ। ୨୦୦୮ ପରେ ଜଗତୀକରଣରେ ଯୋଜନା ଓ ରଣନୀତିରେ ପରିବର୍ତ୍ତନ ଆବଶ୍ୟକ ଥିଲା। ଏହାକୁ ଅଧିକ ସ୍ୱଚ୍ଛ ଓ ସମାବେଶୀ କରିବା ପାଇଁ ବୈଶ୍ୱିକ ଚୁକ୍ତିର ନବୀକରଣ ଦରକାର ଥିଲା। କିନ୍ତୁ ତାହା ହୋଇପାରି ନ ଥିଲା। ମଡ୍ଲିଙ୍ଗ ଥ୍ରୁ ୨୦୧୬ ପର୍ଯ୍ୟନ୍ତ କାମ କରିଥିଲା। କିନ୍ତୁ କୋଭିଡ୍ ମହାମାରୀ ସମୟରେ ବିଶ୍ୱର ପ୍ରତିଷ୍ଠିତ ନେତାମାନଙ୍କ ପାଇଁ ଏହି ନୀତି ଲାଗୁ କରିବାକୁ ସୁଯୋଗ ରହିଲା ନାହିଁ। ସେବେଠାରୁ ବିଶ୍ୱନେତାଙ୍କ ପାଇଁ ଏହାର ଯଥାର୍ଥତା ଶେଷ ହୋଇଯାଇଛି।

ତେବେ ଆମେ ଶହେବର୍ଷର ପୁରୁଣା ଭୁଲର ପୁନରାବୃତ୍ତି କରି ଏକ ସଙ୍କଟକୁ ପତନରେ ପରିଣତ କରିବାକୁ ଚାହୁଁଛୁ କି? ଆମେ ପୁନର୍ବାର ଏବେ ମଡ୍ଲିଙ୍ଗ ଥ୍ରୁର ନିକଟତର ହେବାକୁ ଯାଉଛୁ କି? ଜାହାଣୀର ନବୀକରଣ ବିଫଳ ହୋଇଥିଲେ ବି ଇତିହାସରେ ଏଭଳି ଅଭିଯାନ ସବୁ ପରିପୂର୍ଣ୍ଣ ହୋଇ ରହିଛି। ଦ୍ୱିତୀୟ ବିଶ୍ୱଯୁଦ୍ଧ ସାମ୍ରାଜ୍ୟଗୁଡ଼ିକର ପତନ କରି ନୂଆ ବୈଶ୍ୱିକ ବ୍ୟବସ୍ଥା ଗଠନ କରିଥିଲା। ଟ୍ରମ୍ପଙ୍କ ଉତ୍ଥାନର ବହୁ ପୂର୍ବରୁ ଏହି ବିଶ୍ୱ ବ୍ୟବସ୍ଥାରେ ସମସ୍ୟା ରହିଥିଲା। ଏବେ ଆଣବିକ ପ୍ରସାର ପୁଣି ହୋଇଛି। ଅସମାନତା ବଢ଼ିଲା, ସବୁଜଗୃହ ବାଷ୍ପ ନିର୍ଗମନ ରୋକିବା ଚୁକ୍ତିଗୁଡ଼ିକରେ ବାଧା ସୃଷ୍ଟି କରାଯାଇଛି ଏବଂ ବୈଶ୍ୱିକ ବାଣିଜ୍ୟ ବ୍ୟବସ୍ଥା କ୍ଷମତାଶୂନ୍ୟ ହୋଇଯାଇଛି। ଦୋହା ବାଣିଜ୍ୟ ଚୁକ୍ତି ଶେଷ ହୋଇଗଲା। ବିଶ୍ୱ ବାଣିଜ୍ୟ ସଂଗଠନର ଚୁକ୍ତି କାମ କଲାନାହିଁ। ଯଦି ଆମେ ଏହି ତ୍ରୁଟିପୂର୍ଣ୍ଣ ଆତ୍ମ ନିର୍ଭରଶୀଳତା ସହ ସାଲିସ କରିବା ତେବେ ଆମେ ପୁନର୍ବାର ୨୦୦୮ର ପଦ୍ଧତିକୁ ଫେରିଯିବା। ଲିବରେଶନ ଡେ ପୂର୍ବରୁ ବିଶ୍ୱ ବାଣିଜ୍ୟ ବ୍ୟବସ୍ଥାକୁ ନବୀକରଣ ବା ପୁନର୍ଗଠନ ଦରକାର। ଏହା ଯେତେଶୀଘ୍ର ହେଲେ ସେତେ ଭଲ ହେବ। ଏହି ପୁନର୍ଗଠନ ସୃଜନଶୀଳ ବିଚାରରୁ ଆରମ୍ଭ ହେବା ଆବଶ୍ୟକ।

ଡାଇରେକ୍ଟର, ଗ୍ଲୋବାଲ ହିଷ୍ଟ୍ରି ଲାବ୍, କେମ୍ବ୍ରିଜ ୟୁନିଭର୍ସିଟି

# କେହି କାହାରିକୁ ଶିଖାନ୍ତି ନାହିଁ



ନଗେନ୍ଦ୍ର ନାଥ ପଟ୍ଟନାୟକ

ଗୁରୁ କିଏ ନିଷ୍ପୃହ ହୋଇ ନବାଗତଙ୍କ ଆଡ଼େ ଅନୁଧ୍ୟାନ କରୁଥିଲେ। କିଛିକ୍ଷଣ ପରେ ନାରବତା ଭଙ୍ଗ କରି ଗୁରୁ କହିଲେ– ବତ୍ସ! ତୁମେ ମୋ ପାଖକୁ ଆସିଛ, ତେଣୁ ମୁଁ ଏହାକୁ କୃପା ବୋଲି ସ୍ୱୀକାର କରୁଛି। ଯାହାଙ୍କ ଦ୍ୱାରା ତୁମେ ଏଠିକି ପ୍ରେରିତ ହୋଇଛ ତାଙ୍କର ତ ମୋ ପ୍ରତି ଅନୁଗ୍ରହ ରହିଛି। ମୁଁ କିଛି ଶିକ୍ଷା ପ୍ରଦାନ କରିପାରିବି ବୋଲି ସିଏ ମୋତେ ଯୋଗ୍ୟ ବିଚାରିଛନ୍ତି। କିନ୍ତୁ ମୁଁ ଜାଣେ ମୁଁ ଯେଉଁ ପାତ୍ର ନୁହେଁ। ମୋଠାରେ ଶିକ୍ଷା ଲାଭ କରିବା ଲାଗି କ'ଣ ଅଛି ଯେ? ମୁଁ ତ କାହାରିକୁ କିଛି ଶିଖାଇ ପାରେନି, କାରଣ ମୁଁ ନିଜେ ହିଁ ନିରନ୍ତର ଶିଖୁଚାଲିଛି। ବସ୍ତୁତ ଦୃଷ୍ଟି କୋଣରୁ ବିଚାରିଲେ, କେହି ଜଣେ ବି କାହାରିକୁ କିଛି ଶିଖାନ୍ତି ନାହିଁ, ଯାହା ବି ଶିକ୍ଷା ଲାଭ କରାଯାଏ ନିଜ ଅନ୍ତରର କୌଣସି ଉନ୍ମେଷରୁ ଶିଖାଯାଏ। ଏଥି ବ୍ୟତିରେକ ଯାହାଙ୍କୁ ଗୁରୁର ଶ୍ରେୟ ମିଳେ ସିଏ କେବଳ ସେଇ ଉନ୍ମେଷର ନିମିତ୍ତମାତ୍ର। ନିମିତ୍ତମାତ୍ର ହେବା ପାଇଁ ଗୁରୁର କି ଆବଶ୍ୟକତା ଅଛି ଯେ?

ଏହାପରେ ନବଆଗନ୍ତୁକ ଜଣକ ମଥାନତ କରି କହିଲେ– ମୁଁ ତ ଏଠିକି ଆଗମନ କରିବା ପୂର୍ବରୁ ମନେ ମନେ ଆପଣଙ୍କୁ ମୋର ଗୁରୁ ରୂପେ ସ୍ୱୀକାର କରିସାରିଛି। ଏଣିକି ଆପଣଙ୍କର ଯେମିତି ଅଭିମତ ହୋଇପାରେ। ଗୁରୁ ପୁଣିଥରେ କହିଲେ– ଯାହା ତୁମର ଇଚ୍ଛା ବତ୍ସ। ଏଇଟି କୁଟୀର, ଅଧ୍ୟୟନ ଓ ଚିନ୍ତନ ସକାଶେ ଯେମିତି ସୁବିଧା ତୁମର ଆବଶ୍ୟକ ଅଛି ଏଇଠୁ ହିଁ ପାଇପାରିବ। ଗୁରୁ ଥରୁଟିଏ ମୁହଁ ଉଠେଇ ବାହାରକୁ ଦୃଷ୍ଟି ପକାଇଲେ। ତା' ପରେ ନିର୍ବିକାର ଭିତରେ କହିଲେ – ଏ ସବୁ ହିଁ ଏଇଠି ଅଛି। ଦେଖ ଶୁଣ, ଇଚ୍ଛା ହେଲେ ଚିନ୍ତନ କର ଯେତିକି ପାର ଆନନ୍ଦ ପ୍ରାପ୍ତକର। ଆଚ୍ଛା, କ'ଣ ଦେଖୁଛ? ଗୁରୁଦେବ! ମୁଁ ପକ୍ଷୀଟିଏ ଦେଖିଲି, ଖୁବ୍ ସୁନ୍ଦର ପକ୍ଷୀ। ଆଉ, ମୋର ମନ ହେଉଥିଲା ମୁଁ ବି ଯଦି ଏମିତି ପକ୍ଷୀଟିଏ ହୋଇଥାନ୍ତି ତେବେ ଅସୀମ ସୁନୀଳ ଆକାଶ ଛାତିରେ ଡେଣା ଖୋଲି ଉଡ଼ି ବୁଲନ୍ତି ଓ ଦୂରଦୂରାନ୍ତର ବିଚରଣ କରନ୍ତି। ଗୁରୁ ଟିକିଏ ସ୍ଥିର ଦୃଷ୍ଟିରେ ନବ ଯୁବକ ଆଡ଼କୁ ଚାହିଁ କହିଲେ – ଭଲ ତ ଗୋଟିଏ କେଉଁମାନ। ଯାଅ, ଆହୁରି ନିରୀକ୍ଷଣ କର, ଯେତିକି ହୋଇପାରେ ଆନନ୍ଦ ଲାଭକର। କୁହ ତ, ଏଥର କ'ଣ ଦେଖିଲ? ଗୁରୁଦେବ ମୁଁ ଗୋଟିଏ ବିରାଟ ସୁନ୍ଦର ପକ୍ଷୀଟିଏ ଦେଖିଲି। ଏମିତି ତ ଗୋଟିଏ ଅଦ୍ଭିତୀୟ ଖୁବ୍ ସୁନ୍ଦର ପକ୍ଷୀ। ତା'ପରେ ମୋର ମନେ ହେଉଥିଲା କୌଣସି ପ୍ରକାରେ ତାକୁ ଧରିନେଲେ ପଞ୍ଜୁରିରେ କରିନିଅନ୍ତି ଯେ ସେ ସର୍ବଦା ମୋ ପାଖରେ ରହନ୍ତା, ଆଉ ମୁଁ ତାକୁ ଦେଖାକରନ୍ତି। ଗୁରୁ କହିଲେ–ଛାଡ, କିଛି ତ ଦେଖିଲ ନା? କେଉଁଠିନା ସତ୍ୟଟା ଅଛି; କିନ୍ତୁ ଏବେ ଜ୍ଞାନ ହୋଇନି। ଯାଅ, ପୁଣି ଦେଖି ଶୁଣ, ଯେତିକି ପାରୁଛ ଗ୍ରହଣ କର। କ'ଣ ଦେଖିଲ,? ମୁଁ ପକ୍ଷୀଟିଏ ଦେଖିଲି। ସେମିତି ମୁଁ ଅନ୍ୟକୁ ଦେଖିଲିନି। କଳ୍ପନା ବି କରି ପାରିନିନି ଯେ ଭବିଷ୍ୟତରେ ଏଭଳି ସୁନ୍ଦର ପକ୍ଷୀଟିଏ ବି ଥାଇପାରେ। ତା'ପରେ ? ଶିଷ୍ୟ ଉତ୍ତର ଫେରାଇଲେ–ଆଉ କିଛି ନାହିଁ, ଗୁରୁଦେବ। ମୁଁ ତାକୁହିଁ ଦେଖୁଚାଲିଲି। ମୁଁ ସ୍ୱୟଂପ୍ରଭୁ ହୋଇ କହିଲି, ଏ ପକ୍ଷୀଟି ଅଛି, ଏ ସୁନ୍ଦର, ଏ ଅପ୍ରତିମ। ତା'ପରେ ସେ ଉଡ଼ିଗଲା। ମୁଁ ଆପଣାଛାଏ କହିଲି, ମୁଁ ଦେଖୁଥିଲି, ସେ ସୁନ୍ଦର ଥିଲା ଓ ଅପ୍ରତିମ ଥିଲା ଓ ସେ ଉଡ଼ିଗଲା; କିନ୍ତୁ ମତେ ସେ ପକ୍ଷୀରୁ କ'ଣ ମିଳିଲା ? ତା' ଜୀବନ ତା'ର। ଏହା ପରେ ମୁଁ ନିସ୍ତବ୍ଧ ହୋଇଗଲି।' ଗୁରୁ ସ୍ଥିର ଦୃଷ୍ଟିରେ ଶିଷ୍ୟଙ୍କୁ ଚାହିଁ ରହିଥିଲେ। ନା ସେ ଦୃଷ୍ଟିରେ ଉଦ୍ବୁଦ୍ଧ ପଣରେ କୌଣସି ନୂନତା ଥିଲା ନା ତା'ର ରହସ୍ୟମୟତା। ପୁଣି ତାଙ୍କ ମୁଖମଣ୍ଡଳରେ ହଠାତ୍ ଏକ ବାତ୍ସଲ୍ୟପୂର୍ଣ୍ଣ ସ୍ମିତ ଫୁଟିଉଠିଲା ଆଉ ସେ କହିଲେ– ତା'ହେଲେ ତୁମେ ଦେଖିଲେ,ଏବେ ଜ୍ଞାନ। ତା'ରୁ ବେଶି କିଛି ମୋଠାରୁ ଶିଖିବାର ନାହିଁ। ଇଏ ବି ମୋ ପାଖେ ନାହିଁ, ସର୍ବତ୍ର ବିଛେଇ ହୋଇଯାଇଛି। ମୁଁ କହିଥିଲି ନା କେହି କାହାରିକୁ କିଛି ଶିଖାଇ ନ ଥାଏ। ଉନ୍ମେଷ ଭିତରୁ ହିଁ ହୁଏ। ଗୁରୁ ନିମିତ୍ତମାତ୍ର ହୋଇପାରନ୍ତି; କିନ୍ତୁ ନିମିତ୍ତମାତ୍ର ତ କିଛି ବି ହୋଇପାରେ। ମୋଟାମୋଟି କହିବାକୁ ଗଲେ, ଜ୍ଞାନପ୍ରାପ୍ତି କରିବାର କୌଣସି ନିର୍ଦ୍ଦିଷ୍ଟ ବୟସସୀମା ନାହିଁ। ଏମିତି ତ ନୁହେଁ ଯେ ଆମେ କୌଣସି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଶିକ୍ଷା ସମାପ୍ତି ହେବାଖଣି ଜ୍ଞାନ ଆହରଣ କରିପାରିବା। ସମଗ୍ର ଜୀବନ–ଜନ୍ମଠାରୁ ଆରମ୍ଭ କରି ମୃତ୍ୟୁ ପର୍ଯ୍ୟନ୍ତ ଶିକ୍ଷାଲାଭ କରିବାର ପ୍ରକ୍ରିୟା ଜାରିରୁହେ। ଆମେ ବହି ନ ଓଲଟେଇଲେ ବି ଶିକ୍ଷାଲାଭ କରନ୍ତି। ଏଥିପାଇଁ କେବଳ ନିଜ ଚାରିପଟେ ଅବଲୋକନ କରିବାର ଆବଶ୍ୟକତା ରହିଛି। ଏପରି ଆମେ ପ୍ରତିଟି ମୁହୂର୍ତ୍ତରେ କିଛି ନା କିଛି ଶିଖୁଥିବା।

ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ, ଓଡ଼ିଶା ସରକାର
ଲକ୍ଷ୍ମୀସାଗର କେନାଲ ରୋଡ୍, ଭୁବନେଶ୍ୱର
ମୋ:୯୪୩୭୩୩୨୧୩୧

## ଏଇ ଭାରତରେ

୫୦୦ ବର୍ଗଫୁଟ ଜାଗାରେ ପରିବା ଚାଷ କରି କେରଳର ପଦ୍ମା ସୁରେଶ ପରିବାରର ଆବଶ୍ୟକତା ପୂରଣ କରିବା ସହ ବଳକା ପରିବା ବଜାରରେ ବିକ୍ରି କରୁଛନ୍ତି। ସେ ପରିବା ବିକ୍ରି କରି ମାସକୁ ୫,୦୦୦ ଟଙ୍କା ସଞ୍ଚୟ କରିପାରୁଛନ୍ତି। ୨୦୦ ଗ୍ରୋ–ବ୍ୟାଗରେ ସେ ଲଙ୍କା, ଚେରି ଟମାଟୋ, ବିନ୍ସ, କାକୁଡ଼ି, ବାଇଗଣ, ଭେଣ୍ଡି ଓ ଶୀତଦିନେ କୋବି ଆଦି ୨୦ ପ୍ରକାର ପରିବା ଚାଷ କରୁଛନ୍ତି। ଏହି ଚାଷ ସମ୍ପୂର୍ଣ୍ଣ ଜୈବିକ ପଦ୍ଧତିରେ କରୁଛନ୍ତି। ସେ ପରିବାର ପାଇଁ କେବଳ ଆଳୁ, ରସୁଣ, ପିଆଜ, ହଳଦୀ ବଜାରରୁ କିଣୁଛନ୍ତି। ପଦ୍ମା ପ୍ରତି ରବିବାର ପରିବା ବିକ୍ରି କରିବାକୁ ବଜାରକୁ ଯାଉଛନ୍ତି। ସେ ଏହି ଚାଷ ପାଇଁ ଜୈବିକ ଖତ ଓ କୀଟନାଶକ ବ୍ୟବହାର କରୁଛନ୍ତି। ଏହାକୁ ପଦ୍ମା ନିଜେ ପ୍ରସ୍ତୁତ କରୁଛନ୍ତି। ପଦ୍ମାଙ୍କ ବୟସ ଏବେ ୪୮। ସେ ପିଲାଦିନେ ସ୍କୁଲରେ ପଢ଼ିବା ସମୟରେ ତାଙ୍କ ପିତାଙ୍କ ସହ ବହୁ ସମୟ କୃଷିରେ କଟାଉଥିଲେ। କୃଷି ପ୍ରତି ଆଗ୍ରହ ସେହି ସମୟରୁ ସୃଷ୍ଟି ହୋଇଥିଲା ଓ ବିବାହ କରିବା ପରେ ଅଗଣାରେ ଗ୍ରୋ–ବ୍ୟାଗରେ ଚାଷ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୫ ଏପ୍ରିଲ ୧୯୭୬

- ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ୨୦ ଦଫା ଅର୍ଥନୈତିକ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ରାଜ୍ୟ ସରକାର ସାଧାରଣ ଲୋକଙ୍କ ଦ୍ୱାରା ବ୍ୟବହୃତ କେତେକ ଜିନିଷପତ୍ର ଉପରୁ ବିକ୍ରି ଟିକସ ଛାଡ଼ କରିଛନ୍ତି।
- ନାଗପୁର ବିଶ୍ୱବିଦ୍ୟାଳୟର ପ୍ରତ୍ନତତ୍ତ୍ୱ ବିଭାଗର ମୁଖ୍ୟ ଅଜୟ ମିତ୍ର ଶାସ୍ତ୍ରୀଙ୍କ ତତ୍ତ୍ୱାବଧାନରେ ଉମାର ତହସିଲର ମଣ୍ଡଳ ନାମକ ଗ୍ରାମରେ ଖନନ କରାଯାଇ ୪ର୍ଥ, ୫ମ ଶତାବ୍ଦୀର ଶିବ ମନ୍ଦିରର ଅଂଶବିଶେଷ ଓ ତାମ୍ରଲିପି ଆବିଷ୍କୃତ।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 6 | | | 1 | | 8 | | | |
| | | | | | | 7 | | |
| | | | 9 | | | 3 | | |
| 7 | | | | 4 | 2 | | | 1 |
| 9 | 2 | 4 | | | | | | 7 |
| | 1 | | | | 7 | 6 | | |
| | | 2 | | | | | | |
| | | 5 | 3 | | | 4 | | 2 |
| 3 | 4 | | | | 1 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 6 | 2 | 9 | 4 | 1 | 3 | 5 | 8 |
| 5 | 9 | 8 | 3 | 6 | 7 | 1 | 4 | 2 |
| 4 | 1 | 3 | 5 | 8 | 2 | 7 | 6 | 9 |
| 8 | 4 | 7 | 6 | 2 | 5 | 9 | 3 | 1 |
| 2 | 5 | 9 | 1 | 3 | 8 | 6 | 7 | 4 |
| 1 | 3 | 6 | 4 | 7 | 9 | 8 | 2 | 5 |
| 3 | 2 | 1 | 8 | 5 | 6 | 4 | 9 | 7 |
| 9 | 7 | 4 | 2 | 1 | 3 | 5 | 8 | 6 |
| 6 | 8 | 5 | 7 | 9 | 4 | 2 | 1 | 3 |

ଗତକାଲିର ଉତ୍ତର

# ସଂସାରର ବିଜ୍ଞାନ ତତ୍ତ୍ୱ



ଡ.ନରେନ୍ଦ୍ର ସେଠୀ

ଆମେ ଆମ ଚାରିପାଖରେ ଯେଉଁସବୁ ଘଟଣା ଦେଖୁଛେ ତାହା ସବୁ ବିଜ୍ଞାନର କିଛି ମୌଳିକ ନିୟମ ଅନୁସାରେ ଘଟିଥାଏ। ସୂର୍ଯ୍ୟଙ୍କ ଉଦୟ ଏବଂ ଅସ୍ତ ହେବା, ଋତୁ ପରିବର୍ତ୍ତନ ହେବା, ଗାଡ଼ିରେ ବ୍ରେକ୍ ମାରିବା ପରେ କିଛି ବାଟ ଯାଇ ଅଟକିବା, ବଡ଼ିକା ଖାଇବା ଦ୍ୱାରା ମୁଣ୍ଡ ବିନ୍ଧା ଠିକ୍ ହେବା, ଉଡ଼ାଜାହାଜ ନିରାପଦରେ ଅବତରଣ କରିବା ଇତ୍ୟାଦି ସବୁ ବିଜ୍ଞାନର ନିୟମ ଅନୁସାରେ ହୋଇଥାଏ। ଏହିସବୁ ନିୟମ ହେଲା ମାଧ୍ୟାକର୍ଷଣ ନିୟମ, ଶକ୍ତି ସଂରକ୍ଷଣ ନିୟମ, ସଂବେଗ ସଂରକ୍ଷଣ ନିୟମ, ଗତି ଓ ଉଷ୍ମଗତିକ ନିୟମ। ଏହିସବୁ ନିୟମ ପଦାର୍ଥ ବିଜ୍ଞାନର ଶାସ୍ତ୍ରୀୟ ନିୟମ। ଧରନ୍ତୁ ଆପଣ ଜଣେ ବ୍ୟକ୍ତି ଓ ଆପଣଙ୍କ ବୟସ ୪୫ ବର୍ଷ କିନ୍ତୁ ଯଦି ଏକ ଶକ୍ତିଶାଳୀ ଅଣୁ ବୀକ୍ଷଣ ଯନ୍ତ୍ର ନେଇ ଆପଣଙ୍କ ଶରୀରକୁ ନିରୀକ୍ଷଣ କରାଯାଏ, ତା'ହେଲେ ଆପଣଙ୍କ ଦେହରେ ୫୦ ଲକ୍ଷ କୋଟି କୋଷ ପରସ୍ପର ସହିତ ତାଳ ଦେଇ ଅନେକ କାର୍ଯ୍ୟ କରୁଛନ୍ତି। ଆହୁରି ତର୍ଜମା କଲେ ପାଇବେ ଗୋଟିଏ କୋଷ ଭିତରେ ୨୦ ଲକ୍ଷ କୋଟି ପରମାଣୁ ଅଛି। ଏଣୁ ଆପଣ ଜଣେ ୪୫ ବର୍ଷ ବ୍ୟକ୍ତି ବଦଳରେ ଅନେକ ଅଲଗା ଅଲଗା କାର୍ଯ୍ୟ କରି ଶରୀରକୁ ରୂପ ଦେଉଥିବା ୧୦୦୦ ଲକ୍ଷ କୋଟି ପରମାଣୁର ଏକ ବାସସ୍ଥାନ। ଯଦି ବିଜ୍ଞାନ ଦୃଷ୍ଟିରେ ଆହୁରି ସୂକ୍ଷ୍ମ ରୂପରେ ଦେଖାଯାଏ ତା'ହେଲେ ପ୍ରତ୍ୟେକ ପରମାଣୁ ଭିତରେ ଇଲେକ୍ଟ୍ରୋନିକ ପ୍ରୋଟୋନ ଅଛନ୍ତି ଓ ଏସବୁ ଆଲୋକ ବେଗରେ ଗତି କରୁଛନ୍ତି। ଅର୍ଥାତ୍ ଆମର ଶରୀର ଆଲୋକ ବେଗରେ ଗତି କରୁଥିବା ଏକ ଶକ୍ତିଶାଳୀ କଣିକାଗୁଡ଼ିକର ସମାହାର। ଯଦିଓ ଆମ ଚାରିପଟର ସଂସାର ଏହି ଶାସ୍ତ୍ରୀୟ ପଦାର୍ଥ ବିଜ୍ଞାନର ନିୟମ ଅନୁସାରେ ଚାଳିତ, ଆଶ୍ଚର୍ଯ୍ୟ କଥା ହେଲା ସଂସାରର ଯେଉଁ ଛୋଟ ଛୋଟ କଣିକା ଦ୍ୱାରା ନିର୍ମିତ ଯେମିତି କାର୍କ, ଫୋଟୋନ, ଇଲେକ୍ଟ୍ରୋନ, ପ୍ରୋଟୋନ, ନିୟୁଟ୍ରୋନ ଏହି ଶାସ୍ତ୍ରୀୟ ନିୟମକୁ ମାନନ୍ତି ନାହିଁ।

ଶାସ୍ତ୍ରୀୟ ପଦାର୍ଥ ବିଜ୍ଞାନ ଅଣୁ ପରମାଣୁ ସ୍ତରରେ ଅକାମୀ ହୋଇଯାଏ। ଏହିସବୁ ଛୋଟ ଛୋଟ କଣିକା କ୍ୱାଣ୍ଟମ ବିଜ୍ଞାନ ଦ୍ୱାରା ପରିଚାଳିତ। କ୍ୱାଣ୍ଟମ ପଦାର୍ଥ ବିଜ୍ଞାନ ଆଧୁନିକ ଯୁଗର ଏକ ସର୍ବୋତମ ଓ ରହସ୍ୟମୟ ବିଜ୍ଞାନ। ଏହି ବିଜ୍ଞାନ ଅନୁସାରେ ବିଶ୍ୱର ସମସ୍ତ ପଦାର୍ଥ ତରଙ୍ଗ ଭଳି ବ୍ୟବହାର କରନ୍ତି। ତାହାର ମାନେ ହେଲା ଆମେ ଯେତେ ସବୁ ଜିନିଷ ଦେଖୁଛେ ସବୁ ତରଙ୍ଗମୟ ଓ ସବୁ ଜିନିଷର ପାଣିର କିମ୍ବା ପବନର ଢେଉ ସଦୃଶ ଏକ ନିର୍ଦ୍ଦିଷ୍ଟ ତରଙ୍ଗ ଦୈର୍ଘ୍ୟ ଅଛି। ତରଙ୍ଗ ହେଲା ଏକ ଅଶାନ୍ତ ଅବସ୍ଥା ଯାହା ପଦାର୍ଥ, ପବନ କିମ୍ବା ପାଣିରେ ଶକ୍ତିକୁ ନେଇ ଯାତ୍ରା କରିଥାଏ। ପାଣିର ଢେଉ, ଶବ୍ଦ ତରଙ୍ଗ, ରେଡିଓ ତରଙ୍ଗ ଇତ୍ୟାଦି ସବୁ ଏକ ଏକ ତରଙ୍ଗ ଅଟନ୍ତି। ୧୭୦୪ ରେ ଆଇଜାକ ନିୟୁଟନ 'ଅପ୍ଟିକ' ନାମକ ଏକ ପୁସ୍ତକ ରଚନା କରି କହିଲେ, ଆଲୋକ ହେଉଛି କଣିକାମାନଙ୍କର ଏକ ସମୂହ। ଏହାର ଠିକ୍‌ଶହେ ବର୍ଷ ପରେ ୧୮୦୧ରେ ଥୋମାସ ୟଙ୍ଗ ନାମକ ଆଉଜଣେ ବୈଜ୍ଞାନିକ ବିଜ୍ଞାନର ବିଶ୍ୱ ପ୍ରସିଦ୍ଧ 'ଡବଲ ସ୍ଲିଟ ପରୀକ୍ଷା' ଦ୍ୱାରା ଆଲୋକ ଏକ ତରଙ୍ଗ ବୋଲି ପ୍ରମାଣିତ କରିଦେଲେ। ତେଣୁ



ଆଲୋକକୁ କଣିକା ପରିବର୍ତ୍ତେ ତରଙ୍ଗ ବୋଲି ବିଜ୍ଞାନ ମାନିବାକୁ ବାଧ୍ୟ ହେଲା। କିନ୍ତୁ ଏହାର ଶହେ ବର୍ଷ ପରେ ଆଲବର୍ଟ ଆଇନଷ୍ଟାଇନ ତାଙ୍କର ଯୁଗାନ୍ତକାରୀ ଗବେଷଣାକୁ ୧୯୦୫ ରେ ପ୍ରକାଶିତ କରି ଡବଲ ସୃଷ୍ଟି କରିଦେଲେ। ସେ ପରୀକ୍ଷା କରି ପ୍ରମାଣିତ କରିଦେଲେ ଯେ ଆଲୋକ ଯଦି କୌଣସି ଧାତୁ ଉପରେ ପଡ଼େ ତା'ହେଲେ ଏହା ଧାତୁର ପରମାଣୁରୁ ଇଲେକ୍ଟ୍ରୋନଗୁଡ଼ିକୁ ବାହାର କରିବାରେ ସକ୍ଷମ ହୋଇଥାଏ। ଆଲୋକର କଣିକା ଧାତୁର ଅଣୁକୁ ଶକ୍ତି ପ୍ରଦାନ କରିବାରୁ ଏହିପରି ହୋଇଥାଏ ଓ ଏହାକୁ 'ଫଟୋ ଇଲେକ୍ଟ୍ରିକ ଇଫେକ୍ଟ' କୁହାଯାଏ। ଆଇନଷ୍ଟାଇନ ଏଥିପାଇଁ ନୋବେଲ ପୁରସ୍କାର ପାଇଲେ ଓ ଆଲୋକ ଉଭୟ ଆଲୋକ ଓ କଣିକାର ପ୍ରକୃତି ବହନ କରେ ବୋଲି ବିଜ୍ଞାନ ମାନିବାକୁ ବାଧ୍ୟ ହେଲା। କିନ୍ତୁ ୧୯୨୪ରେ ଲୁଇ ଜନ୍‌ସନ ନାମକ ଜଣେ ବୈଜ୍ଞାନିକ ଇଲେକ୍ଟ୍ରୋନ ମଧ୍ୟ ଆଲୋକ ପରି ଉଭୟ କଣିକା ଓ ତରଙ୍ଗ ଭାବରେ ବ୍ୟବହାର କରେ ବୋଲି ପ୍ରମାଣିତ କରିଦେଲେ। ତାଙ୍କ ଗବେଷଣାରେ ଜଣାପଡ଼ିଲା ଯେ ଇଲେକ୍ଟ୍ରୋନକୁ ଦେଖିଲେ ତାହା କଣିକା ପରି ଓ ନ ଦେଖିଲେ ତାହା ତରଙ୍ଗ ପରି ବ୍ୟବହାର କରୁଛି। ଏହା ବିଶ୍ୱର ସମସ୍ତ ବୈଜ୍ଞାନିକଙ୍କୁ ଆଶ୍ଚର୍ଯ୍ୟ କଲା ଓ ଏହାକୁ ପର୍ଯ୍ୟବେକ୍ଷକ ପ୍ରଭାବ କୁହାଗଲା। ବିଜ୍ଞାନର ଏହି ତଥ୍ୟ କ୍ୱାଣ୍ଟମ ପଦାର୍ଥ ବିଜ୍ଞାନକୁ ଜନ୍ମ ଦେଇଥିଲା। ପରେ ଜଣାଗଲା ବିଶ୍ୱର ସବୁ ସୂକ୍ଷ୍ମ କଣିକା ଯେମିତିକି ପ୍ରୋଟୋନ, ନିୟୁଟ୍ରୋନ ସମସ୍ତେ ତରଙ୍ଗ ଭଳି ପ୍ରକୃତି ଧାରଣ କରନ୍ତି। ତାହାର ମାନେ ହେଲା ଏହି ସଂସାର ଯେଉଁ ସୂକ୍ଷ୍ମ ତତ୍ତ୍ୱ ଦ୍ୱାରା ନିର୍ମିତ ସେସବୁ ଏକା ସମୟରେ ତରଙ୍ଗ ଓ କଣିକା। ପର୍ଯ୍ୟବେକ୍ଷକ ପ୍ରଭାବ ଅନୁସାରେ ସଂସାରର ସବୁ ଜିନିଷ ତରଙ୍ଗ ଭଳି ବ୍ୟବହାର କରନ୍ତି ଓ ଏହାକୁ ଦେଖିଲା ମାତ୍ରେ ପଦାର୍ଥ କଣିକା ପରି ବ୍ୟବହାର କରିଥାଏ। କ୍ୱାଣ୍ଟମ ବିଜ୍ଞାନରେ ପଦାର୍ଥର ଏହି ଗୁଣର ପ୍ରକୃତ କାରଣକୁ ଏପର୍ଯ୍ୟନ୍ତ ପାଇପାରିନାହିଁ।

ବିଜ୍ଞାନର ଏହି ତଥ୍ୟ ଆଉ ଏକ ରହସ୍ୟ ଉନ୍ମୋଚନ କଲା ଯେ ଆମର ଚାରିପାଖର ଦୁନିଆକୁ ଯେପର୍ଯ୍ୟନ୍ତ ଆମେ ନ ଦେଖୁଛେ ସେ ପର୍ଯ୍ୟନ୍ତ ତାହା ବାସ୍ତବ ସେଠି ନ ଥାଏ। କ୍ୱାଣ୍ଟମ ପଦାର୍ଥ ବିଜ୍ଞାନର ତତ୍ତ୍ୱ ଅନୁସାରେ ଏହିସମଗ୍ର ସଂସାର ସୂକ୍ଷ୍ମ ସ୍ତରରେ ଶକ୍ତିତରଙ୍ଗମାନଙ୍କ ଦ୍ୱାରା ନିର୍ମିତ ଓ ଯେବେ କେହି ଏହି ତରଙ୍ଗମାନଙ୍କୁ ଦେଖିବାକୁ ଚେଷ୍ଟା କରେ ଏହି ଶକ୍ତି ତରଙ୍ଗ ପଦାର୍ଥର ରୂପ ଧାରଣ କରିନେଇଥାଏ। ଏହାର ଅର୍ଥ ହେଲା ସମଗ୍ର ବିଶ୍ୱ ଏକ ମିଥ୍ୟା ପ୍ରହେଳିକା ମାତ୍ର ଓ ଯାହା ଆମେ ଦେଖୁଛେ ଓ ଅନୁଭବ କରୁଛେ ସବୁ ମିଛ। ଅନ୍ୟ ଅର୍ଥରେ ବାସ୍ତବିକତା ଏକ ଭ୍ରମ ମାତ୍ର ଓ ଏହା କେବଳ ସତ ଲାଗେ ଆମେ ଯେତେବେଳେ ଏହାକୁ ଦେଖୁ। ଅର୍ଥାତ୍ ଆମ ଦେଖିବା ଓ ନ ଦେଖିବା ଉପରେ ଜିନିଷର ଅବସ୍ଥିତି ନିର୍ଭର କରେ ବା ଆମେ ନ ଦେଖିଲା ସମୟରେ ହୁଏତ ଜିନିଷ ଭଳି କିଛି ବସ୍ତୁ ନ ଥାଏ। କ୍ୱାଣ୍ଟମ ପଦାର୍ଥ ବିଜ୍ଞାନର ଏହି ତଥ୍ୟ ଅନୁସାରେ ସଂସାରର ସବୁ ଜିନିଷ ମିଛ ବା ମାୟା ସଦୃଶ। ଆଧୁନିକ ବିଜ୍ଞାନର ତିରିଶହ ବର୍ଷର ଗବେଷଣା ହିନ୍ଦୁ ଧର୍ମଶାସ୍ତ୍ର ଅନେକ ବର୍ଷ ତଳୁ ଉଲ୍ଲେଖ ଅଛି ଛାନ୍ଦୋଗ୍ୟ ଉପନିଷଦ, ଋଗ୍ ବେଦ, ଯଜୁର୍ବେଦ ଓ ବ୍ରହ୍ମ ସଂହିତା ଇତ୍ୟାଦିରେ ସମଗ୍ର ସଂସାର ଶବ୍ଦ ଶକ୍ତିରୁ ଉତ୍ପନ୍ନ ବୋଲି କୁହାଯାଏ। ଭଗବଦ୍ ଗୀତାର ୨୬ ଅଧ୍ୟାୟର ୩୨ ତମ ଶ୍ଲୋକରେ କୁହାଯାଇଛି 'ଶବ୍ଦମାତ୍ରମ ଭୂତମାନଭାଓ' ଯାହାର ଅର୍ଥ ହେଲା, ଶବ୍ଦ ତରଙ୍ଗ ଯୋଗୁ ସଂସାରରେ ସବୁ ପଦାର୍ଥର ସୃଷ୍ଟି ହୋଇଛି। ବିଜ୍ଞାନ ଓ ଅଧ୍ୟାତ୍ମ କେବେ ଅଲଗା ହୋଇ ନ ପାରେ।

ଯାଦୁଗୁଡା, ଝାଡଖଣ୍ଡ
ମୋ:୭୦୦୮୦୪୦୬୮୧୧୦

## ପାଠକ ଶ୍ରେଷ୍ଠ ବିଚାରକ

### ଖଣି କମ୍ପାନୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉ

ମହାଶୟ,

ରାଜ୍ୟର ଖଣି ବହୁଳ ଜିଲାରୁ କମ୍ପାନୀଗୁଡ଼ିକ ଖଣିଜ ପଦାର୍ଥ ଉତ୍ତୋଳନ କରୁଥିବା ବେଳେ ବାଧ୍ୟତାମୂଳକ ସିଏସଆର ପାଣ୍ଠିକୁ ବିନିଯୋଗ କରୁ ନ ଥିବାରୁ ସମ୍ପୃକ୍ତ ଅଞ୍ଚଳବାସୀଙ୍କ ମୌଳିକ ସମସ୍ୟା ସମାଧାନ ହୋଇପାରୁନାହିଁ। ବିଶେଷକରି ସରକାରୀ ନିୟମ ତଥା ନିର୍ଦ୍ଦେଶକୁ ପାଳନ କରିବା ପାଇଁ ଖଣି କମ୍ପାନୀଗୁଡ଼ିକ ଆଗ୍ରହ ପ୍ରକାଶ କରୁ ନ ଥିଲେ ମଧ୍ୟ ସେମାନଙ୍କ ବିରୋଧରେ ରାଜ୍ୟ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାପାଇଁ ସମର୍ଥ ହେଉ ନାହାନ୍ତି। ଫଳରେ ଅଞ୍ଚଳବାସୀଙ୍କ ଜୀବନଧାରଣ ମାନରେ ଉନ୍ନତି ହେଉନାହିଁ। ଭିତ୍ତିଭୂମିର ବିକାଶ ହୋଇପାରୁ ନାହିଁ। କମ୍ପାନୀଗୁଡ଼ିକ ମନଇଚ୍ଛା ଖଣିଜ ପଦାର୍ଥ ଲୁଟ୍ କରି ନିଜସ୍ୱ ପାଣ୍ଠିକୁ ବୃଦ୍ଧି କରି ଚାଲିଛନ୍ତି। ଏହା ସତ୍ତ୍ୱେ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ଖଣି କମ୍ପାନୀ ପ୍ରତି ରାଜ୍ୟ ସରକାର ଆଖିବୁଜି ଦେଉଛନ୍ତି ବୋଲି ଧାରଣା ହେଉଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକୁ ମାନୁ ନ ଥିବା ଏହି ଖଣି କମ୍ପାନୀଗୁଡ଼ିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉ।

-ବିଷ୍ଣୁ ପ୍ରସାଦ ମହାରଣା, ବାଙ୍ଗିଚୌକ, ଢେଙ୍କାନାଳ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ: E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ପୀରତି କୀରତି ବଖାଣି ବସିଲେ
ପଥର ତରଳି କହିବ ଜଳ
ସବୁ ପୀରତିର ମୂଳରେ ଯା' ଅଛି
ନ କହିବା ତାହା ସବୁରୁ ଭଲ!
-(ପ୍ରେମର ଅର୍ଥ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ନୂଆ ହିତାଧିକାରୀଙ୍କୁ ମିଳିଲା ରାଶନ କାର୍ଡ



ରସୁଲପୁର ବ୍ଲକରେ ଜଣେ ହିତାଧିକାରୀଙ୍କୁ ରାଶନ କାର୍ଡ ପ୍ରଦାନ କରାଯାଉଛି ।

**ରସୁଲପୁର,୨୪।୪(ରଞ୍ଜିତ ରାଉତ):**

ରସୁଲପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ଗୁରୁବାର ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ବିଡିଓ ସତ୍ୟାନନ୍ଦ ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଅବସରରେ ୩୪ ନୂଆ ହିତାଧିକାରୀଙ୍କୁ ରାଶନକାର୍ଡ ପ୍ରଦାନ କରାଯାଇଛି। ଏଥିସହିତ ସୂର୍ଯ୍ୟୋଦୟ ଘର ଯୋଜନା, ଖେଲୋ ଇଣ୍ଡିଆ ଅନୁଦାନରେ ଷ୍ଟାଡିୟମ ନିର୍ମାଣ, ଅନ୍ତ୍ୟୋଦୟ ଗୃହ ଯୋଜନା ଓ ସୁଭଦ୍ରା ଯୋଜନାରେ ଅଧିକ

## ଜାତୀୟ ପଞ୍ଚାୟତିରାଜ ଦିବସ

ଆବେଦନକାରୀଙ୍କୁ ସାମିଲ କରିବା ଉପରେ ଆଲୋଚନା କରାଯାଇଥିଲା। ପହଲଗାମରେ ଆତଙ୍କବାଦୀ ଆକ୍ରମଣ ଘଟଣାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୁଃଖ ପ୍ରକାଶ କରିଥିଲେ। ଏହାସହିତ ଆତଙ୍କବାଦୀ ମୁକାବିଲା ସମ୍ପର୍କରେ ଦୃଢ଼ ପଦକ୍ଷେପ ନିଆଯିବ ବୋଲି ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଆଭାସୀ ଜରିଆରେ ସୂଚନା ଦେଇଛନ୍ତି। ଏଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ଏବିଡିଓ ସୌରଭ ପଲ, ବ୍ଲକ ଯୋଗାଣ ଅଧିକାରୀ ମଧୁସ୍ମିତା ଜେଠୀ, ଜିଲାପରିଷଦ ସଦସ୍ୟ ଶିଶିର କୁମାର ମହାନ୍ତି ଓ ଏମ୍‌ପିଙ୍କ ପ୍ରତିନିଧି ଫଣିନ୍ଦ୍ର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ବ୍ଲକର କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବରୀ ପଞ୍ଚାୟତିରାଜ ଦିବସକୁ ଆସିଲେନି ଜନପ୍ରତିନିଧି

**ବରୀ,୨୪।୪(ମହେନ୍ଦ୍ର ସ୍ୱାଇଁ):**

ବରୀ ବ୍ଲକ କାର୍ଯ୍ୟାଳୟ ପରିସରରେ ଗୁରୁବାର ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଡିଓ ଅନୁପସ୍ଥିତ ଥିଲେ। ସେହିପରି ବ୍ଲକ ଅଧୀନ ରାମ୍ପା ପଞ୍ଚାୟତର ସରପଞ୍ଚ ମାନସ ଜେନାଙ୍କ ବ୍ୟତୀତ ଅନ୍ୟ କୌଣସି ଜନ ପ୍ରତିନିଧି ଯୋଗ ଦେଇ ନ ଥିଲେ। ଫଳରେ ସରକାରୀ କର୍ମଚାରୀମାନେ ଉପସ୍ଥିତ ରହି ୩୦ ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ କରିଥିଲେ। ଏବିଡିଓ ମହେଶ୍ୱର ସେଠୀ, ଜିପିଇଓ ଲକ୍ଷ୍ମୀକାନ୍ତ ମହାରଣା, ଯୋଗାଣ ନିରୀକ୍ଷକ ସୂର୍ଯ୍ୟକାନ୍ତ ବେହେରା, କନିଷ୍ଠ ଯନ୍ତ୍ରୀ ସରୋଜ ପଣ୍ଡା, ଅନିରୁଦ୍ଧ ସାହୁ ଓ ଆଲୋକ ଅଧିକାରୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଯୋଗଦେଲେ ଜଣେ ସରପଞ୍ଚ

ଜନ ପ୍ରତିନିଧି ଯୋଗ ନ ଦେବା ସମ୍ପର୍କରେ ଏବିଡିଓଙ୍କୁ ପଚାରିବାରୁ ସେ କହିଛନ୍ତି, ସମସ୍ତଙ୍କୁ ନିମନ୍ତ୍ରଣ କରିଥିଲୁ, ମାତ୍ର ସେମାନେ କେଉଁ କାରଣରୁ ଆସିଲେ ନାହିଁ ତାହା ଆମକୁ ଜଣାନାହିଁ। ତେବେ ଜନ ପ୍ରତିନିଧିମାନେ କାହିଁକି ଯୋଗ ଦେଲେ ନାହିଁ ସେ ସମ୍ପର୍କରେ କୌଣସି ପ୍ରତିକ୍ରିୟା ମିଳି ପାରିନାହିଁ। ବ୍ଲକ ଅଧୀନରେ ୨୯ ପଞ୍ଚାୟତ ଓ ୪ ଜିଲା ପରିଷଦ ଜୋନ୍ ରହିଥିଲେ ମଧ୍ୟ ଜନପ୍ରତିନିଧିମାନେ ଯୋଗ ନ ଦେବାକୁ ନେଇ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

# ବିଞ୍ଝାରପୁରରେ ୩୩ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ

**ବିଞ୍ଝାରପୁର,୨୪।୪ (ରାମକୃଷ୍ଣ ଦାସ):**

ବିଞ୍ଝାରପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ଗୁରୁବାର ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ କରାଯିବା ସହ ୩୩ଜଣ ହିତାଧିକାରୀଙ୍କୁ ନୂଆ ରାଶନ କାର୍ଡ ବଣ୍ଟନ କରାଯାଇଛି। ଏଥିସହିତ ବିଭିନ୍ନ ଉନ୍ନୟନମୂଳକ ଯୋଜନାର ଘୋଷଣା କରାଯାଇଛି। ବିଡିଓ ହିମାଂଶୁ ଶେଖର ସାମଲ, ବ୍ଲକ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ ଏବଂ ବ୍ଲକ ଯୋଗାଣ ଅଧିକାରୀ ଆନିବେଶାନ୍ତ ସାହୁ ଯୋଗଦେଇ ବିଭିନ୍ନ ଯୋଜନା ସମ୍ପର୍କରେ କହିବା ସହ ରାଶନ କାର୍ଡ ବଣ୍ଟନ କରିଛନ୍ତି।


## ପୂର୍ବ ତଟ ରେଳପଥ

(1) ଇ-ଟେଣ୍ଡର ବିଜ୍ଞପ୍ତି ସଂ.: Sr.DMM/SBP/Stores/Tender Publication/Engg.-1/2025, ତା.18.04.2025ରିଖ

ଟେଣ୍ଡର ସଂ. 40255431A
ସାମଗ୍ରୀଗୁଡ଼ିକର ବିବରଣୀ: [illegible] (Wedge) T-6305। ଟେଣ୍ଡର ମୂଲ୍ୟ: ₹63,62,796.00, EMD @ 2%: ₹1,27,260/-

ଟେଣ୍ଡର ସଂ. 40255401B
ସାମଗ୍ରୀଗୁଡ଼ିକର ବିବରଣୀ: 60KG [illegible] (Fish Plate)। ଟେଣ୍ଡର ମୂଲ୍ୟ: ₹50,02,444.80, EMD @ 2%: ₹1,00,050/-

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.13.05.2025ରିଖ 1500 ଘଟିକାରେ।

(2) ଇ-ଟେଣ୍ଡର ବିଜ୍ଞପ୍ତି ସଂ.: Sr.DMM/SBP/Stores/Tender Publication/Engg.-2/2025, ତା.18.04.2025ରିଖ

ଟେଣ୍ଡର ସଂ. 40255419A
ସାମଗ୍ରୀଗୁଡ଼ିକର ବିବରଣୀ: [illegible] (Galvanised) [illegible]। ଟେଣ୍ଡର ମୂଲ୍ୟ: ₹60,50,284.80, EMD @ 2%: ₹1,21,010/-

ଟେଣ୍ଡର ସଂ. 40255423A
ସାମଗ୍ରୀଗୁଡ଼ିକର ବିବରଣୀ: [illegible] T-6310। ଟେଣ୍ଡର ମୂଲ୍ୟ: ₹72,55,820.00, EMD @ 2%: ₹1,45,120/-

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.19.05.2025ରିଖ 1500 ଘଟିକାରେ।

[illegible]

ସମ୍ପୂର୍ଣ୍ଣ ବିବରଣୀ ୱେବସାଇଟ୍ : www.ireps.gov.in ରେ ଉପଲବ୍ଧ ଅଟେ।

ବରିଷ୍ଠ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ/ ସମ୍ବଲପୁର

PR-65/Q/25-26



**PARADIP PORT AUTHORITY**
MARINE DEPARTMENT
No.MD/ACCTS/WK/R-05/2025/506 Date: 15/04/2025
E-TENDER CALL NOTICE (E-TCN)

Name of the Work : Chartering of Green Tug (Green Tug Transition Programme Compliant) - Manning, Operation, Maintenance and Complete Technical Management of Service Provider Owned 01 No. 60 T Bollard Pull New Battery Electric Tug for 15 Years at Paradip Port Authority. Estimated cost put to tender for hire charges for one year : Rs.24,47,28,667/-. Last date & time of submission of tender through online bidding is 15:00 Hours on 08/07/2025. Date & time for opening of Technical Bid is 15:30 hours on dt.09/07/2025. For further details, please log on to the Website: https://eprocure.gov.in/eprocure/app.

Sd/- Deputy Conservator, Paradip Port Authority
PPA/PR/06/2025-2026 dtd.23.04.2025


# ରାଶନ କାର୍ଡ ନେବାକୁ ଆସି ବୃଦ୍ଧା ଅସୁସ୍ଥ



ଅସୁସ୍ଥ ହୋଇପଡ଼ିଥିବା ବୃଦ୍ଧା ।

**ବିଞ୍ଝାରପୁର,୨୪।୪(ରାମକୃଷ୍ଣ ଦାସ):**

ଜାତୀୟ ପଞ୍ଚାୟତିରାଜ ଦିବସ ଅବସରରେ ବିଞ୍ଝାରପୁର ବ୍ଲକ ପରିସରରେ ଗୁରୁବାର ନୂତନ ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ କରାଯାଇଛି। ତେଣୁ ରାଶନ କାର୍ଡ ନେବାକୁ ଗୁହାଳି ପଞ୍ଚାୟତର ବୃଦ୍ଧା କମଳିନୀ ସ୍ୱାଇଁ ଆସି ଅସୁସ୍ଥ ହୋଇଛନ୍ତି। ସେ କାର୍ଡନେବାକୁ ଅପେକ୍ଷା କରିଥିଲେ। ମାତ୍ର ଗରମ ଗୁଳୁଗୁଳିକୁ ସହି ନ ପାରି ହଠାତ ଅସୁସ୍ଥ ହୋଇପଡ଼ିଥିଲେ। ଉପସ୍ଥିତଥିବା ଲୋକେ ତାଙ୍କୁ ଉଦ୍ଧାର କରି ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ସେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି।


**SAMBALPURI BASTRALAYA HLCS LTD.**
AT/PO/DIST.: BARGARH, ODISHA, PIN-768 028
HT&H Department, Govt. of Odisha

No.703 **TENDER CALL NOTICE** Dt.23.04.2025

Since the required number of sealed tenders/quotations are not received within the stipulated time, the submission of Sealed tenders/ quotation is invited from reputed Manufacturer / Authorized Supplier for supply of one Boiler for installation of the same at our Dye House Sambalpuri Bastralaya HLCS Ltd., Bargarh alongwith replacement of steam pipeline and erection of Chimney is extended upto **07.05.2025 at 9.00AM** which shall be opened on the same day at **11.00AM** in presence of the bidders. The details specification, term and conditions for submission of tender/quotation for submitting the bid document are available on the website **www.sambalpuribastra.com & www.bargarh.odisha.gov.in.**

Sd/- Managing Director


# ଦାନଗଦି ବ୍ଲକ୍‌ରେ ପଞ୍ଚାୟତିରାଜ ଦିବସ

**କଳିଙ୍ଗନଗର,୨୪।୪ (ଶୁଭାଶିଷ ରାଉତ):**

ଦାନଗଦି ବ୍ଲକରେ ଜାତୀୟ ପଞ୍ଚାୟତିରାଜ ଦିବସ ଗୁରୁବାର ପାଳିତ ହୋଇଯାଇଛି। ବିଡିଓ ପ୍ରଦୀପ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରଦୀପ ବଳସାମନ୍ତଙ୍କ ପ୍ରତିନିଧି ପ୍ରଶାନ୍ତ ରାୟ, ପ୍ରତାପ ଧୀର, ସୁଧାଂଶୁ ଭଞ୍ଜଙ୍କ ସହ ବହୁ ସରପଞ୍ଚ, ସମିତି ସଭ୍ୟ ଯୋଗଦେଇ ଦିବସ ପାଳନ ସମ୍ପର୍କରେ ମତ ରଖିଥିଲେ।

# କିନ୍ନର ସଂଘ ଦ୍ୱାରା ୨ ଶିଶୁକନ୍ୟା ଉଦ୍ଧାର

**ଯାଜପୁରରୋଡ୍,୨୪।୪ (ପବିତ୍ର ରଞ୍ଜନ ମହାନ୍ତି):**

ବ୍ୟାସନଗର ପଦ୍ମପୁରସ୍ଥିତ ଅଷ୍ଟପହର ପୂଜା ମଣ୍ଡପ ନିକଟରୁ ଶାନ୍ତିସେନା କିନ୍ନର ସଙ୍ଘ ଦ୍ୱାରା ୨ ଶିଶୁ କନ୍ୟା ଉଦ୍ଧାର ହୋଇଛନ୍ତି। ଉଦ୍ଧାର ୨ ଶିଶୁ କନ୍ୟାଙ୍କୁ ସଂଘ ସଭାପତି କାଜଲ ନାୟକ ଓ ସଦସ୍ୟମାନେ ଯାଜପୁରରୋଡ ପୋଲିସ ଜିମା ଦେଇଛନ୍ତି। ପରେ ଜିଲା ଶିଶୁ ସୁରକ୍ଷା ଟିମ ଥାନାରେ ପହଞ୍ଚି ପୋଲିସ ସହ ଆଲୋଚନା କରି ଉଭୟ ଶିଶୁକନ୍ୟାଙ୍କୁ ନିଜ ହେପାଜତକୁ

## ଜିଲା ଶିଶୁ ସୁରକ୍ଷା ସମିତିକୁ ହସ୍ତାନ୍ତର

ନେଇଛନ୍ତି। ମଙ୍ଗଳବାର ରାତିରେ ଅଷ୍ଟପ୍ରହର ପୂଜା ମଣ୍ଡପ ନିକଟରେ ଦୁଇ ଶିଶୁକନ୍ୟା କାନ୍ଦୁଥିବା କିନ୍ନର ସଂଘ ସଭାପତି ଦେଖିଥିଲେ। ଶିଶୁକନ୍ୟାଙ୍କୁ ଦ୍ୱୟଙ୍କୁ ଉଦ୍ଧାର ପରେ ଯାଜପୁରରୋଡ୍ ପୋଲିସ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ଜଣାଇବା ସହ ସେମାନଙ୍କ ପରିବାର ଲୋକଙ୍କ ଖୋଜ ଖବର ନେଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ପୋଲିସ ଶିଶୁ କନ୍ୟାଙ୍କ ମା'ଙ୍କୁ ଠାବ କରିଥିଲା। ଶିଶୁକନ୍ୟାଙ୍କ ମା' ବାଲେଶ୍ୱର ନୀଳଗିରି ଅଞ୍ଚଳର ହୋଇଥିବାବେଳେ ତାଙ୍କ ପ୍ରଥମ ସ୍ୱାମୀଙ୍କ ଦେହାନ୍ତ ହୋଇଯାଇଛି। ପୂର୍ବ ସ୍ୱାମୀଙ୍କ ଔରସରୁ ୨ଟି ଝିଅ ଥିବାବେଳେ ମହିଳା ଜଣକ ଦିନ ମଜୁଆରିଆ ଭାବେ କାର୍ଯ୍ୟ କରି ପେଟ ପୋଷୁଥିଲେ। ପରେ ପାନସିଆର ଅନ୍ୟ ଜଣଙ୍କୁ ବିବାହ କରିଛନ୍ତି। ଦ୍ୱିତୀୟ ସ୍ୱାମୀଙ୍କ ଔରସରୁ ଏକ ସନ୍ତାନ ଜନ୍ମ ହୋଇଛି। ମହିଳାଙ୍କ ଆଉ ଏକ ଶିଶୁ ଜନ୍ମହେବାର ଅଛି। ତେଣୁ ସେ ପୂର୍ବ ଶିଶୁ କନ୍ୟା ଦୁଇଜଣଙ୍କ ଭରଣ ପୋଷଣ କରିବାକୁ ସକ୍ଷମ ନ ଥିବା କହିଛନ୍ତି।


**झारखण्ड सरकार**
**परिवहन आयुक्त कार्यालय**
**एफ० एफ० पी० भवन, धुर्वा, राँची**

**।। आम सूचना ।।**

परिवहन विभाग, झारखण्ड सरकार के अधिकृत वेबसाईट https:// jhtransport.gov.in पर विभाग से संबंधित दस्तावेजों एवं अन्य जानकारी का अवलोकन किया जाता था। सम्प्रति उक्त विभागीय वेबसाईट https://jhtransport.gov.in को तकनीकी कारणें से नये वेबसाईट URL- https://transport.jharkhand.gov.in/ पर Migrate किया गया है।

एतद् द्वारा सर्वसाधारण को सूचित किया जाता है कि परिवहन विभाग, झारखण्ड, राँची से संबंधित सभी आवश्यक सूचनाएँ नये वेबसाईट URL- https:// transport.jharkhand.gov.in पर अवलोकन किया जाय।

ह०/–
संयुक्त परिवहन आयुक्त,
झारखण्ड, राँची

PR 350955 (Transport)25-26*D



**कार्यपालक अभियंता का कार्यालय**
**ग्रामीण विकास विशेष प्रमण्डल, जामताड़ा**
**Email Id:rdsdjmt@gmail.com**

**अल्पकालीन पुर्ननिविदा ई0–निविदा आमंत्रण संख्या–RDD/SD/JAMTARA/RE5/09/ 2024-25/Gr.No.-04**

1. कार्य की विस्तृत विवरणी :–

| क्र0 सं0 | ग्रुप नं0 | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मुल्य | कार्य समाप्ति की अवधि |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | 4 | जामताड़ा जिला अन्तर्गत प्रखण्ड नारायणपुर के पंचायत–सबनपुर में मंझलाडीह दाडंगडीह और आहारडीह के बीच जोरिया में पुल निर्माण। | 21687200.00 | 434000.00 | 10000.00 | 15 माह |

2. वेबसाईट में निविदा प्रकाशन की तिथि :–दिनांक–26.04.2025
3. ई0–निविदा प्राप्ति की तिथि एवं समय :–दिनांक–26.04.2025 से दिनांक–05.05.2025 (अपराह्न 5:00 बजे)
4. निविदा शुल्क एवं अग्रधन की राशि केवल Online Mode द्वारा की स्वीकार्य होगी।
5. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो सारी जबावदेही संबंधित निविदादाता की होगी।
6. निविदा खोलने का स्थान:–e-Procurement Cell, कार्यपालक अभियंता का कार्यालय ग्रामीण विकास विशेष प्रमण्डल, जामताड़ा।
7. निविदा खुलने की तिथि एवं समय :–दिनांक–07.05.2025 (अपराह्न 2:00 बजे)
8. निविदा आमंत्रित करने वाले पदाधिकारी का नाम एवं पता :–कार्यपालक अभियंता, ग्रामीण विकास विशेष प्रमण्डल, जामताड़ा।
9. ई0–निविदा प्रकोष्ठ का दुरभाष संख्या :–9973957543
10. अधोहस्ताक्षरी / सक्षम पदाधिकारी को किसी भी निविदा को बिना कारण बताये रद्द करने का अधिकार सुरक्षित रहेंगा तथा निविदादाता को कारण पृच्छा का अधिकार मान्य नहीं होगा।
11. B.O.Q की राशि घट–बढ़ सकती है, तद्नुसार अग्रधन की राशि देय होगी।

विस्तृत जानकारी के लिए वेबसाईट www.jharkhandtenders.gov.पद एवं कार्यालय के सूचना पट्ट पर देखा जा सकता है।

ह0/–
कार्यपालक अभियंता
ग्रामीण विकास विशेष प्रमण्डल, जामताड़ा।

PR.NO.350991 Rural Development(25-26):D



यूनियन बैंक ऑफ इंडिया Union Bank of India
भारत सरकार का उपक्रम A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ: ସମ୍ବଲପୁର**
୧ମ ମହଲା, ବାଲାଜୀ ମିଡ୍‌ଟାଉନ୍, ବୁଢ଼ାରାଜା, ସମ୍ବଲପୁର - ୭୬୮୦୦୪

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

[ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]

ନିମ୍ନ ସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ପୃକ୍ତ ଶାଖା**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ (ଦ୍ୱିତୀୟ), ୨୦୦୨ (୨୦୦୨ର ଧାରା ନଂ.୫୪) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ, ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକୁ **ଦଖଲ**କୁ ନେଇଛନ୍ତି । ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଶାଖା / ଋଣଗ୍ରହୀତା/ବନ୍ଧକଦାତା/ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ | ଡିମାଣ୍ଡ /ଦଖଲ ନୋଟିସ୍ ତାରିଖ | ସୁରକ୍ଷିତ ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|---|
| ଭଟଲି ଚୌକ ଶାଖା / ଋଣଗ୍ରହୀତା: ମେସର୍ସ ନବ ଦୁର୍ଗା ଟେକ୍ସଟାଇଲ୍ସ, ସ୍ୱତ୍ୱାଧିକାରୀ: ଶ୍ରୀ ଅମରନାଥ ଭଗତ / ଋଣଗ୍ରହୀତା/ ବନ୍ଧକଦାତା: ଶ୍ରୀ ଅମରନାଥ ଭଗତ, ପିତା: ଶ୍ରୀ ହେମନାଥ ଭଗତ / ଗ୍ୟାରେଣ୍ଟିଦାତା/ବନ୍ଧକଦାତା: ଶ୍ରୀ ହେମନାଥ ଭଗତ, ପିତା: ୰ ବିଶ୍ୱନାଥ ଭଗତ, ସମସ୍ତଙ୍କ ଠିକଣା- ସା: ୱାର୍ଡ ନଂ.:୧୧, ପୋ/ଥାନା/ ଜିଲ୍ଲା: ବରଗଡ-୭୬୮୦୨୮ | ଟ.୧୮,୩୦,୮୩୬.୧୧ + ସେବାବଦ ପରବର୍ତ୍ତୀ ସୁଧ ଏବଂ ଖର୍ଚ୍ଚ | ୨୦.୧୧.୨୦୨୪ / ୨୧.୦୪.୨୦୨୫ | ଶ୍ରୀ ହେମନାଥ ଭଗତଙ୍କ ନାମରେ ଥିବା ଜମିର ପରିମିତ କ୍ଷେତ୍ର: ଏକର୦.୦୫୦ ଡିସିମିଲି, ଏମ୍‌ଏସ୍ ଖାତା ନଂ.: ୨୪୧୪/୧୦୬୧୬, ପ୍ଲଟ୍ ନଂ.: ୩୧୮୦/ ୧୩୩୪୬, ମୌଜା: ବରଗଡ, ପୋ/ଥାନା/ଜିଲ୍ଲା: ବରଗଡ, ପିନ୍- ୭୬୮୦୨୮, ଏହାର ଚାରିପାର୍ଶ୍ୱରେ ପୂର୍ବ: କୃଷ୍ଣ କୁମାର ମିଶ୍ରଙ୍କ ଜମି, ଉତ୍ତର: ରାସ୍ତା, ପଶ୍ଚିମ: ଭାରତୀ ମିଶ୍ର ଏବଂ ପ୍ରଦିପ୍ତ କୁମାର ଦାଶଙ୍କ ଜମି, ଦକ୍ଷିଣ: ପ୍ଲଟ୍ ନଂ.: ୩୦୪୩/ ୧୭୬୮୫ |
| ଡୁଙ୍ଗୁରିପାଲି ଶାଖା / ଋଣଗ୍ରହୀତା: ମେସର୍ସ ଶର୍ମା ଫର୍ଟିଲାଇଜର୍ ଆଣ୍ଡ ଗନି, ସ୍ୱତ୍ୱାଧିକାରୀ: ଶ୍ରୀ ମନୋଜ କୁମାର ଶର୍ମା, ପିତା: ଲାଲ ଚନ୍ଦ ଶର୍ମା, ସା/ପୋ: ସାଲେଭଟା, ଥାନା: ଲୋଇସିଂହା, ଜିଲ୍ଲା: ବଲାଙ୍ଗିର, ଓଡିଶା-୭୬୭୦୨୧ / ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ଅଶୋକ କୁମାର ସାହୁ, ପିତା: ପରକ୍ଷିତ ସାହୁ, ସା/ପୋ: ଭରସୁଜା, ଥାନା: ଲୋଇସିଂହା, ଜିଲ୍ଲା: ବଲାଙ୍ଗିର, ଓଡିଶା- ୭୬୭୦୬୧, ୨) ଶ୍ରୀ ଅତୁଲ୍ୟ ଶତପଥୀ, ପିତା: ବୃନ୍ଦାବନ ଶତପଥୀ, ସା/ପୋ: ସାଲେଭଟା, ଥାନା: ଲୋଇସିଂହା, ଜିଲ୍ଲା: ବଲାଙ୍ଗିର, ଓଡିଶା-୭୬୭୦୨୧ | ଟ.୧୫,୭୮,୨୮୩/- + ସେବାବଦ ପରବର୍ତ୍ତୀ ସୁଧ ଏବଂ ଖର୍ଚ୍ଚ | ୧୧.୧୨.୨୦୨୪ / ୨୨.୦୪.୨୦୨୫ | ଶ୍ରୀ ମନୋଜ କୁମାର ଶର୍ମାଙ୍କ ନାମରେ ଥିବା ଜମିର ସମସ୍ତ ଅଂଶବିଶେଷ ଯାହାର କ୍ଷେତ୍ର: ଏକର୦.୦୫ ଡିସିମିଲି ସହିତ ବାସୋପଯୋଗୀ ପ୍ଲଟ୍, ଖାତା ନଂ.: ୪୫୮/୮୬୯, ପ୍ଲଟ୍ ନଂ.: ୯୨୭/୪୦୨୮ ଏବଂ ୯୩୦/୨୬୫୬/୪୦୨୯, କିସମ: ଘରବାରୀ, ମୌଜା: ସାଲେଭଟା, ଥାନା: ଲୋଇସିଂହା, ତହସିଲ: ଆଗଲପୁର, ଜିଲ୍ଲା: ବଲାଙ୍ଗିର, ରାଜ୍ୟ: ଓଡିଶା, ପିନ୍-୭୬୭୦୨୧, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ବୁଦ୍ଧଦେବ ତ୍ରିପାଠୀଙ୍କ ଜମି, ପୂର୍ବ: ରାସ୍ତା, ପଶ୍ଚିମ: ବାଲଗୋପାଳ ମିଶ୍ରଙ୍କ ଜମି |

ସ୍ଥାନ: ସମ୍ବଲପୁର
ତାରିଖ: ୨୪.୦୪.୨୦୨୫

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ



भा.कृ.अनु.प- केन्द्रीय मीठाजल जीवपालन अनुसंधान संस्थान
**I.C.A.R-Central Institute of Freshwater Aquaculture**
कौशल्यागंग, भुवनेश्वर-751002, ओड़ीशा
Kausalyaganga, Bhubaneswar-751002, Odisha

Advertisement No. 03/2025-26 Date of Insertion- 24.04.2025

वॉक–इंन–इंटरव्यू

भा.कृ.अनु.प– केन्द्रीय मीठाजल जीव पालन अनुसंधान संस्थान, सीफा कौशल्यागंग, भुवनेश्वर, ओडिशा में अनुबंधन के आधार पर काम करने के लिए **01(एक) यंग प्रोफेशलन–II (YP-II)** पद की भर्ती हेतु **दिनांक 08.05.2025** को **पू.10.00 बजे** चल–साक्षात्कार आयोजित किया जायेगा। अधिक जानकारी के लिए कृपया संस्थान कि वेबसाइट http://www.cifa.nic.in पर जाएं।

**WALK-IN INTERVIEW**

A Walk-in-Interview will be held on **08.05.2025 at ICAR-CIFA, Bhubaneswar** at 10.00 A.M. for **01 (One) no. of Young Professional-II**, purely on a contractual basis to work under the NFDB Sponsored project entitled *"Integrating advance technology and Green Energy for sustainable Freshwater aquaculture"*. For further details please visit to ICAR-CIFA website: **http://www.cifa.nic.in.**

मुख्य जाँचकर्ता/Principal Investigator



**TPWODL**
**TP WESTERN ODISHA DISTRIBUTION LIMITED**
(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur (Odisha)-768017

**NOTICE INVITING TENDER**

**TN.TPWODL/MK/O/SU/2500000935 Date. 25.04.2025**

TP Western Odisha Distribution Limited, invites tender quotations (in 2part bidding) from eligible vendors for the following package :

**RC for supply of HT & LT stay sets, stay clamps and stay insulator in TPWODL.**

Interested bidders are to submit Tender Participation Fee and Authorization Letter through email on or before **06th May 2025, 18:00Hrs,** after which the link from e-Tender system shall be shared with them.

For detailed tender documents of the above-mentioned tender, please visit Tender section of **www.tpwesternodisha.com.** All details for participating in the tender is given in the tender document.

All future correspondence regarding the tender, bid submission, date extension etc. will take place with the participating bidders only through E-Tender system.

Sd/- **Head-Contracts & Procurement**



**वरीय पुलिस अधीक्षक का कार्यालय पूर्वी सिंहभूम, जमशेदपुर**

**लापता: आवश्यक सूचना**



**गुमशुदा महिला फरहा शेख, उम्र–करीब 26 वर्ष**

सर्व साधारण को सूचित किया जाता है कि आवेदक मो0 जफर के द्वारा अपनी गुमशुदा पत्नी **फरहा शेख, उम्र–करीब 26 वर्ष** के गुमशुदगी के संबंध में संबंधित थाना आजादनगर में लिखित आवेदन दिया गया है। आवेदन में इनके द्वारा बताया गया है कि **गुमशुदा महिला फरहा शेख, उम्र–करीब 26 वर्ष, पति–मो0 जफर, पता–रोड नं0–07, म0नं0–03, बगानशाही मुर्दा मैदान, थाना–आजादनगर, जिला–पूर्वी सिंहभूम, जमशेदपुर** जो दिनांक–05.04. 2025 की रात्रि अपने घर से कहीं चली गई है अभी तक घर वापस नहीं लौटी है।

आवेदक तथा इनके परिवार के द्वारा अपने स्तर से काफी खोजबीन किया परन्तु कुछ पता नहीं चल सका। **गुमशुदा महिला का हुलिया निम्न प्रकार है:–उम्र 26 वर्ष, कद–05 फीट, रंग–गोरा, पहनावा–पीला सलवार सुट।**

अतः आप सभी जन साधारण से अनुरोध है कि यदि उपरोक्त हुलिये के संबंध में किसी प्रकार की जानकारी प्राप्त होती है तो इसकी सूचना वरीय पुलिस अधीक्षक के कार्यालय में निम्नांकित फोन नम्बर पर सूचित करें।

**वरीय पुलिस अधीक्षक, पूर्वी सिंहभूम, जमशेदपुर** : 0657–2431006
**पुलिस अधीक्षक (नगर), पूर्वी सिंहभूम, जमशेदपुर**: 9471190203
**पुलिस उपाधीक्षक, पटमदा** : 9431706496
**थाना प्रभारी, आजादनगर** : 9431706502

वरीय पुलिस अधीक्षक,
पूर्वी सिंहभूम, जमशेदपुर

PR 350996 (Police)25-26*D



See Career Appointment on every Wednesday & Saturday



**SREI**
**ଶ୍ରେଇ ଇକ୍ୟୁପ୍‌ମେଣ୍ଟ ଫାଇନାନ୍ସ ଲିମିଟେଡ୍**

CIN: U70101WB2006PLC109898
ୱେବ୍‌ସାଇଟ୍: www.srei.com; ଇମେଲ୍: sefl@srei.com
ପଞ୍ଜୀକୃତ କାର୍ଯ୍ୟାଳୟ: ''ବିଶ୍ୱକର୍ମା'' ୮୬ସି, ଟୋପସିଆ ରୋଡ୍ (ଦକ୍ଷିଣ), କୋଲକାତା-୭୦୦୦୪୬
ମୁଖ୍ୟ କାର୍ଯ୍ୟାଳୟ: ପ୍ଲଟ୍ ନଂ. ୱାଇ-୧୦, ବ୍ଲକ୍ ଇପି, ସେକ୍ଟର – V, ସଲ୍ଟ ଲେକ୍ ସିଟି, କୋଲକାତା-୭୦୦୦୯୧
ଶାଖା କାର୍ଯ୍ୟାଳୟ: ୧ମ ମହଲା, ପ୍ଲଟ୍ ନଂ. ୧୧, ସତ୍ୟନଗର, ଭୁବନେଶ୍ୱର – ୭୫୧୦୦୭

**ସ୍ଥାବର ସମ୍ପତ୍ତିର ବିକ୍ରୟ ପାଇଁ ଇ-ନିଲାମ ବିଜ୍ଞପ୍ତି**

ଏତଦ୍ୱାରା ସାଧାରଣ ଭାବେ ସର୍ବସାଧାରଣଙ୍କୁ ନୋଟିସ୍ ଦିଆଯାଉଛି ଯେ, ଶ୍ରେଇ ଇକ୍ୟୁପ୍‌ମେଣ୍ଟ ଫାଇନାନ୍ସ ଲିମିଟେଡ୍ (''ଶ୍ରେଇ'') ମାଲିକାନାଧୀନ ନିମ୍ନବର୍ଣ୍ଣିତ ସ୍ଥାବର ସମ୍ପତ୍ତିକୁ ୬ ମେ, ୨୦୨୫ ଦିନ ''ଯେପରି ଅଛି ଯେଉଁଠି ଅଛି'', ''ଯେପରି ଅଛି ଯାହା ଅଛି'', ଏବଂ ''ସେଠାରେ ଯାହା ବି ଅଛି'' ଭିତ୍ତିରେ ସର୍ବସାଧାରଣ ଇ-ନିଲାମ ଜରିଆରେ ବିକ୍ରୟ କରାଯିବ । ସଂରକ୍ଷିତ ମୂଲ୍ୟ ହେଉଛି ଟ.୯୦,୦୦,୦୦୦/- (ଟଙ୍କା ନବେ ଲକ୍ଷ ମାତ୍ର) ।

**ସ୍ଥାବର ସମ୍ପତ୍ତିର ବର୍ଣ୍ଣନା**

**ସମ୍ପତ୍ତିର ମାଲିକ:- ଶ୍ରେଇ ଇକ୍ୟୁପ୍‌ମେଣ୍ଟ ଫାଇନାନ୍ସ ଲିମିଟେଡ୍**

**ସମ୍ପତ୍ତିର ବିବରଣୀ:- ଓଡ଼ିଶା ରାଜ୍ୟରେ ଜିଲ୍ଲା: ଯାଜପୁର, ଏସ୍‌ଆରଓ- ଧର୍ମଶାଳାଠାରେ ଅବସ୍ଥିତ ଦୁଇଟି ମୌଜାରେ ସମୁଦାୟ ଏ. ୭.୨୯ ଡିସିମିଲ ରକବାର ୨୮ (ଅଠେଇଶ) ଗୋଟି ପ୍ଲଟ୍ ସମ୍ବଳିତ ଜମି । ଜମିଟି ନିମ୍ନ ଅନୁଯାୟୀ ବିଭକ୍ତ ଅଟେ:**

| ମୌଜା: ପୋବଳ ଠାରେ ଅବସ୍ଥିତ ମୋଟ ଏ. ୩.୨୫ ଡିସିମିଲ ରକବା ପରିମାପର ୧୪ଟି ପ୍ଲଟ୍ | | |
|---|---|---|
| ଖାତା ନମ୍ବର | ପ୍ଲଟ୍ ନମ୍ବର | ନିମ୍ନ ପ୍ଲଟ୍ ନମ୍ବରଗୁଡ଼ିକ ଦ୍ୱାରା ସୀମାବଦ୍ଧ |
| ୨୮୩/୯୩ | ୧୩୧୧ | ପୂର୍ବ: ପଖରା ମୌଜା; ପଶ୍ଚିମ: ୧୩୨୨, ଉତ୍ତର: ୧୩୧୦; ଦକ୍ଷିଣ: ୧୩୧୨ |
| ୨୮୩/୯୪ | ୧୩୦୧ | ପୂର୍ବ: ୧୩୦୨; ପଶ୍ଚିମ: ୧୨୯୭; ଉତ୍ତର: ୧୩୦୦; ଦକ୍ଷିଣ: ୧୩୦୭ |
| ୨୮୩/୯୫ | ୧୩୦୫, ୧୩୦୬, ୧୩୦୭, ୧୩୦୮, ୧୩୦୯, ୧୩୧୦, ୧୩୧୨, ୧୩୬୮, ୧୩୭୨, ୧୩୭୩, ୧୩୭୪, ୧୩୭୫ | ପୂର୍ବ: ୧୩୦୯, ୧୩୭୦ ଏବଂ ୧୩୭୧; ପଶ୍ଚିମ: ୧୩୭୪; ଉତ୍ତର: ୧୩୭୩; ଦକ୍ଷିଣ: ୧୩୯୩ |

| ମୌଜା: ଆଗ୍ରୁହା ଠାରେ ଅବସ୍ଥିତ ମୋଟ ଏ. ୪.୦୯ ଡିସିମିଲ ରକବା ପରିମାପର ୧୪ଟି ପ୍ଲଟ୍ | | |
|---|---|---|
| ଖାତା ନମ୍ବର | ପ୍ଲଟ୍ ନମ୍ବର | ନିମ୍ନ ପ୍ଲଟ୍ ନମ୍ବରଗୁଡ଼ିକ ଦ୍ୱାରା ସୀମାବଦ୍ଧ |
| ୭୬୩/୨୭୪ | ୨୮୦ | ପୂର୍ବ: ୨୭୧; ପଶ୍ଚିମ: ୨୭୯; ଉତ୍ତର: ୨୭୪; ଦକ୍ଷିଣ: ୨୮୧ |
| ୭୬୩/୨୭୫ | ୨୭୧ | ପୂର୍ବ: ୨୭୦; ପଶ୍ଚିମ: ୨୮୦; ଉତ୍ତର: ୨୭୨; ଦକ୍ଷିଣ: ୨୯୭ |
| | ୨୭୪ | ପୂର୍ବ: ୨୭୨; ପଶ୍ଚିମ: ୨୭୫; ଉତ୍ତର: ୧୬ ଓ ୨୭୩; ଦକ୍ଷିଣ: ୨୭୧ ଓ ୨୮୦ |
| ୭୬୩/୨୭୬ | ୧୧, ୧୨, ୧୩, ୧୪, ୧୫, ୧୭, ୨୭୫, ୨୭୬, ୨୭୭, ୨୭୮, ୨୭୯ | ପୂର୍ବ: ୭୧ ଓ ୭୨; ପଶ୍ଚିମ: ପୋବଳ ମୌଜା; ଉତ୍ତର: ୩, ୪, ୨୩ ଓ ୨୬; ଦକ୍ଷିଣ: ୨୮୧ ଓ ୨୮୨ |

ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି (ଇଏମ୍‌ଡି), ବିଡ୍ ବୃଦ୍ଧି ପରିମାଣ ଏବଂ ଇ–ନିଲାମର ସମୟ ଏବଂ ଇଏମ୍‌ଡି ଦାଖଲର ଶେଷ ତାରିଖ ସମେତ ସ୍ଥାବର ସମ୍ପତ୍ତିଗୁଡ଼ିକ ପାଇଁ କେୱାଇସି ଦସ୍ତାବିଜ ନିମ୍ନ ଅନୁଯାୟୀ ବିକ୍ରି କରାଯିବ:

| ସଂରକ୍ଷିତ ମୂଲ୍ୟ (ଯାହାଠାରୁ କମ୍ ମୂଲ୍ୟରେ ସମ୍ପତ୍ତିକୁ ବିକ୍ରି କରାଯିବ ନାହିଁ) | ଅମାନତ ଜମା ରାଶି (ଇଏମ୍‌ଡି) ସଂରକ୍ଷିତ ମୂଲ୍ୟର ୧୦% | ବିଡ୍ ବୃଦ୍ଧି ପରିମାଣ | ଇ-ନିଲାମର ତାରିଖ ଏବଂ ସମୟ |
|---|---|---|---|
| ଟ.୯୦,୦୦,୦୦୦/- (ଟଙ୍କା ନବେ ଲକ୍ଷ ମାତ୍ର) | ଟ.୯,୦୦,୦୦୦/- (ଟଙ୍କା ନଅ ଲକ୍ଷ ମାତ୍ର) | ଟ.୧,୦୦,୦୦୦/– (ଟଙ୍କା ଏକ ଲକ୍ଷ ମାତ୍ର) | ତାରିଖ: ୬ ମେ, ୨୦୨୫ ସମୟ: ଅପରାହ୍ନ ୧୨.୩୦ ଘଟିକାରୁ ଅପରାହ୍ନ ୧.୩୦ ଘଟିକା (ପ୍ରତ୍ୟେକ ୫ ମିନିଟ୍‌ର ଅସୀମିତ ସମୟବୃଦ୍ଧି ସହିତ) |

**ନିୟମ ଏବଂ ସର୍ତ୍ତାବଳୀ**

୧. ସମ୍ପତ୍ତିଗୁଡ଼ିକୁ ''ଯେପରି ଅଛି ଯେଉଁଠି ଅଛି'', ''ଯେପରି ଅଛି ଯାହା ଅଛି'', ''ସେଠାରେ ଯାହା ବି ଅଛି'' ଭିତ୍ତିରେ ବିକ୍ରି କରାଯାଉଛି । ତେଣୁ, ଏହି ବିକ୍ରୟ କୌଣସି ପ୍ରକାର ୱାରେଣ୍ଟି ଏବଂ କ୍ଷତିପୂରଣ ବିନା କରାଯିବ । ଉପରୋକ୍ତ ସମସ୍ତ ସମ୍ପତ୍ତିକୁ ଏକତ୍ରିତ ଭାବେ ବିକ୍ରି କରାଯିବ ।

୨. ନିଲାମ/ବିଡିଂ କଡ଼ାକଡ଼ି ଭାବେ ''ଅନ୍‌ଲାଇନ ଇଲେକ୍ଟ୍ରୋନିକ୍ ପଦ୍ଧତି''ରେ ଏବଂ କେବଳ ୱେବ୍‌ସାଇଟ୍: https://eauction.auctiontiger.net/EPROC/ ଜରିଆରେ ୬ ମେ, ୨୦୨୫ ଦିନ ଅପରାହ୍ନ ୧୨.୩୦ ଘଟିକାରୁ ଅପରାହ୍ନ ୧.୩୦ ଘଟିକା ପର୍ଯ୍ୟନ୍ତ ସଞ୍ଚାଳନ କରାଯିବ ।

୩. ପ୍ରାଧିକୃତ ପ୍ରତିନିଧିଙ୍କ ସମସ୍ତ ସମ୍ଭାବ୍ୟ ଜ୍ଞାତସାର ଓ ସୂଚନା ଅନୁଯାୟୀ ସମ୍ପତ୍ତି ଉପରେ କୌଣସି ଋଣଭାର ନାହିଁ । ତଥାପି, ଆଗ୍ରହୀ ବିଡରମାନେ ସେମାନଙ୍କର ବିଡ୍ ଦାଖଲ କରିବା ପୂର୍ବରୁ ନିଲାମ ପାଇଁ ଉପସ୍ଥାପିତ ସମ୍ପତ୍ତି/ଗୁଡ଼ିକର ଋଣଭାର, ସ୍ୱତ୍ୱାଧିକାର ତଥା ସମ୍ପତ୍ତି/ଗୁଡ଼ିକୁ ପ୍ରଭାବିତ କରୁଥିବା ଦାବି/ଅଧିକାର/ଦେୟଗୁଡ଼ିକ ସଂକ୍ରାନ୍ତରେ ନିଜସ୍ୱ ସ୍ୱାଧୀନ ଅନୁସନ୍ଧାନ କରିନେବା ଆବଶ୍ୟକ । ନିଲାମ ବିଜ୍ଞାପନଟି ଶ୍ରେଇର କୌଣସି ପ୍ରତିବଦ୍ଧତା ଏବଂ କୌଣସି ଅଭିବେଦନ ନୁହେଁ ଏବଂ ତାହାକୁ ଏପରି ଭାବେ ବିବେଚନା କରାଯାଇପାରିବ ନାହିଁ । ସମ୍ପତ୍ତି/ଗୁଡ଼ିକୁ ଶ୍ରେଇର ଜ୍ଞାତସାରରେ ଥିବା ଏବଂ ଜ୍ଞାତସାରରେ ନ ଥିବା ସମସ୍ତ ବିଦ୍ୟମାନ ଏବଂ ଭବିଷ୍ୟତ ଋଣଭାର ସହିତ ବିକ୍ରୟ କରାଯାଉଛି । କୌଣସି ତୃତୀୟ ପକ୍ଷ ଦାବି/ଅଧିକାର/ଦେୟ ପାଇଁ ଶ୍ରେଇ କୌଣସି ଉପାୟରେ ଦାୟୀ ରହିବ ନାହିଁ ।

୪. ଇ–ନିଲାମରେ ଅଂଶଗ୍ରହଣ କରିବା ପାଇଁ, ଆଗ୍ରହୀ ବିଡରମାନଙ୍କୁ କେବଳ ''ଶ୍ରେଇ ଇକ୍ୟୁପ୍‌ମେଣ୍ଟ ଫାଇନାନ୍ସ ଲିମିଟେଡ୍'' ସପକ୍ଷରେ ଭୁବନେଶ୍ୱରଠାରେ ପୈଠଯୋଗ୍ୟ **ଡିମାଣ୍ଡ ଡ୍ରାଫ୍ଟ (ଡିଡି)/ପେ' ଅର୍ଡର୍ (ପିଓ)** ଦ୍ୱାରା ଏକ ଫେରସ୍ତଯୋଗ୍ୟ ଇଏମ୍‌ଡି ଦାଖଲ କରିବାକୁ ହେବ, ଯାହା ସଂରକ୍ଷିତ ମୂଲ୍ୟର ୧୦%ରୁ କମ୍ ହୋଇ ନ ଥିବା ଆବଶ୍ୟକ । ପ୍ରାଧିକୃତ ଅଧିକାରୀଙ୍କ ଦ୍ୱାରା ଇଏମ୍‌ଡି ଉପରେ କୌଣସି ସୁଧ ପୈଠ କରାଯିବ ନାହିଁ ।

୫. ଆଗ୍ରହୀ ବିଡରମାନଙ୍କୁ ବିଧିବଦ୍ଧ ଭାବେ ପୂରଣ ହୋଇଥିବା ବିଡ୍ ଫର୍ମ (ଫର୍ମାଟ୍ https:// eauction.auctiontiger.net/EPROC/ରେ ଉପଲବ୍ଧ) ସହ ଇଏମ୍‌ଡି ବାବଦରେ ଡିଡି/ପିଓ ଏବଂ ଆଗ୍ରହୀ ବିଡରଙ୍କ କେୱାଇସି **''ପ୍ରାଧିକୃତ ପ୍ରତିନିଧି, ଶ୍ରେଇ ଇକ୍ୟୁପ୍‌ମେଣ୍ଟ ଫାଇନାନ୍ସ ଲିମିଟେଡ୍'', ସ୍ଥାନ: ୧ମ ମହଲା, ପ୍ଲଟ୍ ନଂ. ୧୧, ସତ୍ୟନଗର, ଭୁବନେଶ୍ୱର- ୭୫୧୦୦୭ ଠିକଣାରେ ସର୍ବଶେଷ ୫ ମେ, ୨୦୨୫ ଅପରାହ୍ନ ୪.୦୦ ଘଟିକା ପୂର୍ବରୁ** ଦାଖଲ କରିବା ଆବଶ୍ୟକ । ବିଡ୍ ଫର୍ମର ଉପରିଭାଗରେ **''ଇ-ନିଲାମ ବିକ୍ରୟରେ ଅଂଶଗ୍ରହଣ କରିବା ପାଇଁ ବିଡ୍ - ଯାଜପୁର, ଓଡ଼ିଶାଠାରେ ସମ୍ପତ୍ତିର ବିକ୍ରୟ''** ଉଲ୍ଲେଖ କରାଯିବା ଆବଶ୍ୟକ ।

୬. **ବିଡ୍ ଫର୍ମ ସମେତ ସମ୍ପତ୍ତି/ଗୁଡ଼ିକର ବିବରଣୀ ଏବଂ ଏହି ବିକ୍ରୟ ବିଜ୍ଞପ୍ତିର ଅଂଶବିଶେଷ ହୋଇଥିବା ବିକ୍ରୟର ନିୟମ ଓ ସର୍ତ୍ତାବଳୀର ସବିଶେଷ https://eauction.auctiontiger.net/ EPROC/ ରେ ଉପଲବ୍ଧ ହେବ ।**

୭. ଇ–ନିଲାମ ବିକ୍ରୟରେ ଅଂଶଗ୍ରହଣ କରିବା ପାଇଁ, ଆଗ୍ରହୀ ବିଡରମାନେ ସେମାନଙ୍କର ବିବରଣୀକୁ ଯଥେଷ୍ଟ ସମୟ ପୂର୍ବରୁ ସେବା ପ୍ରଦାନକାରୀ ମେସର୍ସ ଇ–ପ୍ରୋକ୍ୟୋରମେଣ୍ଟ ଟେକ୍ନୋଲୋଜିସ୍ ଲିମିଟେଡ୍, ବି–୭୦୪–୭୦୫, ୱାଲ୍ ଷ୍ଟ୍ରୀଟ୍ – ୨, ଓରିଏଣ୍ଟ କ୍ଲବ୍ ସାମ୍ନା, ଗୁଜରାଟ କଲେଜ ପାଖ, ଏଲିସ୍ ବ୍ରିଜ୍, ଅହମ୍ମଦାବାଦ – ୩୮୦୦୦୬, ଗୁଜରାଟ; ଯୋଗାଯୋଗ ବ୍ୟକ୍ତି: ଅକ୍ସନ୍ ଟାଇଗର୍‌ର ପ୍ରତିନିଧିତ୍ୱ କରୁଥିବା ଶ୍ରୀ ମୌଲିକ ଶ୍ରୀମାଲୀ, ମୋ.: +୯୧–୯୧୭୩୫୨୮୭୨୭; ଇମେଲ୍: Maulik.shrimali@auctiontiger.netଙ୍କ ନିକଟରେ ନିଜର ବିବରଣୀର ପଞ୍ଜୀକରଣ କରିବା ଏବଂ ୟୁଜର୍ ଆଇଡି ଓ ପାସ୍‌ୱାର୍ଡ ପ୍ରାପ୍ତ କରିବା ଆବଶ୍ୟକ । ସେବା ପ୍ରଦାନକାରୀଙ୍କଠାରୁ ପାସ୍‌ୱାର୍ଡ ପ୍ରାପ୍ତ କରିବାର ତୁରନ୍ତ ପରେ ତାହାକୁ ପରିବର୍ତ୍ତନ କରିବା ପାଇଁ ଆଗ୍ରହୀ ବିଡରମାନଙ୍କୁ ପରାମର୍ଶ ଦିଆଯାଉଛି ।

୮. ବିଡ୍ ପରିମାଣରେ ଟିଡିଏସ୍ ଅନ୍ତର୍ଭୁକ୍ତ ନୁହେଁ । ସଫଳ ବିଡରଙ୍କୁ ବିଡ୍ ପରିମାଣ ଉପରେ ଓ ଅତିରିକ୍ତ ଭାବେ ଟିଡିଏସ୍ ରାଶି ପୈଠ କରିବାକୁ ପଡ଼ିବ ।

୪. ଇ–ନିଲାମରେ ଅଂଶଗ୍ରହଣ କରିବା ପାଇଁ, ଆଗ୍ରହୀ ବିଡରମାନଙ୍କୁ କେବଳ "ଶ୍ରେଇ ଇକ୍ୟୁପ୍‌ମେଣ୍ଟ ଫାଇନାନ୍ସ ଲିମିଟେଡ୍" ସପକ୍ଷରେ ଭୁବନେଶ୍ୱରଠାରେ ପୈଠଯୋଗ୍ୟ **ଡିମାଣ୍ଡ ଡ୍ରାଫ୍ଟ (ଡିଡି)/ପେ' ଅର୍ଡର୍ (ପିଓ)** ଦ୍ୱାରା ଏକ ଫେରସ୍ତଯୋଗ୍ୟ ଇଏମ୍‌ଡି ଦାଖଲ କରିବାକୁ ହେବ, ଯାହା ସଂରକ୍ଷିତ ମୂଲ୍ୟର ୧୦%ରୁ କମ୍ ହୋଇ ନ ଥିବା ଆବଶ୍ୟକ। ପ୍ରାଧିକୃତ ଅଧିକାରୀଙ୍କ ଦ୍ୱାରା ଇଏମ୍‌ଡି ଉପରେ କୌଣସି ସୁଧ ପୈଠ କରାଯିବ ନାହିଁ।

୫. ଆଗ୍ରହୀ ବିଡରମାନଙ୍କୁ ବିଧିବଦ୍ଧ ଭାବେ ପୂରଣ ହୋଇଥିବା ବିଡ୍ ଫର୍ମ (ଫର୍ମାଟ୍ https:// eauction.auctiontiger.net/EPROC/ରେ ଉପଲବ୍ଧ) ସହ ଇଏମ୍‌ଡି ବାବଦରେ ଡିଡି/ପିଓ ଏବଂ ଆଗ୍ରହୀ ବିଡରଙ୍କ କେୱାଇସି **"ପ୍ରାଧିକୃତ ପ୍ରତିନିଧି, ଶ୍ରେଇ ଇକ୍ୟୁପ୍‌ମେଣ୍ଟ ଫାଇନାନ୍ସ ଲିମିଟେଡ୍", ସ୍ଥାନ: ୧ମ ମହଲା, ପ୍ଲଟ୍ ନଂ. ୧୧, ସତ୍ୟନଗର, ଭୁବନେଶ୍ୱର- ୭୫୧୦୦୭ ଠିକଣାରେ ସର୍ବଶେଷ ୫ ମେ, ୨୦୨୫ ଅପରାହ୍ନ ୪.୦୦ ଘଟିକା ପୂର୍ବରୁ** ଦାଖଲ କରିବା ଆବଶ୍ୟକ। ବିଡ୍ ଫର୍ମର ଉପରିଭାଗରେ **"ଇ-ନିଲାମ ବିକ୍ରୟରେ ଅଂଶଗ୍ରହଣ କରିବା ପାଇଁ ବିଡ୍ - ଯାଜପୁର, ଓଡ଼ିଶାଠାରେ ସମ୍ପତ୍ତିର ବିକ୍ରୟ"** ଉଲ୍ଲେଖ କରାଯିବା ଆବଶ୍ୟକ।

୬. **ବିଡ୍ ଫର୍ମ ସମେତ ସମ୍ପତ୍ତି/ଗୁଡ଼ିକର ବିବରଣୀ ଏବଂ ଏହି ବିକ୍ରୟ ବିଜ୍ଞପ୍ତିର ଅଂଶବିଶେଷ ହୋଇଥିବା ବିକ୍ରୟର ନିୟମ ଓ ସର୍ତ୍ତାବଳୀର ସବିଶେଷ https://eauction.auctiontiger.net/ EPROC/ ରେ ଉପଲବ୍ଧ ହେବ।**

୭. ଇ–ନିଲାମ ବିକ୍ରୟରେ ଅଂଶଗ୍ରହଣ କରିବା ପାଇଁ, ଆଗ୍ରହୀ ବିଡରମାନେ ସେମାନଙ୍କର ବିବରଣୀକୁ ଯଥେଷ୍ଟ ସମୟ ପୂର୍ବରୁ ସେବା ପ୍ରଦାନକାରୀ ମେସର୍ସ ଇ–ପ୍ରୋକ୍ୟୋରମେଣ୍ଟ ଟେକ୍ନୋଲୋଜିସ୍ ଲିମିଟେଡ୍, ବି–୭୦୪–୭୦୫, ୱାଲ୍ ଷ୍ଟ୍ରୀଟ୍ – ୨, ଓରିଏଣ୍ଟ କ୍ଲବ୍ ସାମ୍ନା, ଗୁଜରାଟ କଲେଜ ପାଖ, ଏଲିସ୍ ବ୍ରିଜ୍, ଅହମ୍ମଦାବାଦ – ୩୮୦୦୦୬, ଗୁଜରାଟ; ଯୋଗାଯୋଗ ବ୍ୟକ୍ତି: ଅକ୍ସନ୍ ଟାଇଗର୍‌ର ପ୍ରତିନିଧିତ୍ୱ କରୁଥିବା ଶ୍ରୀ ମୌଳିକ ଶ୍ରୀମାଲୀ, ମୋ.: +୯୧–୯୧୭୩୫୨୮୭୨୭; ଇମେଲ୍: Maulik.shrimali@auctiontiger.netଙ୍କ ନିକଟରେ ନିଜର ବିବରଣୀର ପଞ୍ଜୀକରଣ କରିବା ଏବଂ ୟୁଜର୍ ଆଇଡି ଓ ପାସ୍‌ୱାର୍ଡ ପ୍ରାପ୍ତ କରିବା ଆବଶ୍ୟକ। ସେବା ପ୍ରଦାନକାରୀଙ୍କଠାରୁ ପାସ୍‌ୱାର୍ଡ ପ୍ରାପ୍ତ କରିବାର ତୁରନ୍ତ ପରେ ତାହାକୁ ପରିବର୍ତ୍ତନ କରିବା ପାଇଁ ଆଗ୍ରହୀ ବିଡରମାନଙ୍କୁ ପରାମର୍ଶ ଦିଆଯାଉଛି।

୮. ବିଡ୍ ପରିମାଣରେ ଟିଡିଏସ୍ ଅନ୍ତର୍ଭୁକ୍ତ ନୁହେଁ। ସଫଳ ବିଡରଙ୍କୁ ବିଡ୍ ପରିମାଣ ଉପରେ ଓ ଅତିରିକ୍ତ ଭାବେ ଟିଡିଏସ୍ ରାଶି ପୈଠ କରିବାକୁ ପଡ଼ିବ।

୯. କୌଣସି କାରଣ ନ ଦର୍ଶାଇ ପ୍ରାପ୍ତ ହୋଇଥିବା ସମସ୍ତ କିମ୍ବା ଯେକୌଣସି ଅଫର/ବିଡ୍‌କୁ ଗ୍ରହଣ/ଖାରଜ କରିବାର ଅଧିକାର ପ୍ରାଧିକୃତ ଅଧିକାରୀଙ୍କ ନିକଟରେ ସଂରକ୍ଷିତ।

୧୦. ବିକ୍ରୟର ସବିଶେଷ ନିୟମ ଓ ସର୍ତ୍ତାବଳୀ ପାଇଁ ଦୟାକରି ୱେବ୍‌ସାଇଟ୍ ଅର୍ଥାତ୍ https://eauction.auctiontiger.net/EPROC/ ଏବଂ **www.srei.com**ରେ ପ୍ରଦତ୍ତ ଲିଙ୍କ୍ ଦେଖନ୍ତୁ।

**ପ୍ରାଧିକୃତ ପ୍ରତିନିଧି**
**ଅମରନାଥ ପଣ୍ଡା**

**ତାରିଖ: ୨୫.୦୪.୨୦୨୫**
**ସ୍ଥାନ: ଭୁବନେଶ୍ୱର**
ଯୋଗାଯୋଗ:– ୦୩୩୬୬୦୨୨୭୨୩
ଇମେଲ୍ ଆଇଡି: amarnath.panda@srei.com

## ସଂକ୍ଷେପରେ

### ଭିନ୍ନକ୍ଷମ ଯୁବତୀଙ୍କୁ ଅସଦାଚରଣ, ୨ ଗିରଫ

ଚଣ୍ଡିଖୋଲ,୨୪।୪(ପ୍ରଦୀପ୍ତ କୁମାର ପୃଷ୍ଟି): ଜଣେ ମାନସିକ ଭିନ୍ନକ୍ଷମ ଯୁବତୀଙ୍କୁ ଅସଦାଚରଣ କରାଯାଇଥିବା ଅଭିଯୋଗ ହୋଇଛି। ଉକ୍ତ ଅଭିଯୋଗ ଆଧାରରେ ବଡ଼ଚଣା ପୋଲିସ ୨ ଯୁବକଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ରଗଡ଼ି ସବ୍‌ଜେଲକୁ ପଠାଇ ଦିଆଯାଇଛି। ଗିରଫ ଅଭିଯୁକ୍ତ ହେଲେ ଯାଜପୁର ଜିଲା ଛତିଆ ଅଞ୍ଚଳର ନାରାୟଣ ନାୟକ(୩୨) ଓ କଟକ ଜିଲା ନରସିଂହପୁର ଥାନା ଅନ୍ତର୍ଗତ ଅଲରା ଗ୍ରାମର ପବିତ୍ର ନାୟକ(୩୬)। ଗତ ୨୨ ତାରିଖ ସନ୍ଧ୍ୟାରେ ୧୬ନଂ.ଜାତୀୟ ରାଜପଥର ବଡ଼ଚଣା ଥାନା ଅନ୍ତର୍ଗତ କଢେଇ ଛକ ନିକଟରେ ସମ୍ପୃକ୍ତ ଯୁବତୀ ଚାଲି ଚାଲି ଯାଉଥିଲେ। ଏହି ସମୟରେ ଅଭିଯୁକ୍ତ ଦ୍ୱୟ ବାଇକରେ ଆସି ତାଙ୍କୁ ଅସଦାଚରଣ କରିଥିଲେ। ରାସ୍ତାରେ ଯାଉଥିବା ଲୋକେ ଏହାର ପ୍ରତିବାଦ କରିବା ସହ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଯୁବତୀଙ୍କୁ ଉଦ୍ଧାର କରିବା ସହ ଉଭୟ ଅଭିଯୁକ୍ତଙ୍କୁ ଥାନାକୁ ଆଣିଥିଲ। ଏନେଇ ଥାନାରେ ଏକ ମାମଲା ନଂ.୧୨୩/୨୫ ରୁଜୁ ହୋଇଛି।

### ନକଲି ଦେଶୀ ମଦ ଜବତ, ୩ ଗିରଫ

ଯାଜପୁର ଟାଉନ,୨୪।୪(ପ୍ରଯକ୍ତା ପ୍ରିୟଦର୍ଶିନି ମହାନ୍ତି): କଟକ ଚୌଦ୍ୱାରର ନକଲି ଦେଶୀ ମଦ କାରଖାନା ସହ ଲିଙ୍କ ଘଟଣାରେ ଯାଜପୁର ଜିଲାରୁ ୩ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି ଅବକାରୀ ବିଭାଗ। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସେମାନେ ହେଲେ ଧର୍ମଶାଳା ଥାନା ନୂଆସୁଙ୍ଗୁଡ଼ାର ଅମିତ ସାମଲ, ଯାଜପୁର ଅଡ଼ଙ୍ଗ ପୁରୁଷୋତ୍ତମପୁର ଅଞ୍ଚଳର ବାବୁଲି ସାହୁ ଓ ଅଞ୍ଜଳି ସାହୁ। ସେମାନଙ୍କଠାରୁ ୫୦ଲିଟର ନକଲି ଦେଶୀ ମଦ ସମେତ ୩୫ ଲିଟର ବିଦେଶୀ ମଦ, ୨୩ ଲିଟର ବିଅର ଜବତ କରାଯାଇଛି। ଘଟଣାରେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଲିପୁ ସାହୁ ଫେରାର ଅଛନ୍ତି। ତାଙ୍କୁ କାବୁ କରିବା ପାଇଁ ଜିଲାର ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଥିବା ଯାଜପୁର ଅବକାରୀ ଅଧୀକ୍ଷକ ଦିବ୍ୟ କିଶୋର ତଣ୍ଡେଲ ସୂଚନା ଦେଇଛନ୍ତି।

### ସୁନା ଦୋକାନୀଙ୍କୁ ଉଠାଇନେଲା ପୋଲିସ

ଚଣ୍ଡିଖୋଲ,୨୪।୪ (ପ୍ରଦୀପ୍ତ କୁମାର ପୃଷ୍ଟି):

ଚୋରି ସୁନା ଗହଣା କିଣିବା ଅଭିଯୋଗରେ କଟକ ଜିଲା ଚୌଦ୍ୱାର ଥାନା ପୋଲିସ ବାଲିଚନ୍ଦ୍ରପୁର ବଜାରରୁ ଜଣେ ସୁନା ଦୋକାନୀଙ୍କୁ ଉଠାଇ ନେଇଛି। ସେ ହେଲେ ପ୍ରକାଶ କୁମାର ସାହୁ। ଦୋକାନରେ ବସିଥିବା ବେଳେ ଗୁରୁବାର ସକାଳେ ଚୌଦ୍ୱାର ପୋଲିସ ପହଞ୍ଚି ବାଲିଚନ୍ଦ୍ରପୁର ପୋଲିସ ସହାୟତାରେ ତାଙ୍କୁ ଉଠାଇ ନେଇଥିଲା। ଗତ କିଛି ଦିନ ତଳେ କଟକ ପୁରୀଘାଟ ଥାନା ପୋଲିସ ବାଲିଚନ୍ଦ୍ରପୁର ବଜାରରେ ସୁନା ଦୋକାନ କରିଥିବା ଆଉ ଜଣେ ଦୋକାନୀଙ୍କୁ ଉଠାଇ ନେଇଥିଲା। ଚୋରି ସୁନାଗହଣା କିଣିବା ଅଭିଯୋଗରେ ପୋଲିସ ଦୋକାନୀଙ୍କୁ ଉଠାଇ ନେବାରୁ ଗ୍ରାହକଙ୍କ ବିଶ୍ୱାସ ତୁଟି ଯାଉଛି। ଅନ୍ୟପକ୍ଷରେ ସୁନାର ଅତ୍ୟଧିକ ମୂଲ୍ୟ ବୃଦ୍ଧି ଯୋଗୁଁ ଚୋରା ସୁନା ବେପାର ବଢୁଥିବା କୁହାଯାଉଛି।

# ଗାଁର ବିକାଶ ହେଲେ ଦେଶର ବିକାଶ ହେବ





ପଞ୍ଚାୟତିରାଜ ଦିବସ ସମାରୋହରେ ଯୋଗଦେଇଥିବା ଅତିଥି ଓ ଜନସାଧାରଣ।

ଯାଜପୁର,୨୪।୪(ହର୍ଷବର୍ଦ୍ଧନ ବେହେରା):

ଗୋଟିଏ ଦେଶର ମେରୁଦଣ୍ଡ ହେଉଛି ଗ୍ରାମାଞ୍ଚଳ। ଗାଁର ବିକାଶ ହେଲେ ଦେଶର ବିକାଶ ହେବ । ସେଥିପାଇଁ ଜାତୀୟ ପଞ୍ଚାୟତିରାଜ ଦିବସରେ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା ପ୍ରଣୟନ କରାଯାଇଛି। ଯାହା ୫ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ। ଯାଜପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ଗୁରୁବାର ଜିଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ଅବସରରେ ବକ୍ତାମାନେ ଏହି ମତପୋଷଣ କରିଛନ୍ତି।

ଏହି ଉତ୍ସବରେ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଯୋଗଦେଇ କହିଲେ, ୧୯୯୩ ଏପ୍ରିଲ ୨୪ରେ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକୁ ସାମ୍ବିଧାନିକ ମାନ୍ୟତା ମିଳିଥିଲା । ଭାରତର ଗଣତାନ୍ତ୍ରିକ ଢାଞ୍ଚାରେ ପଞ୍ଚାୟତିରାଜ ବ୍ୟବସ୍ଥାର ଗୁରୁତ୍ୱକୁ ସ୍ୱୀକାର କରିବା ପାଇଁ ପ୍ରତିବର୍ଷ ଏପ୍ରିଲ ୨୪ରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ କରାଯାଏ। ଏହି ଐତିହାସିକ ସଂଶୋଧନ ଫଳରେ ସାରା ଦେଶରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା, ଯାହା ସ୍ଥାନୀୟ ସ୍ୱାୟତ୍ତ ଶାସନକୁ ସଶକ୍ତ କରିଥିଲା । ଶାସନକୁ ତୃଣମୂଳସ୍ତରକୁ ଆଣିବା, ଗ୍ରାମର ବିକାଶ ଏବଂ ଗ୍ରାମୀଣ ନାଗରିକଙ୍କ ସକ୍ରିୟ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବାରେ ଏହି ବ୍ୟବସ୍ଥା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଏକ ଦେଶର ତଥା ରାଜ୍ୟର ବିକାଶ ଏହାର ପଞ୍ଚାୟତର ବିକାଶ ଉପରେ ନିର୍ଭର କରିଥାଏ । ସ୍ଥାନୀୟ ପଞ୍ଚାୟତିରାଜ ସଦସ୍ୟମାନେ ତୃଣମୂଳସ୍ତରରୁ ପଞ୍ଚାୟତର ବିକାଶ ନିମନ୍ତେ କାମ କରିପାରିବେ, ଯାହା କି ପଞ୍ଚାୟତିରାଜ ବ୍ୟବସ୍ଥାକୁ ସୁଦୃଢ଼ କରିପାରିବ । ଏହା ହିଁ ହେଉଛି ପଞ୍ଚାୟତିରାଜ ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସେ କହିଥିଲେ। ସେ ଆହୁରି କହିଥିଲେ, ପଞ୍ଚାୟତିରାଜ ବ୍ୟବସ୍ଥାର ସୁଦୃଢ଼ୀକରଣ ନିମନ୍ତେ କେନ୍ଦ୍ର ତଥା ରାଜ୍ୟସ୍ତରୀୟ ପାଣ୍ଠି ଆଦିର ବ୍ୟବସ୍ଥା କରାଯାଇଛି। ଉକ୍ତ ଦିବସରେ ନୂତନ ହିତାଧିକାରୀଙ୍କୁ ରାଶନ କାର୍ଡ ମଧ୍ୟ ବଣ୍ଟନ କରାଯାଇଥିଲା । ଯାଜପୁର ଜିଲାରେ ୪୨୩୮୧ ଜଣ ହିତାଧିକାରୀ ନୂତନ ରାଶନ କାର୍ଡ ପାଇବେ। ଜିଲାସ୍ତରୀୟ ଉତ୍ସବରେ ୫୫ ଜଣ ହିତାଧିକାରୀଙ୍କୁ ରାଶନ କାର୍ଡ ପ୍ରଦାନ କରାଯାଇଛି।

### ଜିଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ସମାରୋହ

ଜାତୀୟ ପଞ୍ଚାୟତିରାଜ ଦିବସରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପ୍ରଥମ ସ୍ଥାନ ଅଧିକାର କରିଥିବା ଯାଜପୁର ଜିଲାର ଦାନଗଦି ବ୍ଲକ ତ୍ରିଜଙ୍ଗା ପଞ୍ଚାୟତ, କୋରେଇ ବ୍ଲକର ପଛିକୋଟ ପଞ୍ଚାୟତ, ଧର୍ମଶାଳା ବ୍ଲକର ରାଇଛନ୍ଦା ପଞ୍ଚାୟତ, ରସୁଲପୁର ବ୍ଲକର ସମନ୍ତରାପୁର ପଞ୍ଚାୟତ, ପହଙ୍ଗା ପଞ୍ଚାୟତ ଓ ମୁଗୁପାଳ ପଞ୍ଚାୟତକୁ ୭ ଲକ୍ଷ ୭୨ ହଜାର ୯୪୬ ଟଙ୍କା ଲେଖାଏ ପ୍ରଦାନ କରାଯାଇଥିଲା । ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ରସୁଲପୁର ବ୍ଲକର ନରସିଂହପୁର ପଞ୍ଚାୟତକୁ ୫ ଲକ୍ଷ ୭୯ ହଜାର ୭୧୦ ଟଙ୍କା ଅର୍ଥରାଶି, ତୃତୀୟ ସ୍ଥାନ ଅଧିକାର କରିଥିବା ରସୁଲପୁର ବ୍ଲକର ବଡକଇଞ୍ଚି ପଞ୍ଚାୟତ, ବନ୍ଧଡ଼ିହ ପଞ୍ଚାୟତ, ଟିକରପଡ଼ା ପଞ୍ଚାୟତ, ବଡ଼ଚଣା ବ୍ଲକର ବାରିପଦା ପଞ୍ଚାୟତ, ସୁକିନ୍ଦା ବ୍ଲକରର ପିମ୍ପୁଡ଼ିଆ ପଞ୍ଚାୟତ ଓ ରାହାଁସୋଳ ପଞ୍ଚାୟତଙ୍କୁ ୩ ଲକ୍ଷ ୮୬ ହଜାର ୪୭୩ ଟଙ୍କା ଲେଖାଏ ମୁଖ୍ୟ ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଶୋକ କୁମାର ବେହୁରିଆ, ଯାଜପୁର ବ୍ଲକ ଅଧ୍ୟକ୍ଷା ସ୍ୱର୍ଣ୍ଣଲତା ପରିଡ଼ା, ଏପିଡ଼ି ଲମ୍ବୋଦର ଖୁଣ୍ଟିଆ, ବିଡ଼ିଓ ହେମନ୍ତ କୁମାର ମହନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

### ଇନ୍ସପେକ୍ଟରସ୍ତରରେ ଅଦଳବଦଳ

ପାଣିକୋଇଲି,୨୪।୪(ବିକାଶ ମଲ୍ଲିକ): ଯାଜପୁର ଜିଲା ପୋଲିସର ୫ ଇନ୍ସପେକ୍ଟରସ୍ତରରେ ଗୁରୁବାର ଅଦଳବଦଳ କରାଯାଇଛି। ଜିଲା ପୋଲିସ ମୁଖ୍ୟାଳୟର ପତ୍ର ସଂଖ୍ୟା୬୪୩/୨୫ ଅନୁଯାୟୀ ଇନ୍ସପେକ୍ଟର ଅଂଶୁମାଳା ଦାସଙ୍କୁ ବ୍ରହ୍ମବରଦା ଥାନାରୁ ବୈରୀ ଥାନା, ଶରତ ନାୟକଙ୍କୁ ବୈରୀ ଥନାରୁ ଦଶରଥପୁର ଥାନା, ମଧୁସ୍ମିତା ବେହେରାଙ୍କୁ ଡିଏଚ୍‌ଆର୍‌ପିସିରୁ ବଡ଼ଚଣା ଥାନା, ଜୟନ୍ତୀ ମଲ୍ଲିକଙ୍କୁ ଆୟୁସିଏଡବ୍ଲ୍ୟୁରୁ ବ୍ରହ୍ମବରଦା ଥାନା ଓ ଚିନ୍ମୟୀ ବେହେରାଙ୍କୁ ଜିଲା ପୁଲିସ ମୁଖ୍ୟାଳୟରୁ ଡିଏଚ୍‌ଆର୍‌ପିସିକୁ ବଦଳି କରାଯାଇଛି। ସେମାନଙ୍କୁ ତୁରନ୍ତ ବଦଳି ସ୍ଥାନରେ ଯୋଗଦେବାକୁ ଏସ୍‌ପି ଯଶ ପ୍ରତାପ ଶ୍ରୀମଲ ନିର୍ଦ୍ଦେଶ ଦେଇଛନ୍ତି।

### ୪ ଇନ୍ସପେକ୍ଟରଙ୍କ ଡିଏସ୍‌ପି ପାହ୍ୟାକୁ ପଦୋନ୍ନତି

ପାଣିକୋଇଲି,୨୪।୪(ବିକାଶ ମଲ୍ଲିକ): ରାଜ୍ୟରେ ମୋଟ୍ ୧୬୮ ଇନ୍ସପେକ୍ଟରଙ୍କ ଡିଏସ୍‌ପି ପାହ୍ୟାକୁ ପଦୋନ୍ନତୀ ହୋଇଛି। ଏଥିରେ ଯାଜପୁର ଜିଲାରେ କାର୍ଯ୍ୟରତ ୪ ଇନ୍ସପେକ୍ଟର ରହିଛନ୍ତି। ସେମାନେ ହେଲେ ଯାଜପୁର ଥାନା ଇନ୍ସପେକ୍ଟର ଶରତ ଚନ୍ଦ୍ର ପାତ୍ର, ଯାଜପୁର ସଦର ଥାନା ଇନ୍ସପେକ୍ଟର ଶଙ୍କର୍ଷଣ ଦଳାଇ, ଯାଜପୁର ରୋଡ ଥାନା ଇନ୍ସପେକ୍ଟର ଉପେନ୍ଦ୍ର ପାତ୍ର ଓ ବିଞ୍ଝାରପୁର ଥାନା ଇନ୍ସପେକ୍ଟର ବାମଦେବ ନନ୍ଦ। ଏନେଇ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

## ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା, ଶୋଭାଯାତ୍ରା



ଶୋଭାଯାତ୍ରାରେ ସାମିଲ ହୋଇଥିବା ଭାଜପା ଯୁବମୋର୍ଚ୍ଚା କର୍ମକର୍ତ୍ତା।

ଯାଜପୁର ଟାଉନ,୨୪।୪ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଜାମ୍ମୁ-କଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀଙ୍କ ଗୁଳିରେ ପ୍ରାଣ ହରାଇଥିବା ପର୍ଯ୍ୟଟକଙ୍କ ଅମର ଆତ୍ମାର ସଦଗତି ପାଇଁ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଗୁରୁବାର ଏକ ଶ୍ରଦ୍ଧାଞ୍ଜଳି ସଭା ଓ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟା ୬ଟାରେ ଯାଜପୁର ରାମମନ୍ଦିରଠାରେ ଶ୍ରଦ୍ଧାଞ୍ଜଳି ସଭା କରାଯିବା ସହ କ୍ୟାଣ୍ଡେଲ୍ ଶୋଭାଯାତ୍ରା କରାଯାଇ ସହର ପରିକ୍ରମା କରାଯାଇଥିଲା। ପରେ ଗାନ୍ଧିଛକଠାରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଶୋଭାଯାତ୍ରାରେ ଭାଜପା ଯୁବମୋର୍ଚ୍ଚା ଉପସଭାପତି ସଂଗ୍ରାମ କେଶରୀ ପାତ୍ର, ହିନ୍ଦୁ ଜାଗରଣ ମଞ୍ଚ ସଂପାଦକ ତନ୍ମୟ ଦାସ, ଦିବ୍ୟଭୂଷଣ ମହାନ୍ତି, ଶ୍ରୀକାନ୍ତ ସାହୁ, ଜୟରଞ୍ଜନ ସ୍ୱାଇଁ, ସୁଦାମ ପରିଡ଼ା, ଶୁଭକାନ୍ତ ଜେନା, ବସବନ୍ଧୁ ଦାସ, ସୁନିଲ ସାହୁ, ସଂଗ୍ରାମ ମହାନ୍ତି, ଆଶୁତୋଷ ସାହୁ, ସୁବାସ ମଲ୍ଲିକ, ଗୌରାଙ୍ଗ ବାରିକ, ପ୍ରଫୁଲ୍ଲ ପହି, ରଞ୍ଜିତ ଦାସ, ତପନ ଜେନା, ଅଜୟ ରାଉତ, ଶଙ୍କର ଜେନା, ଜୟଦୀପ ଜେନା, ଦୀପକ ପତି, ଶ୍ରୀକାନ୍ତ ନାୟକ, ଦିପୁ ସାହୁଙ୍କ ସମେତ ବହୁ ଯୁବମୋର୍ଚ୍ଚା କର୍ମୀ ଯୋଗଦେଇଥିଲେ।

### ୩୨ ହିତାଧିକାରୀଙ୍କୁ ରାଶନ କାର୍ଡ ପ୍ରଦାନ

ଦଶରଥପୁର,୨୪।୪ (ସୁଶାନ୍ତ କୁମାର ବେହୁରିଆ):

ଦଶରଥପୁର ବ୍ଲକ ପରିସରରେ ଗୁରୁବାର ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ବିଡିଓ ଆକାଶ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଦିଗାମ୍ବର ମଲ୍ଲିକ, ସହକାରୀ ଯନ୍ତ୍ରୀ ରାହାସ ବିହାରୀ ଜେନା, ବ୍ଲକ ଯୋଗାଣ ଅଧିକାରୀ ତପସ୍ୱିନୀ ରାୟ, ସାମାଜିକ ସୁରକ୍ଷା ଅଧିକାରୀ ସ୍ୱାଧୀନ କ୍ରିଷ୍ଟାବାଳା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ୩୨ ହିତାଧିକାରଙ୍କୁ ରାଶନ କାର୍ଡ ପ୍ରଦାନ କରାଯାଇଥିଲା। ଏଏଫ୍‌ସି ଓ ସିଏଫ୍‌ସି ଅର୍ଥ ଠିକ ପରିଚାଳନା ନିମନ୍ତେ ମଲ୍ଲିକପୁର ପଞ୍ଚାୟତ, ଏଆର୍‌ଜିଏସ ଯୋଜନାର ସଫଳ ରୂପାୟନ ନିମନ୍ତେ ଚମ୍ପେଇପାଳ ପଞ୍ଚାୟତ, ନିଜସ୍ୱ ଆୟ ପାଣ୍ଠି ବୃଦ୍ଧି କ୍ଷେତ୍ରରେ ଡାହାଣହତା ପଞ୍ଚାୟତ, ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମର ସଫଳ ପରିଚାଳନା ନିମନ୍ତେ ବିରଜାପୁର ପଞ୍ଚାୟତ ଏବଂ ପଞ୍ଚାୟତ ଉନ୍ନୟନ ସୂଚକଙ୍କ କ୍ଷେତ୍ରରେ ସଫଳତା ନିମନ୍ତେ ରାହାଶୋଇ ପଞ୍ଚାୟତ ଓ ମହିଳା ସଶକ୍ତୀକରଣ କ୍ଷେତ୍ରରେ ବ୍ଲକ ମିଶନ ଶକ୍ତି ବିଭାଗକୁ ଅତିଥିଙ୍କ ଦ୍ୱାରା ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଜିପିଓ ସୁମନ୍ତ ବେହେରା ସହଯୋଗ କରିଥିଲେ।

### ନାବାଳିକା ବଳାତ୍କାରୀଙ୍କୁ ୨୦ ବର୍ଷ କାରାଦଣ୍ଡ

ଯାଜପୁର ଟାଉନ,୨୪।୪ (ପ୍ରଯକ୍ତା ପ୍ରିୟଦର୍ଶିନି ମହାନ୍ତି):

ସମ୍ପର୍କୀୟ ଭାଇ ଜଣେ ନାବାଳିକାଙ୍କୁ ପ୍ରେମ ଜାଲରେ ଫସାଇ ଅପହରଣ ଓ ବଳାତ୍କାର କରିବା ମାମଲାର ଗୁରୁବାର ରାୟ ପ୍ରକାଶ ପାଇଛି।

ଯାଜପୁର ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ ବିଚାରପତି ଅଭିଜିତ ପଲେଇ ମାମଲାର ବିଚାର କରି ଦୋଷୀଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ୨୦ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟରେ ୬ମାସ ଅଧିକ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ପୀଡ଼ିତାଙ୍କୁ ୧ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ଜିଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁସାରେ, ୨୦୨୨ ଜାନୁଆରୀ ୧୪ରେ ଯାଜପୁର ସଦର ଥାନା ଅଞ୍ଚଳର ୧୬ ବର୍ଷୀୟା ନାବାଳିକାଙ୍କୁ ବ୍ରହ୍ମବରଦା ଗ୍ରାମର ସୁକଦେବ ରାଉତ ଓରଫ ପିଙ୍କୁ (୨୮) ପ୍ରେମ ଜାଲରେ ଫସାଇ ଅପହରଣ କରି ବିଭିନ୍ନ ସ୍ଥାନକୁ ନେଇ ବଳାତ୍କାର କରିଥିଲେ। ପୀଡ଼ିତାଙ୍କ ବାପା ସନ୍ଦେହ କରି ଅଭିଯୁକ୍ତଙ୍କ ନାମରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ.୧୬/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପରେ ଶୁକଦେବଙ୍କୁ ପୋଲିସ ସୁରଟରୁ ଗିରଫ କୋର୍ଟଚାଲାଣ କରିବା ସହ ପୀଡ଼ିତାଙ୍କୁ ସେଠାରୁ ଉଦ୍ଧାର କରିଥିଲା। ମାମଲାର ବୃତ୍ତାନ୍ତ ଶୁଣାଣି କରି ୮ଜଣ ସାକ୍ଷୀଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି। ମାମଲା ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ରାଜୀବ ମହାନ୍ତି ପରିଚାଳାନା କରୁଥିଲେ। ଅନ୍ୟପକ୍ଷରେ ଶୁଣାଣି ସମୟରେ ହଠାତ୍ ଅଭିଯୁକ୍ତ ଶୁକଦେବ ଓ ତାଙ୍କର ଜଣେ ଭଉଣୀ ଅସୁସ୍ଥ ହୋଇ ଅଚେତ ହୋଇ ପଡ଼ିଥିଲେ। ସେମାନଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା।



ରାୟ ପ୍ରକାଶ ପରେ ଅଭିଯୁକ୍ତ ଅସୁସ୍ଥ ହୋଇପଡ଼ିଛନ୍ତି।

### ବୈରୀ ଥାନା ଅଧିକାରୀଙ୍କ ବଦଳି

ଛତିଆ,୨୪।୪(ସୌମ୍ୟ ରଞ୍ଜନ ସାହୁ): ଯାଜପୁର ଜିଲା ବୈରୀ ଥାନା ଅଧିକାରୀ ଶରତ ନାୟକଙ୍କ ବଦଳି ହୋଇଛି। ତାଙ୍କୁ ଦଶରଥପୁର ଥାନାକୁ ବଦଳି କରାଯାଇଛି। ତାଙ୍କ ସ୍ଥାନରେ ବ୍ରହ୍ମବରଦା ଥାନାରେ କାର୍ଯ୍ୟରତ ଅଂଶୁମାଳା ଦାସଙ୍କୁ ଅବସ୍ଥାପିତ କରାଯାଇଛି। ଏନେଇ ଜିଲା ପୋଲିସ ମୁଖ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

## ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଦେଲେ ବାଲି ମାଫିଆ

ବ୍ରହ୍ମବରଦା,୨୪।୪(ଯଯାତି କେଶରୀ ବେହେରା): ରସୁଲପୁର ବ୍ଲକ୍ ଅନ୍ତର୍ଗତ ଚାନ୍ଦପୁର-ମହେଶ୍ୱରପୁର ପଞ୍ଚାୟତରେ ବାଲି ମାଫିଆଙ୍କ ଉତ୍ପାତ ଦେଖିବାକୁ ମିଳିଛି।

ବ୍ରହ୍ମବରଦା ବିଦ୍ୟୁତ୍ ବିଭାଗ ଅଧୀନରେ ଉକ୍ତ ପଞ୍ଚାୟତ ଦେଇ ଯାଇଥିବା ୧୧କେଭି ବିଦ୍ୟୁତ ଖଣ୍ଟକୁ ମାଫିଆମାନେ ଗୁରୁବାର ଜେସିବି ଲଗାଇ ଭାଙ୍ଗିଦେଇଥିବା ଅଭିଯୋଗ ହୋଇଛି। ଫଳରେ ବ୍ରହ୍ମବରଦା, ଚାନ୍ଦପୁର-ମହେଶ୍ୱରପୁର ଅଞ୍ଚଳର ହଜାର ହଜାର ଉପଭୋକ୍ତା ମଧ୍ୟାହ୍ନ ୧୨ଟାରୁ ରାତି ୮ ପର୍ଯ୍ୟନ୍ତ ବିଦ୍ୟୁତ୍ ସେବାରୁ ବଞ୍ଚିତ ହୋଇଛନ୍ତି।

ଚାନ୍ଦପୁର-ମହେଶ୍ୱରପୁର ଅଞ୍ଚଳରେ ଚାଲିଥିବା ବେଆଇନ ବାଲିଘାଟରୁ ରାତିରେ ଶହ ଶହ ଟ୍ରିପ ବାଲି ଚାଲାଣ କରିଯାଉଛି। ଉକ୍ତ ବିଦ୍ୟୁତ୍ ଖୁଣ୍ଟ ମାଫିଆଙ୍କୁ ଅସୁବିଧାରେ ପକାଉଥିଲା। ବାଲି ବୋଝେଇ ହାଇୱାଗୁଡ଼ିକ ଯିବା ଆସିବାରେ ବାଧା ଉପୁଜୁଥିବାରୁ ସେମାନେ କୌଶଳ କ୍ରମେ ଭାଙ୍ଗିଦେଇଥିବା ବ୍ରହ୍ମବରଦା ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ସୟଦ ଇବ୍ରାର ଅଲ୍ଲୀ କହିଛନ୍ତି।

## ଫଟୋରେ ଖବର




ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀଙ୍କ ଗୁଳିରେ ପ୍ରାଣ ହରାଇଥିବା ପର୍ଯ୍ୟଟକଙ୍କ ଉଦ୍ଦେଶ୍ୟରେ ଧର୍ମଶାଳା ଭାଜପା ପକ୍ଷରୁ ଗୁରୁବାର ସନ୍ଧ୍ୟାରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଅଛି। ଶୋଭାଯାତ୍ରା ଧର୍ମଶାଳା ମହୋତ୍ସବ ପଡ଼ିଆରୁ ଆରମ୍ଭ ହୋଇ ଜାରକା ବଜାର ପରିକ୍ରମା କରିଥିଲା। ଏଥିରେ ବାରବାଟୀ ମଣ୍ଡଳ ସଭାପତି ତୀର୍ଥରାଜ ପଣ୍ଡା, ଆରୁହା ମଣ୍ଡଳ ସଭାପତି ଜିତେନ୍ଦ୍ର ରାଉତ, ଜାରକା ମଣ୍ଡଳ ସଭାପତି, ଦେବଦତ୍ତ ପଣ୍ଡା, ଜେନାପୁର ମଣ୍ଡଳ ସଭାପତି ଶ୍ରୀବତ୍ସ ଧୀର, ଚନ୍ଦ୍ରମଣି ପଣ୍ଡିତ, ମୁରଲୀ ପାଣ୍ଡ, ଉପେନ୍ଦ୍ର କର, ରାଜେଶ ପାଳ, ଅଭିଷେକ ରାଉତ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। (ଫଟୋ: ଶିବ ପ୍ରସାଦ ମହାନ୍ତି)

## ସ୍ଲୁଇସ୍ ଗେଟ୍ ପାଇଁ ୬.୭୬ କୋଟି ବ୍ୟୟବରାଦ

### ଟେଣ୍ଡରକୁ ଗଲା ଅଞ୍ଚଳବାସୀଙ୍କ ବହୁ ପ୍ରତୀକ୍ଷିତ ପ୍ରକଳ୍ପ

ରସୁଲପୁର,୨୪।୪(ରଞ୍ଜିତ ରାଉତ):

ରସୁଲପୁର ବ୍ଲକ ଅନ୍ତର୍ଗତ ମୂଳ ଖରସ୍ରୋତା ନଦୀର ଉପର ମୁଣ୍ଡ ଟିକରପଡ଼ା ନଦୀବନ୍ଧ ଉପରେ ସ୍ଲୁଇସ୍ ଗେଟ୍ ନିର୍ମାଣ ଦାବି ବହୁପୁରୁଣା। ଏନେଇ ମୂଳ ଖରସ୍ରୋତା ପୁନରୁଦ୍ଧାର ସମିତି ପକ୍ଷରୁ ୧୦ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଦାବି ହୋଇଆସୁଛି। ଏହି ଦାବି ଏବେ ବାସ୍ତବରୂପ ନେବାକୁ ଯାଉଛି। ଏଥି ସକାଶେ ଚଣ୍ଡିଖୋଲ ଜଳସେଚନ ବିଭାଗ ପକ୍ଷରୁ ୬.୭୬କୋଟି ଟଙ୍କା ବ୍ୟୟବରାଦ କରାଯାଇ ଟେଣ୍ଡର ଆହ୍ୱାନ କରାଯାଇଛି। ଆବେଦନାକରୀ ଚଳିତ ମାସ ୧୬ ତାରିଖ ୧୦ଟାରୁ୩୦ ତାରିଖ ୫ଟା ମଧ୍ୟରେ ଟେଣ୍ଡରେ ଦର୍ଶାଯାଇଥିବା ତଥ୍ୟ ଓ କାଗଜପତ୍ର ସହ ଆବେଦନ କରିପାରିବେ ବୋଲି କୁହାଯାଇଛି। ୧ମେ,୨୦୨୫ରେ ଟେଣ୍ଡର ବାକ୍ସ ଖୋଲାଯାଇ ପ୍ରକଳ୍ପ ପାଇଁ ଠିକାଦାର ଚୟନ କରାଯିବ। ଏହି ଖବର ଜାଣାପଡ଼ିବା ପରେ ମୂଳ ଖରସ୍ରୋତାର ଦୁରାବସ୍ଥା ଦ୍ୱାରା ପ୍ରଭାବିତ ହେଉଥିବା ୭ ପଞ୍ଚାୟତର ନଦୀତଟବାସୀ ଖୁସିବ୍ୟକ୍ତ କରିଛନ୍ତି। ଏହାଛଡ଼ା ସ୍ଲୁଇସ୍ ଗେଟ୍ ନିର୍ମାଣ ପାଇଁ ଦାବି କରିଆସୁଥିବା ମୂଳ ଖରସ୍ରୋତା ପୁନରୁଦ୍ଧାର ସମିତି କାର୍ଯ୍ୟକର୍ତ୍ତା ଓ ସଦସ୍ୟ କୋରେଇ ବିଧାୟକ ଆକାଶ ଦାସନାୟକ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ମୂଳ ଖରସ୍ରୋତା ନଦୀରେ ବନ୍ୟା ନିୟନ୍ତ୍ରଣ ଆଳରେ ପ୍ରାୟ ୨ଦଶନ୍ଧି ପୂର୍ବରୁ ନଦୀର ଉପର ମୁଣ୍ଡ ଟିକରପଡ଼ା ପଞ୍ଚାୟତ ନିକଟରେ ବନ୍ଧ ବାନ୍ଧି ଦିଆଯାଇଥିଲା। ଫଳରେ ସେବେଠାରୁ ମୂଳ ଖରସ୍ରୋତା ନଦୀରେ ପ୍ରାକୃତିକ ଜଳ ପ୍ରବାହିତ ଧାରା ଠପ୍ ହୋଇଯାଇଛି। ନଦୀ ଦେଇ ପ୍ରାକୃତିକ ଜଳଧାର ବନ୍ଦ ହୋଇଯିବାରୁ ଏହା ଏକ ନର୍ଦ୍ଦମାରେ ପରିଣତ ହୋଇଛି। ନଦୀ ଅବବାହିକାରେ ବସବାସ କରୁଥିବା ଭୋଟକା, ଗନ୍ଧଣ, ବଡ଼କଇଞ୍ଚି, ଟିକରପଡ଼ା, ରାହାମ୍ବା, ରସୁଲପୁର, ନଠୁଆବର, ଶ୍ରୀବନ୍ତପୁର ଆଦି ପଞ୍ଚାୟତର ନଦୀକୂଳିଆବାସୀ ଜଳ ସମସ୍ୟା ସହ ନାନା ପ୍ରକାର ଅସୁବିଧାର ସମ୍ମୁଖୀନ ହୋଇଆସୁଛନ୍ତି। ଏହି ନଦୀର ଜଳଧାରାକୁ ସଚଳ କରିବା ପାଇଁ ନଦୀ ଉପର ମୁଣ୍ଡରେ ଏକ ସ୍ଲୁଇସ୍ ଗେଟ୍ ନିର୍ମାଣ ସହ ତଳ ମୁଣ୍ଡ ଖଣ୍ଡିତରଠାରେ ନିର୍ମିତ ସ୍ଲୁଇସ୍ ଗେଟ୍‌ରେ ରହି ଆସୁଥିବା ତ୍ରୁଟି ବିଚ୍ୟୁତିରେ ସୁଧାର ଅଣାଯିବା ନେଇ ଦାବି ହୋଇଆସୁଥିଲା।



ଖରସ୍ରୋତା ନଦୀରେ ଦଳ ଭର୍ତ୍ତି ହୋଇଛି।

କୋରେଇ ବିଧାୟକ ଦାସନାୟକ ନଦୀ ଉପର ମୁଣ୍ଡରେ ସ୍ଲୁଇସ୍ ଗେଟ୍ ନିର୍ମାଣ ସକାଶେ ତାଙ୍କ ନିର୍ବାଚନୀ ଇସ୍ତାହାର ମାଧ୍ୟମରେ ଅଞ୍ଚଳବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ପରେ ଉଭୟ ବିଧାୟକ ଦାବି ମୁତାବକ ପ୍ରସ୍ତାବିତ ସ୍ଥାନରେ ସ୍ଲୁଇସ୍ ଗେଟ୍ ନିର୍ମାଣ ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଶେଷକରି କୋରେଇ ବିଧାୟକ ରାଜ୍ୟ ସରକାରଙ୍କ ଦ୍ୱାରା ଗଠନ କରାଯାଇଥିବା ଟେକ୍ନିକାଲ କମିଟି ନିକଟରେ ସମସ୍ୟା ଉପସ୍ଥାପନ କରିଥିଲେ। କମିଟିର ଅନୁମୋଦନ ପରେ ପ୍ରକଳ୍ପ ପାଇଁ ବ୍ୟୟବରାଦ କରାଯାଇଥିଲା।

# ଜଗତ୍‌ସିଂହପୁରକୁ ବିକଶିତ ଜିଲ୍ଲାରେ ପରିଣତ କରିବାକୁ ଆହ୍ୱାନ

ଜଗତ୍‌ସିଂହପୁର, ୨୪।୪ (ପ୍ରମୋଦ କୁମାର ନାୟକ)

## ଜିଲ୍ଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ

ସରକାରୀ ଯୋଜନା ତଳସ୍ତରରେ ପହଞ୍ଚି ପାରିଲେ ବାସ୍ତବ ଲକ୍ଷ୍ୟ ପୂରଣ ହୋଇପାରିବ। ଏଥିପ୍ରତି ପ୍ରତ୍ୟେକେ ଦାୟିତ୍ୱବାନ ହେବାକୁ ପଡ଼ିବ। ସରକାର ଦଳମତ ନିର୍ବିଶେଷରେ ଘର ନ ଥିବା ଗରିବ ଲୋକଙ୍କୁ ଅନ୍ତ୍ୟୋଦୟ ଯୋଜନାରେ ପକ୍କା ଘର ଦେବା ପାଇଁ ବ୍ୟବସ୍ଥା କରୁଛନ୍ତି। ଆୟୁଷ୍ମାନ ଭାରତ ଯୋଜନାରେ ଗରିବ ଲୋକଙ୍କୁ ମାଗଣା ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଉଛି। ଏହିପରି ଅନେକ ମହତ ଯୋଜନାର ସଫଳ ରୂପାୟନ ହୋଇପାରିଲେ ୨୦୩୬ ସୁଦ୍ଧା ଓଡ଼ିଶା ଏକ ବିକଶିତ ରାଜ୍ୟରେ ପରିଣତ ହୋଇପାରିବ। ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ପଡ଼ିଆରେ ଅନୁଷ୍ଠିତ ଜିଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟ ସମବାୟ, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଏହା କହିଥିଲେ। ସେ ଏକଥା ମଧ୍ୟ କହିଥିଲେ, ଗାଁର ଉନ୍ନତି ହିଁ ଦେଶର ଉନ୍ନତି। ତେଣୁ ଆଗାମୀ ଦିନରେ ଜଗତ୍‌ସିଂହପୁରକୁ ଏକ ବିକଶିତ ଜିଲାରେ ପରିଣତ କରିବା ପାଇଁ ସମସ୍ତେ ମିଳିମିଶି କାମ କରିବାକୁ ମନ୍ତ୍ରୀ ଆହ୍ୱାନ ଦେଇଥିଲେ। ଜିଲାପାଳ ଜେ.ସୋନାଲ ଉତ୍ସବରେ ପୌରୋହିତ୍ୟ କରି ପଞ୍ଚାୟତିରାଜ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଅନ୍ୟ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ପଞ୍ଚାୟତକୁ ଏକ ୟୁନିଟ ଭାବେ ନେଇ ଠିକ ଭାବେ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରିପାରିଲେ ବିକାଶ ଅବଶ୍ୟମ୍ଭାବୀ। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ସମେତ ମହିଳାମାନଙ୍କ ବିକାଶ ଉପରେ ମଧ୍ୟ ଧ୍ୟାନ ଦେବାକୁ ପଡ଼ିବ। ପଞ୍ଚାୟତିରାଜ ବ୍ୟବସ୍ଥାରେ ମହିଳାମାନଙ୍କୁ ଅଧିକ କ୍ଷମତା ଦିଆଯାଇ ସେମାନଙ୍କୁ ଅର୍ଥନୈତିକ କ୍ଷେତ୍ରରେ ସ୍ୱାବଲମ୍ବୀ କରାଯିବା ପାଇଁ ସମସ୍ତ ଚେଷ୍ଟା ଚାଲିଛି। ସେହିପରି ଚାଷୀଙ୍କ ଆୟ ବୃଦ୍ଧି ଉପରେ ପ୍ରାଧାନ୍ୟ ଦିଆଯାଉଛି।

ପ୍ରତ୍ୟେକ ପଞ୍ଚାୟତକୁ କେନ୍ଦ୍ର ସରକାର ୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ହିସାବରେ ଯୋଗାଇ ଦେଉଛନ୍ତି। ଏହାର ସୁଦୁପଯୋଗ କରିବା ଆବଶ୍ୟକ ବୋଲି ମତପ୍ରକାଶ ପାଇଥିଲା। ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଏମ୍‌ପି ବିଭୁ ତରାଇ, ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଓ ଜିଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବି ନାରାୟଣ ଜେଠୀ ଯୋଗ ଦେଇଥିଲେ। ଉତ୍ସବ ପ୍ରାରମ୍ଭରେ ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ପ୍ରଶାନ୍ତ ଶତପଥୀଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଜଗତ୍‌ସିଂହପୁର ବିଡିଓ ଆଶୁତୋଷ ମିଶ୍ର, ସ୍ୱାଗତ ଭାଷଣ, ଅତିଥି ପରିଚୟ ଓ ଏବିଡିଓ ଅଜୟ କୁମାର ବେହେରା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ କୁଜଙ୍ଗ ବ୍ଲକ ଅନ୍ତର୍ଗତ ନୂଆଗଡ଼ ଓ ଏରସମା ବ୍ଲକର ଏରସମା ଗ୍ରାମପଞ୍ଚାୟତର ସରପଞ୍ଚଙ୍କୁ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ୩ ଲକ୍ଷ ୮୬ ହଜାର ୪୭୩ ଟଙ୍କା ଲେଖାଏ ପୁରସ୍କାର ରାଶି ଦିଆଯାଇଥିଲା। ସେହିପରି ଜିଲାର ୫ ଜଣ ଲକ୍ଷପତି ଦିଦିଙ୍କୁ ପୁରସ୍କୃତ କରାଯିବା ୫ ଜଣ ହିତାଧିକାରୀଙ୍କୁ ନୂତନ ରାଶନ କାର୍ଡ ପ୍ରଦାନ କରାଯାଇଥିଲା। ଜିଲାର ୫ଟି ପଞ୍ଚାୟତକୁ ଗୋଷ୍ଠୀ ବିନିମୟ ପାଣ୍ଠି ମାଧ୍ୟମରେ ୩୫ ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲାସ୍ତରୀୟ ଅଧିକାରୀଙ୍କ ସମେତ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଉପସ୍ଥିତ ଥିଲେ।


ଜଗତ୍‌ସିଂହପୁରଠାରେ ଜାୀତୟ ପଞ୍ଚାୟତିରାଜ ଦିବସରେ ଯୋଗଦେଇଥିବା ମହିଳାମାନେ।

# ଘରୋଇ ସପ୍ଲାଇ ପାଣି ପାଇପରେ ମିଶୁଛି ବର୍ଜ୍ୟଜଳ


ବିଧାୟକ ରମାକାନ୍ତ ଭୋଇ ପାଇପରେ ବର୍ଜ୍ୟଜଳ ମିଶୁଥିବା ଯନ୍ତ୍ରୀଙ୍କୁ ଦେଖାଉଛନ୍ତି।

ରଘୁନାଥପୁର,୨୪।୪(ରାଜେନ୍ଦ୍ର ନାରାୟଣ ସିଂହ)

## ୨୪ ଘଣ୍ଟାରେ ମରାମତି ପାଇଁ ବିଧାୟକଙ୍କ ନିର୍ଦ୍ଦେଶ

ରଘୁନାଥପୁର ବ୍ଲକ ଜଗନ୍ନାଥପୁର ପଞ୍ଚାୟତର କଣ୍ଟାପଡ଼ା ଅନ୍ତର୍ଗତ ୧୮ ନଂ. ୱାର୍ଡରେ ପାନୀୟଜଳ ଓ ପରିମଳ ବିଭାଗ ପକ୍ଷରୁ ପାଇପ ଲାଇନ ଜରିଆରେ ଗ୍ରାମକୁ ପିଇବା ପାଣି ଯୋଗାଇ ଦିଆଯାଉଛି। ପାଇପଗୁଡ଼ିକ ମାଟି ପତନଠାରୁ ସ୍ୱଳ୍ପ ଗଭୀରରେ ଯାଉଥିବାରୁ ଏହା ବିଭିନ୍ନ ସମୟରେ ଭାଙ୍ଗିରୁଜି ଯାଉଛି। ଏହି ଫଟା ପାଇପରେ ଗ୍ରାମର ଅପରିଷ୍କାର ଜଳ ମିଶୁଥିବାରୁ ଏହି ପାଣି ପିଇବା ପାଇଁ ଅନୁପଯୁକ୍ତ ହୋଇପଡ଼ିଛି ବୋଲି ଗ୍ରାମବାସୀ ଅଭିଯୋଗ କରିଥିଲେ। ଏନେଇ ଗୁରୁବାର ଅପରାହ୍ନରେ ତିର୍ତ୍ତୋଲ ବିଧାୟକ ଡ.ରମାକାନ୍ତ ଭୋଇ ହଠାତ୍ ଘଟଣାସ୍ଥଳରେ ପହଞ୍ଚି ବାସ୍ତବସ୍ଥିତି ଅନୁଧ୍ୟାନ କରିବା ସହ ବିରକ୍ତି ପ୍ରକାଶ କରିଥିଲେ। ଏ ସମ୍ପର୍କରେ ସେ ଆରଡବ୍ଲ୍ୟୁଏସ୍ ଏସ୍‌ଡିଓ ରବୀନ୍ଦ୍ର କୁମାର ସେଠୀ ଓ ସହକାରୀ ଯନ୍ତ୍ରୀ ଦିପାଳିକା ବିଶ୍ୱାଳଙ୍କୁ ଡାକି ଆଲୋଚନା କରିଥିଲେ। ଏଥିସହ ୨୪ ଘଣ୍ଟା ମଧ୍ୟରେ ପାଣିପାଇପ ମରାମତି କରିବା ସହ ଆସନ୍ତା ୭ ଦିନ ଭିତରେ ୩ ଫୁଟ ତଳେ ପାଇପ ଲାଇନ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାଛଡ଼ା ସମସ୍ତ ଟ୍ୟାପ୍‌କୁ କଂକ୍ରିଟ କରିବାକୁ ପରାମର୍ଶ ଦେଇଥିଲେ।

# ଅଳ୍ପକେ ବର୍ତ୍ତିଲେ କୁନ୍ଦୁପୁରର ଦମ୍ପତି

ରାଜନଗର, ୨୪।୪(ଭାସ୍କର ରାଉତରାୟ)

## ପହଲଗାମ୍ ଗୁଳିକାଣ୍ଡ

ଜାମ୍ମୁ କାଶ୍ମୀରର ପହଲଗାମ୍‌ଠାରେ ଆତଙ୍କବାଦୀମାନଙ୍କ ଦ୍ୱାରା ହୋଇଥିବା ବର୍ବରକାଣ୍ଡ ସମୟରେ ସେଠାରେ ପରିବାର ସହ ବୁଲି ଯାଇଥିବା ରାଜନଗରର ଦମ୍ପତି ରକ୍ଷା ପାଇ ଯାଇଛନ୍ତି। ରାଜନଗର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପଟ୍ଟାମୁଣ୍ଡାଇ ବ୍ଲକ କୁନ୍ଦୁପୁର ଗାଁର ଅମୀୟ ରଞ୍ଜନ ତ୍ରିପାଠୀ ଭିଡିଓ ବାର୍ତ୍ତାରେ ସେ ଓ ସ୍ତ୍ରୀଙ୍କ ଜୀବନ କିପରି ଭଗବାନଙ୍କ ଆଶ୍ରୀବାଦରୁ ରକ୍ଷା ପାଇଯାଇଛି ସେ ସମ୍ପର୍କରେ ଜଣାଇଛନ୍ତି। ଅମୀୟ ପଠାଇଥିବା ଭିଡିଓ ବାର୍ତ୍ତାରେ ସେ ଓ ସ୍ତ୍ରୀ ଅଶାରାଣୀ ଦାଶ ୧୯ ତାରିଖରେ ବୁଲିବାକୁ କାଶ୍ମୀର ଯାଇଥିଲେ। ୨୧ ତାରିଖ ଯାଏ ଶ୍ରୀନଗରରେ ଥିଲେ। ୨୨ ତାରିଖ ମଧ୍ୟାହ୍ନ ୧୨ଟାରେ ସେ ବେଲଗାମରେ ପହଞ୍ଚି ଥିଲେ। ପାହାଡ ତଳେ ବେଲଗାମ ଓ ପାହାଡ ଉପରେ ପହଲଗାମ୍ ୪ କି.ମି. ଉଚ୍ଚାକୁ ଯିବାକୁ ହେଲେ ଚାଲି ଚାଲି ନଚେତ ଘୋଡାରେ ପର୍ଯ୍ୟଟକମାନେ ଯାଇଥାନ୍ତି। ବେଲଗାମରେ ସେ ପହଞ୍ଚିବା ପରେ ଘୋଡା ମାଲିକମାନେ ତାଙ୍କୁ ପହଲଗାମ୍ ନେବାକୁ ଘେରି ଯାଇଥିଲେ। ସେ ପ୍ରଥମେ ଚନ୍ଦନବାଡ଼ି ବୁଲିବାକୁ ଯିବେ, ସମୟ ମିଳିଲେ ପହଲଗାମ୍ ଯିବାକୁ ନିଷ୍ପତ୍ତି ନେଇ ଚନ୍ଦନବାଡି ବୁଲିବାକୁ ଯାଇଥିଲେ। କାର ଡ୍ରାଇଭର ତାଙ୍କୁ ଫୋନ କରି ଗୁଳିକାଣ୍ଡ ହୋଇଛି, ଶୀଘ୍ର ଚାଲି ଆସିବାକୁ କହିଥିଲେ। ସେମାନେ ବେଲଗାମରେ ୩ଟା ୧୫ରେ ପହଞ୍ଚିବା ବେଳକୁ ଯବାନ ମାନେ ଗୁଳିମାଡ ହୋଇଥିବା ପର୍ଯ୍ୟଟକଙ୍କୁ ଆଣି ସେଠାରେ ଥିବା ହସ୍ପିଟାଲରେ ପହଞ୍ଚି ଥିଲେ। ସେମାନେ ସେଦିନ ରାତିରେ ବେଲଗାମରେ ହୋଟେଲରେ ରହିଥିଲେ। ହୋଟେଲରେ ପହଞ୍ଚିବା ପରେ ଓଡ଼ିଆ ଯୁବକଙ୍କୁ ଗୁଳି ହୋଇଥିବା ଜାଣିବାକୁ ପାଇଥିଲେ। ହୋଟେଲ ବାହାରକୁ ସେମାନଙ୍କୁ ଛଡ଼ା ଯାଇ ନ ଥିଲା। ୨୩ ତାରିଖ ସକଳ ୮ଟା ରେ ବେଲଗାମ ଛାଡ଼ି ଦିଲ୍ଲୀ ଫେରିଛନ୍ତି। ଗୁରୁବାର ଦିଲ୍ଲୀରୁ ଗାଁକୁ ଫେରୁଛନ୍ତି। ସେମାନେ ସେଦିନ ପ୍ରଥମେ ପହଲଗାମ ନ ଯାଇ ଚନ୍ଦନବାଡ଼ି ଚାଲି ଯିବାରୁ ଜୀବନ ରକ୍ଷା ହୋଇଗଲା ବୋଲି ଅମୀୟ କହିଛନ୍ତି।

# ପଟ୍ଟାମୁଣ୍ଡାଇରେ ୫ଜଣ ଠକେଇର ଶିକାର


ଠକେଇର ଶିକାର ହୋଇଥିବା ୫ଜଣ ବ୍ୟକ୍ତି ଖବରଦାତା ସମ୍ମିଳନୀ କରୁଛନ୍ତି।

ପଟ୍ଟାମୁଣ୍ଡାଇ, ୨୪।୪ (କଳ୍ପତରୁ ନାୟକ)

## ଖବରଦାତା ସମ୍ମିଳନୀରେ ପୋଲିସ ଏତଲା ରଖୁନି ଦର୍ଶାଇଲେ

ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଞ୍ଚଳର ଜଣେ ଯୁବକ ଜମି ଦେବା ଓ ଚାକିରି କରାଇ ଦେବା ନାଁରେ ଲକ୍ଷାଧିକ ଟଙ୍କା ଠକେଇ କରିଛନ୍ତି। ଏଭଳି ଏକ ଠକେଇ ମାମଲାରେ ରାଜନଗର ଥାନା ପୋଲିସ ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରି ଜେଲ ପଠାଇଛି। ମାତ୍ର ପଟ୍ଟାମୁଣ୍ଡାଇ ପୋଲିସ ଏହି ଠକ୍‌ଙ୍କ ବିରୋଧରେ ହେଉଥିବା ଅଭିଯୋଗ ହେଉଥିଲେ ହେଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ବିଳମ୍ବ କରୁଛି। ଫଳରେ ଠକେଇର ଶିକାର ହୋଇଥିବା ୫ ଜଣ ବ୍ୟକ୍ତି ଗଣମାଧ୍ୟମର ସାହଯ୍ୟ ଲୋଡିଥିଲେ। ଏ ନେଇ ସେମାନେ ଗୁରୁବାର ସନ୍ଧ୍ୟାରେ ଶ୍ରୀରାମ ମନ୍ଦିର ପ୍ରାଙ୍ଗଣରେ ଏକ ଖବରଦାତା ସମ୍ମିଳନୀ କରି ଠକ ଯୁବକ ଦ୍ୱୟ ବନ୍ଧୁକ ଦେଖାଇ ମାଡ଼ ମାରି ଚେକ୍ ଛଡାଇ ନେବା ସହ ଜୀବନରୁ ମାରିଦେବାକୁ ଧମକ ଦେବା ଭଳି ଘଟଣା ସମ୍ପର୍କରେ କହିବା ସହ ଆଦର୍ଶ ଥାନା ପୋଲିସର ଅସହଯୋଗ ସମ୍ପର୍କରେ ସୂଚନା ଦେଇଛନ୍ତି। ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ବେଲତଳ ଗ୍ରାମର ସଞ୍ଜୟ ପଣ୍ଡା ଓ ତାଙ୍କ ସାଥୀ ଶିଶିର ସେଣ ବିଭିନ୍ନ ଲୋକଙ୍କ ନିକଟରୁ ଜମି, ଚାକିରି କରାଇ ଦେବା ଭଳି ଆଳ ଦେଖାଇ ଠକି ଚାଲିଥିଲେ। ଗତ କିଛିଦିନ ପୂର୍ବେ ଜଣେ ମହିଳାଙ୍କୁ ଜମି ଦେବାକୁ କହି ଠକିବା ସହ ବଳାତ୍କାର କରିଥିବା ନେଇ ରାଜନଗର ଥାନାରେ ଅଭିଯୋଗ ହେବା ପରେ ସଞ୍ଜୟ ଓ ଶିଶିରଙ୍କୁ ପୋଲିସ ଗିରଫ କରି ଜେଲ ପଠାଇଛି। ଏହା ଜାଣି ପଟ୍ଟାମୁଣ୍ଡାଇ ଅଞ୍ଚଳ ଅନ୍ଧାରୁଆ ଗ୍ରାମର ସୁନାକାର ବାଇ, ବେଲତଳ ଗ୍ରାମର ନିରାକାର ମହାନ୍ତି ଓ ବଳରାମ ସାହୁ ପ୍ରମୁଖ ଠକେଇର ଶିକାର ହୋଇଥିବା ନେଇ ଆଦର୍ଶ ଥାନାର ଦ୍ୱାରସ୍ଥ ହୋଇଥିଲେ। ମାତ୍ର ପୋଲିସ ତାଙ୍କ ଏତଲା ନ ରଖି ଫେରାଇ ଦେଇଥିଲେ। ସେମାନେ ନାଚାର ହୋଇ ଗୁରୁବାର ସୁନାକାର, ନିରାକାର, ବଳରାମ, ବୁଧଦେବ ନାୟକ ଓ ଅନନ୍ତ ତ୍ରିପାଠୀ ଖବରଦାତା ସମ୍ମିଳନୀ କରି ଏହି ଠକେଇ ମାମଲାର ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଧିକାରୀ ବନ୍ଦନା ପାତ୍ରଙ୍କୁ ପଚାରିବାରୁ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ଅନନ୍ୟ ପ୍ରତିଭାର ଅଧିକାରୀ ଥିଲେ ଗୌରାଙ୍ଗ ଚରଣ ଦାସ


ଶିକ୍ଷୟିତ୍ରୀ ସବିତା ଦାସଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

ଆଳି,୨୪।୪ (ବନମାଳୀ ସେନାପତି)

ବିଶିଷ୍ଟ ଶିକ୍ଷାବିତ୍, ସୁସାହିତ୍ୟିକ, ସୁସଙ୍ଗଠକ ଗୌରାଙ୍ଗ ଚରଣ ଦାସ ଜଣେ ଅସାଧାରଣ ପ୍ରତିଭାର ଅଧିକାରୀ ଥିଲେ ବୋଲି ଶ୍ରାଦ୍ଧ ଦିବସରେ ଯୋଗଦେଇ ଅତିଥିମାନେ କହିଛନ୍ତି। ଗୁରୁବାର ଗୌରାଙ୍ଗ ଚରଣ ଦାସ ସ୍ମୃତି କମିଟି ପକ୍ଷରୁ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଡା. ଧରଣୀଧର ପାଣ୍ଡବ ଯୋଗଦେଇ ଗୌରଙ୍ଗ ସହିତ କଟାଇଥିବା ତାଙ୍କର ବାଲ୍ୟକାଳ ଓ ବିଦ୍ୟାଳୟ ସମୟର କଥା ବର୍ଣ୍ଣନା କରିଥିଲେ। ଏଥିସହ ଜଣେ ମେଧାବୀ ଛାତ୍ର ହୋଇ ସେ ନିଜ ଅଞ୍ଚଳରେ ଗଢ଼ିଉଠିଥିବା ଉଚ୍ଚବିଦ୍ୟାଳୟରେ ଶିକ୍ଷକତା କରି ଛାତ୍ରୀଛାତ୍ରଙ୍କୁ ମଣିଷ କରିବାର ଭାର ବହନ କରିଥିଲେ। ଅଞ୍ଚଳର ଉନ୍ନତି ପାଇଁ ଲକ୍ଷ୍ମୀ ବରାହ ନାମରେ ଆୟତପୁରରେ ଏକ ମହାବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ। ନିଜେ ଏହାର ପ୍ରଥମ ସମ୍ପାଦକ ଥିଲେ। ଏଥିପାଇଁ ତାଙ୍କୁ ଅନେକ କଷ୍ଟ ସ୍ୱୀକାର କରିବାକୁ ପଡ଼ିଥିଲା। ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ୍ ପ୍ରିୟରଞ୍ଜନ ଦାଶ, ସମ୍ମାନିତ ଅତିଥି ଭାବେ ଓଳାଭର କଲେଜର ପୂର୍ବତନ ଅଧ୍ୟକ୍ଷ ତଥା ଆଳି ଯାଦବ ମହାସଭାର ସଭାପତି ଶେଖର ଚନ୍ଦ୍ର ବାରିକ, ପରାଗ ସମ୍ପାଦକ ବନମାଳୀ ସେନାପତି, ଯାଦବ ମହାସଭାର ରାଜ୍ୟ ସଂଘ ଉପସଭାପତି ମନୋଜ କୁମାର ପରିଡା ପ୍ରମୁଖ ଯୋଗଦେଇ ଗୌରାଙ୍ଗ ଚରଣ ଦାସଙ୍କର ସ୍ମୃତିଚାରଣ କରି ତାଙ୍କୁ ଜଣେ ଅନନ୍ୟ ପ୍ରତିଭାର ଅଧିକାରୀ ଥିଲେ ବୋଲି କହିଥିଲେ। ସ୍ମୃତି କମିଟିର ସଭାପତି ବିଜୟ କୁମାର ମହାକୁଡ଼ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଅମୂଲ୍ୟ କୁମାର ବେହେରା ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଗୌରାଙ୍ଗଙ୍କ କନିଷ୍ଠ ପୁତ୍ର ଡା. ଅବକାଶ ଯାଦବ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଶିକ୍ଷୟିତ୍ରୀ ସବିତା ଦାସ ଓ ଶିକ୍ଷାବିତ୍ ଦଶରଥ ସାମଲଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରବୀନ୍ଦ୍ର କୁମାର ବେହେରା, ଗୋବିନ୍ଦ ଚନ୍ଦ୍ର ନନ୍ଦ, ଧରଣୀ ବେହେରା, ମଧୁସୂଦନ ଦାସ, ପ୍ରେମାନନ୍ଦ ମୁଦୁଲି, ଶ୍ରୀକାନ୍ତ ଦାସ, ମନୋଜ ଦାସ ସ୍ମୃତି ଚାରଣ କରିଥିଲେ। ଇଞ୍ଜିନିୟର ଦେବାଶିଷ ଦାସ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

# ମୃତକଙ୍କ ଆତ୍ମାର ସଦ୍‌ଗତି କାମନାରେ ମହମବତି ଶୋଭାଯାତ୍ରା

## ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣର ପ୍ରତିବାଦ

ଜଗତ୍‌ସିଂହପୁର, ୨୪।୪ (ପ୍ରମୋଦ କୁମାର ନାୟକ)

କଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀଙ୍କ ବର୍ବରୋଚିତ ହତ୍ୟାକାଣ୍ଡରେ ସାରା ଦେଶ ସ୍ତବ୍ଧ। ଏଭଳି ଅମାନବୀୟ କାଣ୍ଡକୁ ବିଭିନ୍ନ ମହଲରେ ନିନ୍ଦା କରାଯାଉଥିବା ବେଳେ ଜଗତ୍‌ସିଂହପୁର ଜିଲା କଂଗ୍ରେସ କମିଟି ପକ୍ଷରୁ ଏହାର ପ୍ରତିବାଦରେ ଗୁରୁବାର ସନ୍ଧ୍ୟାରେ ମହମବତି ଶୋଭାଯାତ୍ରା କରାଯାଇଥିଲା। ଜିଲା କଂଗ୍ରେସ କମିଟି ସଭାପତି ନଟବର ବାରିକଙ୍କ ନେତୃତ୍ୱରେ ଆୟୋଜିତ ଶୋଭାଯାତ୍ରା ସ୍ଥାନୀୟ ଟାଉନ ହଲ ସମ୍ମୁଖ ଜିଲା କଂଗ୍ରେସ କାର୍ଯ୍ୟାଳୟ (ଟାଉନ ହଲ) ନିକଟରୁ ବାହାରି ଥାନା ଛକ ପର୍ଯ୍ୟନ୍ତ ଯାଇଥିଲା। ଏହି ଅବସରରେ ନାରକୀୟ କାଣ୍ଡ ଘଟାଇଥିବା ଆତଙ୍କବାଦୀଙ୍କ ସହ ସେମାନଙ୍କୁ ପ୍ରୋତ୍ସାହନ ଯୋଗାଉଥିବା ପାକିସ୍ତାନ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ କଂଗ୍ରେସ ନେତା ତଥା ପୂର୍ବତନ ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀ, ଜିଲା କଂଗ୍ରେସ ଉପ ସଭାପତି ସର୍ବେଶ୍ୱର ପଣ୍ଡା, ମହନି ଚରଣ ରାଉତ, ଜଗତ୍‌ସିଂହପୁର ନଗର କଂଗ୍ରେସ ସଭାପତି ଅଭୟ କୁମାର ମହାନ୍ତି, ବ୍ଲକ କଂଗ୍ରେସ ସଭାପତି ମାନସ କୁମାର ରଥ, ବାଲିକୁଦା ବ୍ଲକ କଂଗ୍ରେସ ସଭାପତି ବିକ୍ରମ ପରିଡ଼ା, ଜିଲା ଚାଷୀ ମୂଲିଆ ସଂଘ ସଭାପତି ବେଦଦ୍ୟୁତି ପୃଷ୍ଟି, କଂଗ୍ରେସ ନେତା ବିଶ୍ୱଜିତ ପୋଥାଳ, ପ୍ରୀତମ ପରିଜା, ସମୀର କୁମାର ଖୁଣ୍ଟିଆ, ମନୋଜ ମହାପାତ୍ର, ଅଜୟ ମହାପାତ୍ର, ପ୍ରମୁଖ ସାମିଲ ହୋଇ ମୃତକଙ୍କ ଆତ୍ମାର ସଦ୍‌ଗତି କାମନା କରିଥିଲେ।


ଜଗତ୍‌ସିଂହପୁରଠାରେ ବାହାରିଥିବା ମହମବତି ଶୋଭାଯାତ୍ରା।

# ଛାତ୍ର ସୁରକ୍ଷା ମଞ୍ଚ ପକ୍ଷରୁ ପାକିସ୍ତାନ ପତାକା ପୋଡ଼ି

ରାଜନଗର, ୨୪।୪(ଭାସ୍କର ରାଉତରାୟ)

ଜାମ୍ମୁ କାଶ୍ମୀରର ପହଲଗାମ୍‌ଠାରେ ଆତଙ୍କବାଦୀମାନଙ୍କ ଦ୍ୱାରା ପର୍ଯ୍ୟଟକଙ୍କୁ ହତ୍ୟା କରାଯାଇଛି। ଏହାର ପ୍ରତିବାଦରେ ଗୁରୁବାର ରାଜନଗର ଛାତ୍ର ସୁରକ୍ଷା ମଞ୍ଚ ପକ୍ଷରୁ ପାକିସ୍ତାନ ପତାକା ପୋଡ଼ାଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସୁରକ୍ଷା ମଞ୍ଚର କାର୍ଯ୍ୟକର୍ତ୍ତାମାନଙ୍କ ସହ ଛାତ୍ରୀଛାତ୍ରମାନେ ଶୋଭାଯାତ୍ରାରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଆତଙ୍କବାଦୀଙ୍କୁ ସାରା ବିଶ୍ୱରୁ ନିପାତ କରିବାକୁ ଦାବି କରିଛନ୍ତି। ପର୍ଯ୍ୟଟକଙ୍କୁ ହିନ୍ଦୁ ନା ମୁସଲିମ ପଚାରି ଗୁଳି କରାଯାଇଛି। ଏହାର ପଛରେ ପାକିସ୍ତାନର ହାତ ଥିବା କୁହାଯାଉଛି। ରାଜନଗର ଜଗନ୍ନାଥ ଛକରୁ ଶୋଭାଯାତ୍ରା ବାହାରି ରାଜନଗର ହଂସୁଆ ବ୍ରିଜ ଉପରେ ପହଞ୍ଚି ଥିଲା। ସେଠାରେ ପାକିସ୍ତାନ ପତାକା ପୋଡ଼ା ଯାଇଛି। ଛାତ୍ର ସୁରକ୍ଷା ମଞ୍ଚର ପ୍ରତିଷ୍ଠାତା ସାମାଜିକ କର୍ମୀ ସଞ୍ଜୟ କୁମାର ବାଗ, ଛାତ୍ର ସୁରକ୍ଷା ମଞ୍ଚର ସମ୍ପାଦକ ଦେବଦତ୍ତ ସେଠୀ, ତାପସ କୁମାର ପରିଡା, ପବିତ୍ର ସେଠୀ, ଜଗବନ୍ଧୁ ଖଟୁଆ, ଅଭୟ କୁମାର ରାଉତ, ସୁଦାମ କୁମାର ଓଝା, ସୂର୍ଯ୍ୟ ନାରାୟଣ ମିଶ୍ର, ଦେବବ୍ରତ ମିଶ୍ର, ଲକ୍ଷ୍ମୀପ୍ରିୟା ସେଠୀ, ମନିଶା ମହାରଥା ପ୍ରମୁଖ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ।

ସେହିପରି ରାଜନଗର ଜୟଦୁର୍ଗା ବଣିକ ସଂଘ ପକ୍ଷରୁ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସଂଘର ସଭାପତି ବାଇଧର ସେଠୀଙ୍କ ନେତୃତ୍ୱରେ ଶୋଭାଯାତ୍ରା ଦଧିବାମନଜୀଉ ମନ୍ଦିରରୁ ବାହାରି ବଜାର ପରିକ୍ରମା କରି ତାରିଣୀ ମନ୍ଦିର ନିକଟରେ ପହଞ୍ଚି ଥିଲା। ଶୋଭାଯାତ୍ରା ସମୟରେ ପାକିସ୍ତାନ ବିରୋଧରେ ବିଭିନ୍ନ ନାରବାଜି କରିଥିଲେ। ଏଥିରେ ସଂଘର ପଣ୍ଡିତ ଶଙ୍କର୍ଷଣ ମିଶ୍ର, ବିଚିତ୍ର କୁମାର ମଲିକ, ସତ୍ୟବାନ ସେଠୀ, ସୋମନାଥ ବାରିକ, ହୃଷିକେଶ ସାହୁ, ପ୍ରଦୀପ ମିଶ୍ର, ବାବୁ ମହାନ୍ତି ପ୍ରମୁଖ ବ୍ୟବସାୟୀ ସାମିଲ ସୋଇଥିଲେ।



ରାଜନଗରରେ ଜୟଦୁର୍ଗା ବ୍ୟବସାୟୀ ସଂଘ ପକ୍ଷରୁ ବାହାରିଥିବା ମଶାଲ ଶୋଭାଯାତ୍ରା।

# 'ପେନ୍‌ସନ ନ ମିଳିଲେ ରାଜରାସ୍ତାକୁ ଓହ୍ଲାଇବୁ'

ଜଗତ୍‌ସିଂହପୁର, ୨୪।୪ (ପ୍ରମୋଦ ନାୟକ)

ବିରିଡି ବ୍ଲକ ଅଷ୍ଟଶମ୍ଭୁ ବାଳିକା ହାଇସ୍କୁଲ ପରିସରରେ ଅନୁଦାନପ୍ରାପ୍ତ ବିଦ୍ୟାଳୟ ସମୂହର ଅବସରପ୍ରାପ୍ତ ଶିକ୍ଷକମାନଙ୍କ ଏକ ବ୍ଲକସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। କଳିଙ୍ଗ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ୫୦ରୁ ଉର୍ଦ୍ଧ୍ୱ ଶିକ୍ଷକ ଓ କର୍ମଚାରୀ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କଳିଙ୍ଗ କିଶୋର ଦାଶ ଏଥିରେ ପୌରୋହିତ୍ୟ କରିଥିଲେ। ବୈଠକ ପ୍ରାରମ୍ଭରେ ବିରିଡି ବ୍ଲକ ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘ ନିର୍ବାଚନ କରାଯାଇଥିଲା। ଏଥିରେ ସଭାପତି ଭାବେ ସନ୍ତୋଷ କୁମାର ସ୍ୱାଇଁ, ଉପସଭାପତି ଭାବେ ପ୍ରଭାକର ବେହେରା, ସମ୍ପାଦକ ନରେନ୍ଦ୍ରନାଥ ସ୍ୱାଇଁ, ସହସମ୍ପାଦକ ବିଦ୍ୟାଧର ବେହେରା, କୋଷାଧ୍ୟକ୍ଷ ଅକ୍ଷୟ କୁମାର ମହାପାତ୍ର, ଉପଦେଷ୍ଟା କଳିଙ୍ଗ କୁମାର ଦାଶ ନିର୍ବାଚିତ ହୋଇଥିଲେ। ପରେ ଅନୁଦାନପ୍ରାପ୍ତ ଶିକ୍ଷକ ଓ କର୍ମଚାରୀମାନେ ସେମାନଙ୍କ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ଚାକିରିରୁ ଅବସର ପରେ ପେନ୍‌ସନ ମିଳୁ ନ ଥିବାରୁ ସେମାନେ ବହୁ କଷ୍ଟରେ ଚଳୁଥିବା କହିଥିଲେ। ଏନେଇ ସରକାର ପଦକ୍ଷେପ ନ ନଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବାକୁ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଥିଲା। ବୈଠକରେ ନିରଞ୍ଜନ ବେହେରା, ସେକ୍ କଲିମ, ବ୍ରଜବନ୍ଧୁ ବିଶ୍ୱାଳ, ରତ୍ନାକର ପଲାଇ, ତ୍ରିଲୋଚନ ମହାପାତ୍ର, ମିନତୀ ମିଶ୍ର, ନିରଞ୍ଜନ ଭୋଇ, ମଞ୍ଜୁଶ୍ରୀ ସେନାପତି, ଅଶୋକ ବରାଳ, ସୁକାନ୍ତ ଦାସ ପ୍ରମୁଖ ସାମିଲ ହୋଇଥିଲେ।

# ପହଲଗାମ୍ ମୃତ ପର୍ଯ୍ୟଟକଙ୍କ ପାଇଁ ମହମବତି ଶୋଭାଯାତ୍ରା

ଡେରାବିଶ, ୨୪।୪ (ବେବର୍ତ୍ତା ଅଜୟ ଦାସ)

ଜାମ୍ମୁକାଶ୍ମୀରର ପହଲଗାମ୍‌ରେ ମଙ୍ଗଳବାର ୨୬ଜଣ ପର୍ଯ୍ୟଟକଙ୍କୁ ଆତଙ୍କବାଦୀମାନେ ପରିବାର ସମ୍ମୁଖରେ ନିର୍ମମ ଭାବେ ଗୁଳି କରି ହତ୍ୟା କରିଥିଲେ। ଏହାର ପ୍ରତିବାଦରେ ଡେରାବିଶ ସାଂସ୍କୃତିକ ସଙ୍ଗଠନ ପକ୍ଷରୁ ଗୁରୁବାର ମହମବତି ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶୋଭାଯାତ୍ରା ଡେରାବିଶର ଶ୍ରୀଦଧିବାମନଜୀଉ ମନ୍ଦିରରୁ ବାହାରି ବିଭିନ୍ନ ଗ୍ରାମ ପରିକ୍ରମା କରି ଫାଣ୍ଡି ବଜାରରେ ପହଞ୍ଚି ଥିଲା। ପରେ ପୂର୍ବତନ ସରପଞ୍ଚ ତ୍ରିଲୋଚନ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଅଧ୍ୟାପକ ପ୍ରଭାକର ସାମଲ ଓ ଗୁରୁ ଚରଣ ସେଠୀଙ୍କ ସମେତ ଆଇନଜୀବୀ ଶାନ୍ତିସ୍ୱରୂପ ଭୁୟାଁ, ସରୋଜ କୁମାର ଦାଶ, ସାହାଜାହାନ ଖାଁ, ବିପିନ ବିହାରୀ ସାହୁ, ଗୌରାଙ୍ଗ ଚରଣ ସାହୁ, ମଦନମୋହନ ମହାନ୍ତି, କରୁଣାକର କର, ଖୁରସିଦ ଆଲମ ଖାଁ ଓ ଅନୁପ କୁମାର ରାଉତ ଏହି ବର୍ବରୋଚିତ କାଣ୍ଡକୁ ତୀବ୍ର ନିନ୍ଦ କରିଥିଲେ। ଆତଙ୍କବାଦକୁ ଦମନ କରିବାକୁ ଭାରତ ସରକାରଙ୍କ ପଛରେ ସମଗ୍ର ଦେଶବାସୀ ଏକତ୍ରିତ ହୋଇଥିବା ବକ୍ତାମାନେ ଉଲ୍ଲେଖ କରିଥିଲେ।

# ପଞ୍ଚାୟତ ସୁଦୃଢ଼ ହେଲେ ଦେଶ ସମୃଦ୍ଧ ହେବ

ନାଉଗାଁ,୨୪।୪(ସୁଧା ବେହୁରା)

ନାଉଗାଁ ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ଅଳଣାହାଟ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଜାତୀୟ ପଞ୍ଚାୟତିରାଜ ଦିବସ ଗୁରୁବାର ପାଳିତ ହୋଇଯାଇଛି। ଅତିରିକ୍ତ ବିଡିଓ ଦେବେନ୍ଦ୍ର ପ୍ରଧାନଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନାଉଗାଁ ଥାନାଧିକାରୀ ପ୍ରଦୀପ୍ତ କୁମାର କାନୁନ୍‌ଗୋ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ।

**ଏରସମା,(ଦୀପ୍ତି ଖଣ୍ଡୁଆଳ)** ଏରସମା ବ୍ଲକ ପରିସରରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ନୂତନ ରାଶନ କାର୍ଡ ଶୁଭାରମ୍ଭ କରାଯାଇଥିଲା। ଏହି ଅବସରରେ ଶୁକ୍ରବାର ଏରସମା ବ୍ଲକ ଅଞ୍ଚଳର ୧୦ ଜଣ ହିତାଧିକାରୀଙ୍କୁ ନୂତନ ରାଶନ କାର୍ଡ ବଣ୍ଟା ଯାଇଥିବାବେଳେ ୫ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ କମ୍ୟୁନିଟି ଇନ୍‌ଭେଷ୍ଟମେଣ୍ଟ ଫଣ୍ଡରୁ ୯ ଲକ୍ଷ ୫୦ ହଜାର ଟଙ୍କାର ଋଣ ପ୍ରଦାନ କରାଯାଇଛି। ଏଥିରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, ବିଡିଓ ଦାଶରଥି ଜେନା, ଅତିରିକ୍ତ ବିଡିଓ ଜ୍ଞାନେନ୍ଦ୍ର ଲେଙ୍କା, ଏମ୍‌ପିଙ୍କ ଏରସମା ବ୍ଲକ ପ୍ରତିନିଧି ଜଟାଧାରୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

**ରଘୁନାଥପୁର,(ରାଜେନ୍ଦ୍ର ନାରାୟଣ ସିଂହ)** ରଘୁନାଥପୁର ବ୍ଲକ ପକ୍ଷରୁ ମିଶନ ଶକ୍ତି କାର୍ଯ୍ୟାଳୟ ପରିସରରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ତିର୍ତ୍ତୋଲ ବିଧାୟକ ଡ.ରମାକାନ୍ତ ଭୋଇ ଯୋଗଦେଇ ପ୍ରବାଦ ପୁରୁଷ ତଥା ପଞ୍ଚାୟତିରାଜ ବିଧି ବ୍ୟବସ୍ଥାର ବିଦ୍ଧାଣୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଜନ୍ମଜୟନ୍ତୀ ପୂର୍ବରୁ ମାର୍ଚ୍ଚ ୫ରେ ପାଳିତ ହୋଇ ଆସୁଥିବାବେଳେ ପଞ୍ଚାୟତିରାଜ ଦିବସକୁ ଭାଜପା ସରକାର ଏପ୍ରିଲ ୨୪ରେ ପାଳନ କରୁଥିବା କହି ଅସନ୍ତୋଷବ୍ୟକ୍ତ କରିଥିଲେ। କ୍ୟାଶିୟର ଭବେଶ କୁମାର ବେହେରା ଏହାକୁ ପରିଚାଳନା କରିଥିଲେ। ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ବେହେରା ଏଥିରେ ସଭାପତିତ୍ୱରେ କରିଥିଲେ। ଏହି ଅବସରରେ ବ୍ଲକର ୪ଟି ପଞ୍ଚାୟତର ମହିଳା ସଙ୍ଗଠନକୁ ୩୫ଲକ୍ଷ ଟଙ୍କା ଲେଖାଏ ଗୋଷ୍ଠୀ ବିନିଯୋଗ ପାଣ୍ଠି ପ୍ରଦାନ କରାଯାଇଥିଲା।

**କୁଜଙ୍ଗ,(ମନୋଜ ପ୍ରଧାନ):** କୁଜଙ୍ଗ ବ୍ଲକ ପଡ଼ିଆରେ ଜାତୀୟ ପଞ୍ଚାୟତିରାଜ ଦିବସ ବ୍ଲକସ୍ତରୀୟ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମାରୋହରେ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ମୀନାରାଣୀ ସାହୁ , ବିଡିଓ ଦୀପକ ପ୍ରସାଦ ସ୍ୱାଇଁ, ଅତିରିକ୍ତ ବିଡିଓ ପ୍ରଶାନ୍ତ କୁମାର ଜେନା, କୁଜଙ୍ଗ ସରପଞ୍ଚ ବନ୍ଦିତା ଦାସ, ଗୋପିଆକୁଦ ସରପଞ୍ଚ ଶ୍ରୀନିବାସ ସ୍ୱାଇଁ , ସମିତି ସଭ୍ୟା ସସ୍ମିତା ନାୟକ ଓ ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ଦିଲୀପ ବେହେରା ପ୍ରମୁଖ ଯୋଗଦେଇ ପଞ୍ଚାୟତ ସୁଦୃଢ଼ ହେଲେ ଦେଶ ସମୃଦ୍ଧ ହେବ ବୋଲି କହିଥିଲେ।

**ତିର୍ତ୍ତୋଲ, (ଗୌରାଙ୍ଗ ଚରଣ ସ୍ୱାଇଁ)** ତିର୍ତ୍ତୋଲ ବ୍ଲକ କାର୍ଯ୍ୟାଳୟ ପରିସରରେ ଗୁରୁବାର ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ଅବସରରେ ହିତାଧିକାରୀଙ୍କୁ ନୂତନ ରାଶନ କାର୍ଡ ପ୍ରଦାନ କରାଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ବିଡିଓ ଗିରିଜା ଶଙ୍କର ମଲ୍ଲିକ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ତିର୍ତ୍ତୋଲ ବିଧାୟକ ଡ. ରମାକାନ୍ତ ଭୋଇ ଉପସ୍ଥିତ ଥିଲେ।


ମହିଳାମାନଙ୍କୁ ରାଶନକାର୍ଡ ବଣ୍ଟନ କରାଯାଉଛି।

# ୩୨ ହିତାଧିକାରୀଙ୍କୁ ମିଳିଲା ନୂତନ ରାଶନ କାର୍ଡ

ଗଣିଆ,୨୪।୪
(ସନ୍ତୋଷ କୁମାର ପ୍ରଧାନ)

ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ତରଫରୁ ଗୁରବାର ଗଣିଆ ବ୍ଲକ କଲୋନୀ ପରିସରରେ ବ୍ଲକସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ଝୁନା ଜେନା, ବିଡିଓ ସାଗର କୁମାର ନନ୍ଦ,

**ବ୍ଲକସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ**

ଏବିଡିଓ ରତନଲାଲ ଲୋହରା, କନ୍ଧମାଳ ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ଶରତ କୁମାର କର ଓ ପ୍ରତି ପଞ୍ଚାୟତର ସରପଞ୍ଚମାନେ ମଞ୍ଚାସୀନ ଥିଲେ। ଅତିଥିମାନେ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ପରେ ଜମ୍ମୁ କଶ୍ମୀରର ପହଲଗାମରେ ଆତଙ୍କବାଦୀଙ୍କ ଗୁଳିରେ ପ୍ରାଣହରାଇଥିବା ମୃତକମାନଙ୍କ ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁରୀଠାରେ ଆଭାସୀ ମାଧ୍ୟମରେ ନୂତନ ରାଶନ କାର୍ଡବଣ୍ଟନ କରିବା ପରେ ଗଣିଆ ବ୍ଲକର ୩୨ଜଣ ହିତାଧିକାରୀଙ୍କୁ ନୂତନ ରାଶନ କାର୍ଡ ପ୍ରଦାନ କରାଯାଇଥିଲା । ବ୍ଲକର ୨୬୦ ହିତାଧିକାରୀ ନୂତନ ରାଶନ କାର୍ଡ ପାଇଁ ଆବେଦନ କରିଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୩୨ଜଣଙ୍କୁ ଓ ପରେ ପର୍ଯ୍ୟାୟ କ୍ରମେ ତଦନ୍ତ କରାଯାଇ ଯୋଗ୍ୟ ହିତାଧିକାରୀମାନଙ୍କୁ କାର୍ଡ ପ୍ରଦାନ କରାଯିବ ବୋଲି ଯୋଗାଣ ବିଭାଗ ତରଫରୁ ସୂଚନା ମିଳିଛି । ରାଜ୍ୟ ସରକାରଙ୍କ ଇ ପଞ୍ଚାୟତିରାଜ ବ୍ୟବସ୍ଥାରେ ଉଲ୍ଲେଖ ଯୋଗ୍ୟ କାର୍ଯ୍ୟ ପ୍ରଦର୍ଶନ କରିଥିବା ଛାମୁଣ୍ଡିଆ ପଞ୍ଚାୟତକୁ ୫ଲକ୍ଷ ୭୯ହଜାର, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣ ସର୍ଭେ କାର୍ଯ୍ୟ ପାଇଁ ବେଲପଡାପାଟଣା ପଞ୍ଚାୟତକୁ ୩ଲକ୍ଷ ୮୬ହଜାର ଓ ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଗଣିଆ ପଞ୍ଚାୟତକୁ ୫ଲକ୍ଷ ୭୯ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଛି । ସେହିପରି ରୁରାଲ ହାଉସିଂ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଜିଲାସ୍ତରରେ ବେଲପଡାପାଟଣା ଏବଂ ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ କିଶୋରପ୍ରସାଦ ପଞ୍ଚାୟତ ପ୍ରଥମ ସ୍ଥାନ ଅଧିକାର କରିଛି ।


ପଞ୍ଚାୟତ ପ୍ରତିନିଧିଙ୍କୁ ଚେକ୍ ପ୍ରଦାନ କରାଯାଉଛି।

## ଖଣ୍ଡପଡ଼ାରେ ପଞ୍ଚାୟତିରାଜ ଦିବସ



ପଞ୍ଚାୟତିରାଜ ଦିବସ ସଭାରେ ମଞ୍ଚାସୀନ ଅତିଥି।

ଖଣ୍ଡପଡ଼ା,୨୪।୪
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ପରିସରରେ ଗୁରୁବାର ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି । ଏଥିରେ ବିଡିଓ ଅଙ୍କୁର ଅଭିଳାଷ ପୌରୋହିତ୍ୟ କରି ଜାତୀୟ ପଞ୍ଚାୟତିରାଜ ଦିବସ ସମ୍ପର୍କରେ ଆଲୋକପାତ କରି ବିଭିନ୍ନ ଜନକଲ୍ୟାଣ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ । କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ଉପମା ବେହେରା, ୬ନଂ. ଜିଲା ପରିଷଦ ସଭ୍ୟା ଉଜ୍ଜ୍ୱଳ ମହାରଣା, ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିୟାରସିଂହ, ଏବିଡିଓ ଝାଡେଶ୍ୱର ଦାସ ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଅବସରରେ ବିଭିନ୍ନ ପଞ୍ଚାୟତ ପକ୍ଷରୁ ଚିହ୍ନଟ ହୋଇଥିବା ଯୋଗ୍ୟ ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମକୁ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଅନିତ କୁମାର ବଡସେଟ ପରିଚାଳନା କରିଥିଲେ । ୨୨ ପଞ୍ଚାୟତରୁ ମିଶନଶକ୍ତି ମହିଳା, ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାଙ୍କ ସମେତ ଜନପ୍ରତିନିଧିମାନେ ସାମିଲ ହୋଇଥିଲେ।

## ଏକକ ବ୍ୟବହୃତ ପ୍ଲାଷ୍ଟିକ ବ୍ୟବହାର ନ କରିବାକୁ ଶପଥ

ନୟାଗଡ଼,୨୪।୪ (ଲୋକନାଥ ମିଶ୍ର)

ନୟାଗଡ଼ ବ୍ଲକ କାଳିକା ପ୍ରସାଦ ପଞ୍ଚାୟତର କେଶରପୁର ଏନ.କେ.ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ଧରିତ୍ରୀ ଦିବସ-୨୦୨୫ ପାଳନ କରାଯାଇଥିଲା । ଏକକ ବ୍ୟବହୃତ ପ୍ଲାଷ୍ଟିକ ବ୍ୟବହାର ନ କରିବାକୁ ଏହି ଅବସରରେ ଶପଥ ଗ୍ରହଣ କରାଯାଇଛି। ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ତଥା ପ୍ରକୃତି ବନ୍ଧୁ ରବୀନ୍ଦ୍ର କୁମାର ମହାପାତ୍ରଙ୍କ ଆବାହକତ୍ୱ ଓ ପ୍ରଧାନ ଶିକ୍ଷକଙ୍କ ସଭାପତିତ୍ୱରେ ଏକ ପରିବେଶ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ନୟାଗଡ଼ ଏସ୍‌ଡିପିଓ ଜ୍ୟୋତିରଞ୍ଜନ ସାମନ୍ତରାୟ ମୁଖ୍ୟ ଅତିଥି ଓ ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ପ୍ରଶନ୍ନ କୁମାର ସ୍ୱାଇଁ ମୁଖ୍ୟବକ୍ତା ରୂପେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୟାଗଡ଼ର ପୂର୍ବତନ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁରେନ୍ଦ୍ର କୁମାର ସାହୁ ସମ୍ମାନୀତ ଅତିଥି ରୂପେ ଯୋଗ ଦେଇ ପ୍ଲାଷ୍ଟିକର ବ୍ୟବହାର କିପରି ଜଳ, ସ୍ଥଳ ଓ ଆକାଶକୁ ପ୍ରଦୂଷିତ କରୁଛି ସେନେଇ ଟିପ୍ପଣୀ ଦେଇଥିଲେ। ଘରୁ ବାହାରିଲେ ଆମକୁ ପ୍ଲାଷ୍ଟିକର ବିଭିନ୍ନ ସାମଗ୍ରୀ ବ୍ୟବହାର କରିବାକୁ ପଡୁଛି। ପରିବେଶକୁ ପ୍ରଦୂଷିତରୁ ରୋକିବା ପାଇଁ ଏକକ ବ୍ୟବହୃତ ପ୍ଲାଷ୍ଟିକ ବ୍ୟବହାର ନ କରିବାକୁ ମତ ପ୍ରକାଶ ପାଇଛି। ଅପରପକ୍ଷେ ପରିବେଶ ଉପରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କୁ କନାରେ ତିଆରି ବ୍ୟାଗ୍ ସହ ପୁରସ୍କାର ବଣ୍ଟନ କରାଯାଇ ମାନବିକତାରେ ପରିବର୍ତ୍ତନ ଆଣିବାକୁ ପରାମର୍ଶ ଦିଆଯାଇଥିଲା ।



ଏକକ ପ୍ଲାଷ୍ଟିକ୍ ବ୍ୟବହାର ବନ୍ଦ ପାଇଁ ସଚେତନତା ସୃଷ୍ଟି କରାଯାଉଛି।

## ମୃତକ ପର୍ଯ୍ୟଟକଙ୍କ ପାଇଁ କ୍ୟାଣ୍ଡେଲ ଶୋଭାଯାତ୍ରା

ଓଡଗାଁ, ୨୪।୪
(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲ୍ଲା ଓଡ଼ଗାଁ ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ତରଫରୁ ଜମ୍ମୁକଶ୍ମୀର ପହଲଗାମଠାରେ ଆତଙ୍କବାଦୀଙ୍କ ଆକ୍ରମଣରେ ନିହତ ୨ସେନା ଅଧିକାରୀ ଓ ପର୍ଯ୍ୟଟକଙ୍କ ଉଦ୍ଦେଶ୍ୟରେ ଗୁରୁବାର ଅପରାହ୍ନରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ସୁଶାନ୍ତ ସାହୁଙ୍କ ନେତୃତ୍ୱରେ ବହୁସଂଖ୍ୟାରେ ଯୁବକ ଏବଂ ସ୍ଥାନୀୟ ବାସିନ୍ଦା ମନ୍ଦିର ନିକଟରୁ ଏକ ଶୋଭାଯାତ୍ରାରେ ବାହାରି ଆତଙ୍କବାଦ ବିରୋଧରେ ସ୍ଲୋଗାନ ଦେଇ ଲକ୍ଷ୍ମୀ ବଜାର ହନୁମାନ ଛକଠାରେ ପହଞ୍ଚିଥିଲେ । ସେଠାରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରାରେ ବାହାରି ଗ୍ୟାରେଜ ଛକଦେଇ ଶ୍ରୀରଘୁନାଥ ଜୀଉଙ୍କ ମନ୍ଦିର ଅଭିମୁଖେ ଫେରିଥିଲେ ।

## ବାଲ୍ୟ ବିବାହ ନିଷେଧ ସଚେତନତା କାର୍ଯ୍ୟକ୍ରମ

ଖଣ୍ଡପଡ଼ା,୨୪।୪
(ଅଜୟ କୁମାର ମହାରଣା)

ସେଣ୍ଟର ଫର କାଟା ଲାଇଭ୍ଲିହୁଡ ଚେଞ୍ଜ(ସି.ଥ୍ରୀ) ଆନୁକୂଲ୍ୟରେ ଖଣ୍ଡପଡା ମିଶନ ଶକ୍ତି ଭବନଠାରେ ବାଲ୍ୟ ବିବାହ ନିଷେଧ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଖଣ୍ଡପଡା ବ୍ଲକ ଅଞ୍ଚଳର ପୁରୋହିତମାନଙ୍କୁ ନେଇ ବାଲ୍ୟ ବିବାହ କାରଣ, କୁପରିଣାମ ଓ ନିରାକରଣ ଉପାୟ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା । ମୁଖ୍ୟ ଅତିଥି ଭାବେ ଖଣ୍ଡପଡା ବ୍ଲକ ଶିଶୁ ସୁରକ୍ଷା ଅଧିକାରୀ କେ.କୋଶ୍ୱେରୀ ଯୋଗଦେଇ ବାଲ୍ୟ ବିବାହ ନିଷେଧ ଆଇନ ୨୦୦୬ରେ ଥିବା ଦଣ୍ଡବିଧାନ ସମ୍ପର୍କରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ ମିଶନ ଶକ୍ତି ବିପିସି ଦିଲୀପ କୁମାର ନାୟକ ଯୋଗଦେଇଥିଲେ । ବିବାହ କାର୍ଯ୍ୟରେ ବ୍ରାହ୍ମଣମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଦୃଷ୍ଟିରେ ରଖି ୨୦ ଜଣ ବ୍ରାହ୍ମଣଙ୍କ ସହ ବାଲ୍ୟ ବିବାହ ରୋକିବା ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମ ଶେଷରେ ସମସ୍ତେ ବାଲ୍ୟ ବିବାହ ରୋକିବା ପାଇଁ ଶପଥ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମକୁ ସି ଥ୍ରୀର ଖଣ୍ଡପଡ଼ା ବ୍ଲକ ସଂଯୋଜକ ସୁଦୀପ୍ତ କୁମାର ସାହୁ ପରିଚାଳନା କରିଥିଲେ । ଦଶପଲ୍ଲା ବ୍ଲକ୍ ସଂଯୋଜକ ଶୁଭାଶିଷ ମିଶ୍ର ସହଯୋଗ କରିଥିଲେ ।


ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅନୁଷ୍ଠାନର କର୍ମକର୍ତ୍ତା।

## ବିଶ୍ୱ ଧରିତ୍ରୀ ଦିବସ ପାଳିତ

ଓଡଗାଁ,୨୪।୪
(ଆଦର୍ଶ କୁମାର ପଟ୍ଟନାୟକ)

ଧରିତ୍ରୀ ମାତାର ସୁରକ୍ଷା ନିମନ୍ତେ ସାରା ବିଶ୍ୱରେ ଧରିତ୍ରୀ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ କୁସୁମୀଡ଼ିର ଆରୋ ମୀରା ଟ୍ରଷ୍ଟ ତରଫରୁ ପ୍ରାକୃତିକ ପର୍ଯ୍ୟଟନ ସ୍ଥଳୀ ସାଧୁ ସନ୍ଥ ପୀଠ ଏବଂ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର କୁରାଳରେ ବିଶ୍ୱ ଧରିତ୍ରୀ ଦିବସ ପାଳନ କରାଯାଇଥିଲା। ଶିକ୍ଷା କେନ୍ଦ୍ରର ଅଧକ୍ଷ ସନ୍ତୋଷ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ଅନୁଷ୍ଠାନର ସମ୍ପାଦକ ତଥା ପ୍ରକୃତିବନ୍ଧୁ ସୁକାନ୍ତ ବୋଧୁରୀ ବୃକ୍ଷ ଦେବତାଙ୍କୁ ଜଳ ପ୍ରଦାନ କରି ଆଲୋଚନା ଚକ୍ରର ଶୁଭାରମ୍ଭ କରିଥିଲେ। ମହାଭୂତର ସୁରକ୍ଷା ନିମନ୍ତେ ନିଜ ଜୀବନ ଶୈଳୀର ଉଦାହରଣ ଦେବା ସହ ଗୀତ,ଗପ,ସ୍ଲୋଗାନ ମାଧ୍ୟମରେ କୁନି ଛାତ୍ରଛାତ୍ରୀଙ୍କ ମଧ୍ୟରେ ପରିବେଶ ସୁରକ୍ଷା ପ୍ରତି ଶ୍ରଦ୍ଧା ଜନ୍ମ ଯାଇଥିଲା। ପ୍ରକୃତି ମାତାର ସୁରକ୍ଷା ନିମନ୍ତେ ଶପଥ ପାଠ କରାଇ ଥିଲେ। ପରିବେଶ ଆଧାରିତ ସ୍ଲୋଗାନମାନ ଦେଇ ଛାତ୍ରଛାତ୍ରୀମାନେ ଅଞ୍ଚଳ ପରିକ୍ରମା କରି ମାଣ୍ଡିଆ ଲଡୁ ବଣ୍ଟନ କରାଯାଇଥିଲା।

## ଅସହ୍ୟ ଗୁଳୁଗୁଳି ବେଳେ ବାରମ୍ବାର ବିଦ୍ୟୁତ କାଟ୍

ନୂଆଗାଁ,୨୪।୪ (ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକର ବିଭିନ ଅଞ୍ଚଳରେ ବୁଧବାର ଦିନ,ରାତି ତମାମ ଅଘୋଷିତ ଓ ବାରମ୍ବାର ବିଦ୍ୟୁତ କାଟ୍ ଯୋଗୁ ଲୋକମାନେ ନାହିଁ ନ ଥିବା କଷ୍ଟ ପାଇଥିବା ଅଭିଯୋଗ ହେଉଛି । ଗ୍ରୀଷ୍ମ ପ୍ରଭାବ ଯୋଗୁ ବିଦ୍ୟୁତ ନ କାଟିବା ପାଇଁ ବିଭାଗୀୟ ମନ୍ତ୍ରୀ ବିଦ୍ୟୁତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି । କିନ୍ତୁ ମନ୍ତ୍ରୀଙ୍କ ନିର୍ଦ୍ଦେଶ ସତ୍ତ୍ୱେ ନୂଆଗାଁ ବ୍ଲକ ସଦର ତଥା ନୂଆଗାଁ ବିଦ୍ୟୁତ ସ୍କୃକଚର ଅତି ନିକଟରେ ଥିବା ଗ୍ରାମଗୁଡିକରେ ବୁଧବାର ସକାଳ ୯ଟାରୁ ଦୀର୍ଘ ସମୟ ଧରି ବିଦ୍ୟୁତ ସରବରାହ ବନ୍ଦ ରହିଥିଲା । ବିଦ୍ୟୁତ କଟିବାର କାରଣ ବିଦ୍ୟୁତ ବିଭାଗ ଯନ୍ତ୍ରୀ ଅତନୁ ବୋଷଙ୍କୁ ପଚାରିବାରୁ କାମ ଚାଲିଥିବାରୁ ବିଦ୍ୟୁତ କଟାଯାଇଥିବା କହିଥିଲେ । ସନ୍ଧ୍ୟାରୁ ରାତି ତମାମ ବାରମ୍ବାର ଲାଇନ କଟିବା ଯୋଗୁ ଲୋକମାନେ ଘରେ ଶୋଇ ପାରି ନ ଥିଲେ । ରାତିରେ ବାରମ୍ବାର ବିଦ୍ୟୁତ କଟିବା ବାବଦରେ ବିଦ୍ୟୁତ ବିଭାଗ କର୍ମଚାରୀ ସଞ୍ଜୟ କୁମାର ବିଶ୍ୱାଳଙ୍କୁ ପଚାରିବାରେ ସ୍କୃକଚରରେ ଗୋଟିଏ ପିନ୍‌ରେ ତ୍ରୁଟି ଦେଖା ଦେବାରୁ ଏପରି ହୋଇଥିଲା । ତାହାକୁ ମରାମତି କରାଯାଇଛି ବୋଲି କହିଛନ୍ତି ।

## ଧରା ପଡ଼ିଲେନି ଲୁଟେରା, ଟେର ପାଉନି ପୋଲିସ

ନୟାଗଡ଼,୨୪।୪
(ଲୋକନାଥ ମିଶ୍ର)

**ଡମସାହି ଲୁଟର ୧୮ ଦିନ ବିତିଲା**

ନୟାଗଡ ପୋଲିସ ଜିଲା ରଣପୁର ଥାନା ନୂଆ ଜଗନ୍ନାଥ ସଡକର ଡମସାହି ଗ୍ୟାସ ଏଜେନ୍ସି ନିକଟରେ ଫାଙ୍କା ଗୁଳି ଚାଳନା ସହ ମାରପିଟ୍ କରି ୧ଲକ୍ଷ ଟଙ୍କାର ସୁନା ଓ ରୁପା ଅଳଙ୍କାର ଲୁଟ୍ ଘଟଣା ୧୮ ଦିନ ବିତି ଯାଇଛି । ହେଲେ ପୋଲିସ ଏଯାବତ ଲୁଟେରାଙ୍କ ଟେରା ପାଇ ନାହିଁ । ପ୍ରାପ୍ତ ସୂଚନା ଅନୁସାରେ ଗୋଡିପଡା ମହନ୍ତସାହିର ଗଙ୍ଗାଧର ସାହୁ ରଣପୁର ବ୍ଲକ ଡମସାହି ବଜାର ଟାଙ୍ଗିସାହିରେ ଗୁଡା ଦୋକାନ କରିଛନ୍ତି । ସେ ଗତ ୭ ତାରିଖ ସନ୍ଧ୍ୟାରେ ଦୋକାନ ବନ୍ଦ କରି ଅଳଙ୍କାରକୁ ବ୍ୟାଗରେ ରଖି ସାଇକେଲ ଯୋଗେ ଘରକୁ ଫେରୁଥିଲେ । ବାଟରେ ନୂଆଜଗନ୍ନାଥ ସଡ଼କର ବାଘ ତୋଟା ନିକଟବର୍ତ୍ତୀ ଡମସାହିର ଗ୍ୟାସ ଏଜେନ୍ସି ନିକଟରେ ପଛରୁ ବାଇକ ଯୋଗେ ୫ ଲୁଟେରା ପିଛା କରି ଫାଙ୍କା ଗୁଳି ଚାଳନା କରିଥିଲେ । ପରେ ମାରପିଟ୍ କରି ଗଙ୍ଗାଧରଙ୍କ ଠାରୁ ୧ଲକ୍ଷ ଟଙ୍କାର ରୁପା ଓ ସୁନା ଅଳଙ୍କାର, ମୋବାଇଲ, ୫ ହଜାର ଟଙ୍କା ସହ ବ୍ୟାଗ ଛଡାଇ ନେଇଥିଲେ । ପୂର୍ବରୁ ଗଙ୍ଗାଧରଙ୍କଠାରୁ ମଧ୍ୟ ଲୁଟ୍ ହୋଇ ଥିବାବେଳେ ଏହା ଦ୍ୱିତୀୟ ଲୁଟ୍ ଘଟଣା ଥିଲା। ତେବେ ପୋଲିସ ୧୦୪/୨୫ରେ କେବଳ ମାମଲା ରୁଜୁ କରି ଚୁପ ରହିଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି । ପ୍ରକାଶଥାଉକି, ରଣପୁର ଥାନା ଡମସାହିର ଗ୍ୟାସ ଏଜେନ୍ସି ଠାରୁ ଶରଣକୁଳ ଥାନା ଗୋଡିପଡା ଫାଣ୍ଡି ବଡପୋଖରୀ ପର୍ଯ୍ୟନ୍ତ ଲୁଟେରାଙ୍କ ରାଜ୍ ରହୁଛି । ନିକଟରେ ଡମସାହିର ଏକ ପେଟ୍ରୋଲ ପମ୍ପ ଓ ଗୋଡିପଡାର ଏକ ସୁନା ଦୋକାନରେ ଦିନବେଳା ବୋମା ପକାଇ ଲୁଟ୍ ହୋଇଥିଲା । ନୂଆ ଜଗନ୍ନାଥ ସଡ଼କ ଅଞ୍ଚଳରେ ଲୁଟେରାଙ୍କ ଭୟ ରହିଥିବାବେଳେ ରଣପୁର ଥାନା ପୋଲିସର ଆଦୌ ପାଟ୍ରୋଲିଂ ନ ଥିବା ଅଭିଯୋଗ ରହିଛି । ଡମସାହି ହେଉଛି ରଣପୁର ଓ ଶରଣକୁଳ ଥାନା ସୀମାନ୍ତ ଅଞ୍ଚଳ । ୨ ଥାନା ପକ୍ଷରୁ ପାଟ୍ରୋଲିଂ କଡାକଡି କରା ନ ଗଲେ ଲୁଟେରାଙ୍କ କାବୁ କରିବା ସମ୍ଭବ ନୁହେଁ ବୋଲି କହୁଛନ୍ତି ।

## ୬ ପଞ୍ଚାୟତକୁ ପୁରସ୍କାର, ୩୭ ଜଣଙ୍କୁ ରାଶନ କାର୍ଡ ବଣ୍ଟନ

ଓଡଗାଁ, ୨୪।୪
(ଆଦର୍ଶ କୁମାର ପଟ୍ଟନାୟକ)

**ବ୍ଲକସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ**

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ସ୍ଥାନୀୟ ସରକାରୀ କଲ୍ୟାଣ ମଣ୍ଡପରେ ଗୁରୁବାର ପାଳିତ ହୋଇଯାଇଛି । ଏହି ଅବସରରେ କାର୍ଯ୍ୟଦକ୍ଷତାରେ ଶ୍ରେଷ୍ଠତା ପ୍ରତିପାଦନ, ନିଜସ୍ୱ ଆୟବୃଦ୍ଧି ତଥା ପଞ୍ଚାୟତର ସର୍ବାଙ୍ଗୀନ ଉନ୍ନତିରେ ନିରନ୍ତର ପ୍ରୟାସ ନିମନ୍ତେ କୁରାଳ, ସୁନାମୁହିଁ, ମଗରବନ୍ଧ, ଗୋଡିସାହି, ଶରଣକୁଳ ଓ ଭୋଳିଆ ଆଦି ୬ ପଞ୍ଚାୟତକୁ ପ୍ରଶଂସା ପତ୍ର ସହିତ ପ୍ରତ୍ୟେକଙ୍କୁ ୩ ଲକ୍ଷ ୮୬ ହଜାର ୪୭୩ ଟଙ୍କାର ଚେକ ବ୍ଲକ ଅଧକ୍ଷ ଲୋକନାଥ ସାହୁ, ବିଡ଼ିଓ ଜିତେନ୍ଦ୍ର କୁମାର ନାଏକ, ଗ୍ରାମପଞ୍ଚାୟତ ଅଧିକାରୀ, ଯୋଗାଣ ନିରିକ୍ଷକ ମଳୟ କୁମାର ମେହେରଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଦ୍ୱାରା ବ୍ଲକର ୩୭ ଜଣ ହିତାଧିକାରୀଙ୍କୁ ନୂତନ ରାଶନ କାର୍ଡ ପ୍ରଦାନ କରାଯାଇଥିଲା । ପୁରୀ ତାଳବଣିଆଠାରେ ରାଜ୍ୟସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ବିହାର ପ୍ରଦେଶରେ ଆୟୋଜିତ ଜାତୀୟସ୍ତରୀୟ ପାଳନ ଅବସରରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ନୂତନ ଯୋଜନାର ଶୁଭାରମ୍ଭ ଓ ଶିଳାନ୍ୟାସ କାର୍ଯ୍ୟକ୍ରମ ସିଧା ପ୍ରସାରଣ ଡିଜିଟାଲ ସ୍କ୍ରିନ ମାଧ୍ୟମରେ ଉପସ୍ଥିତ ୭ଶହରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଦେଖିଥିଲେ । ପ୍ରତି ପଞ୍ଚାୟତରେ ପଞ୍ଚାୟତ ଅଧିକାରୀ, ସରପଞ୍ଚ, ସମିତି ସଭ୍ୟ ଏବଂ ଅନ୍ୟ ଜନ ପ୍ରତିନିଧିମାନେ ଏଥିରେ ଅଂଶଗ୍ରହଣ କରିଥିଲେ ।

## ବିଦ୍ୟୁତ୍ ଆଘାତରେ ଟାଇଲ ମିସ୍ତ୍ରିଙ୍କ ମୃତ

ଓଡଗାଁ, ୨୪।୪
(ଆଦର୍ଶ କୁମାର ପଟ୍ଟନାୟକ)

ଓଡଗାଁ ଆଦର୍ଶ ଥାନା ରଙ୍ଗଣିପାଟଣା ଗ୍ରାମ ଶଙ୍ଖସାହିର ହୃଷିକେଶ ପଣ୍ଡା (୪୨)ଙ୍କ ଗୁରୁବାର ବିଦ୍ୟୁତ ଆଘାତରେ ମୃତ୍ୟୁ ହୋଇଛି । ହୃଷିକେଶ ଟାଇଲ ମିସ୍ତ୍ରୀ ଭାବେ କାମ କରନ୍ତି । ସେ କିଛି ଦିନ ହେଲା ଗଞ୍ଜାମ ଜିଲା କବିସୂର୍ଯ୍ୟନଗରରେ ଟାଇଲ କାମ କରୁଥିଲେ । ଗୁରୁବାର ସେ ବାପା ନାରାୟଣଙ୍କ ସହିତ ମିଶି ଟାଇଲ କାମ କରୁଥିବା ବେଳେ କୌଣସି କାରଣରୁ ବିଦ୍ୟୁତ ଆଘାତରେ ଟାଇଲ କଟା ମେସିନ ତାଙ୍କ ଛାତି ଉପରେ ପଡି ଯାଇଥିଲା । ତାଙ୍କୁ ତୁରନ୍ତ ଡାକ୍ତରଖାନା ନିଆଯାଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଗଞ୍ଜାମରୁ ମୃତଦେହ ରଙ୍ଗଣୀପାଟଣାରେ ପହଞ୍ଚ ପରେ ଗାଁରେ ଶୋକର ଛାୟା ଖେଳି ଯାଇଥିଲା। ସରପଞ୍ଚ ସସ୍ମିତ ପାତ୍ର ମୃତକଙ୍କ ପରିବାରକୁ ସାନ୍ତ୍ୱନା ଦେବା ସହିତ ସରକାରୀ ସହାୟତା ପ୍ରଦାନ ପାଇଁ ଦାବି କରିଛନ୍ତି।

## ସମୂହ ଦୀପଦାନ, ଶ୍ରଦ୍ଧାଞ୍ଜଳି


ପହଲଗାମ୍ ମୃତକଙ୍କ ପାଇଁ ଦୀପଦାନ କରାଯାଉଛି।

ନୟାଗଡ଼,୨୪।୪
(ଲୋକନାଥ ମିଶ୍ର)

କଶ୍ମୀରର ପହଲଗାମଠାରେ ୨୬ଜଣଙ୍କୁ ଆତଙ୍କବାଦୀମାନେ ହତ୍ୟା କରିଥିଲେ । ସେହି ମୃତକଙ୍କ ପାଇଁ ବୁଧବାର ନୟାଗଡ଼ରେ ସମୂହ ଦୀପଦାନ ଏବଂ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଆତଙ୍କବାଦୀଙ୍କ ଏହି ଘୃଣ୍ୟକାର୍ଯ୍ୟକୁ ତୀବ୍ର ନିନ୍ଦା କରାଯିବା ସହିତ ଦିବଂଗତ ଆତ୍ମାମାନଙ୍କର ସଦ୍‌ଗତି ପାଇଁ ନୟାଗଡ଼ ନାଗରିକ ମଞ୍ଚ ପକ୍ଷରୁ ନୟାଗଡ଼ ପୁରୁଣା ସହର ଶ୍ରୀଜଗନ୍ନାଥ ମନ୍ଦିର ସାମନାରେ ବୁଧବାର ସନ୍ଧ୍ୟାରେ ଦୀପଦାନ କରାଯାଇଛି । ଏଥିରେ ନାଗରିକ ମଞ୍ଚ ପକ୍ଷରୁ ସଭାପତି ପ୍ରମୋଦ ପଟ୍ଟନାୟକ, ସମ୍ପାଦକ ଲକ୍ଷ୍ମୀଧର ସାହୁ, ମଡେଲ ଡିଗ୍ରୀ କଲେଜ ଅଧକ୍ଷ ମାନସ ରଞ୍ଜନ ଶତପଥୀ, ଅଧ୍ୟାପକ ଦିଲୀପ କୁମାର ମିଶ୍ର, ସାହିତ୍ୟିକ ନିର୍ମଳ ଚନ୍ଦ୍ର ଶୁଆରବେଓ,ହାସ୍ୟଅଭିନେତା ରବୀନ୍ଦ୍ର ରାଉତ, ପ୍ରଦୀପ୍ତ ଡାକୁଆ, କୈଳାସ ଚନ୍ଦ୍ର ରଥ, ପୂର୍ଣ୍ଣଚନ୍ଦ୍ର ଶତପଥୀ ପ୍ରମୁଖ ଉପସ୍ଥିତ ରହି ମୃତକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ।

## ହାଲୁକା କଂସାବାସନ ତିଆରି ଉପରେ ଗୁରୁତ୍ୱ

ଖଣ୍ଡପଡ଼ା,୨୪।୪
(ଅଜୟ କୁମାର ମହାରଣା)

**କଂସାବାସନ ବ୍ୟବହାର,ପ୍ରଚାର ପ୍ରସାର ଉପରେ ରାଜ୍ୟପାଳଙ୍କ ସହ ଆଲୋଚନା**

ରାଜ୍ୟପାଳ ହରିବାବୁ କମ୍ଭମପାଟିଙ୍କୁ ରାଜଭବନଠାରେ ଭେଟି କାରିଗରମାନଙ୍କ ଦ୍ୱାରା ପ୍ରସ୍ତୁତ କଂସାବାସନର ବ୍ୟବହାର ଓ ଏହାର ପ୍ରଚାର ପ୍ରସାର ସମ୍ପର୍କରେ ନିଖିଳ ଉତ୍କଳ କଂସାରୀ ସମାଜର କାର୍ଯ୍ୟକାରୀ ସଭାପତି ଅଖିଳ କୁମାର ମହାରଣା ଆଲୋଚନା କରିଛନ୍ତି । ରାଜ୍ୟ କାରିଗରମାନଙ୍କ ଦ୍ୱାରା ହିଟ୍ ଆଣ୍ଡ ବିଟ୍ ପଦ୍ଧତିରେ ପ୍ରସ୍ତୁତ କଂସାବାସନ ସାମଗ୍ରୀ ଅଧିକ ଓଜନ ହେଉଥିବା ଯୋଗୁ ଏହାର ଚାହିଦା ପ୍ରତି ସାଧାରଣରେ ଆଗ୍ରହ ପ୍ରକାଶ ପାଉ ନାହିଁ । ବାହାର ରାଜ୍ୟର ବାସନ ହାଲୁକା ଓ ଉତ୍ତମ ଫିନିସିଂ ଯୋଗୁ ସେଗୁଡ଼ିକର ଚାହିଦା ରହୁଥିବା ରାଜ୍ୟପାଳ କହିଥିଲେ। ତେବେ ଆମରାଜ୍ୟ କଂସାରୀ କାରିଗରମାନଙ୍କ ଦ୍ୱାରା ପ୍ରସ୍ତୁତ କଂସାବାସନରେ ଔଷଧୀୟ ଗୁଣବତ୍ତା ରହିଥିବା ମହାରଣା ବିସ୍ତୃତ ଭାବେ ରାଜ୍ୟପାଳ ଓ ତାଙ୍କ ଧର୍ମପତ୍ନୀଙ୍କୁ ଅବଗତ କରିଥିଲେ। ମହାରଣାଙ୍କ ଦ୍ୱାରା ପ୍ରଦର୍ଶିତ ବିଭିନ୍ନ କଂସାପିତଳ ସାମଗ୍ରୀ ସମ୍ପର୍କରେ ଅବଗତ ହୋଇ ପ୍ରସ୍ତୁତ ସାମଗ୍ରୀକୁ ହାଲକା ଭାବେ ପ୍ରସ୍ତୁତ କରାଗଲେ ଏହାର ଚାହିଦା ବୃଦ୍ଧି ପାଇବ ବୋଲି ରାଜ୍ୟପାଳ ପ୍ରକାଶ କରିଥିଲେ । ପାରମ୍ପରିକ ଏହି ହସ୍ତଶିଳ୍ପର ବିକାଶ ଦିଗରେ କେନ୍ଦ୍ର ସରକାର ଅନେକ କୋଟି ଟଙ୍କା ବ୍ୟୟରେ କଣ୍ଟିଲୋ ଠାରେ ଏକ ପ୍ରକଳ୍ପ ଦୀର୍ଘ ବର୍ଷରୁ ପ୍ରତିଷ୍ଠା କରାଯାଇଥିଲେ । ତେଲେ ପରିଚାଳନାଗତ ତ୍ରୁଟି ଯୋଗୁ ତାହା କାର୍ଯ୍ୟକ୍ଷମ ହେଉ ନ ଥିବା ମହାରଣା ରାଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଉକ୍ତ ପ୍ରକଳ୍ପ ଠିକ ଭାବେ କାର୍ଯ୍ୟକ୍ଷମ ହେଲେ ହାଲକା କଂସାପିତଳ ସାମଗ୍ରୀ ପ୍ରସ୍ତୁତ ହୋଇ ବଜାରରେ ଚାହିଦା ବୃଦ୍ଧି ପାଇବ ବୋଲି ମହାରଣା ରାଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ନୂତନ ଜ୍ଞାନ କୌଶଳ ତଥା ପ୍ରଶିକ୍ଷଣ ମାଧ୍ୟମରେ କଂସା ପିତଳ ଏବଂ କାଠ ଖୋଦେଇର ବିଭିନ୍ନ ସୌଖୀନ ସାମଗ୍ରୀକୁ ନୂତନ ଜ୍ଞାନ କୌଶଳ ପ୍ରୟୋଗ କରି ନୂତନ ଡାଞ୍ଚାରେ ଉତ୍ପାଦନ କରିବା ଲକ୍ଷ୍ୟ ନେଇ କଣ୍ଟିଲୋ ପାଣ୍ଡୁସାହୁ ପାଟଣାଠାରେ ଏକ କଂସା ପିତଳ ବାସନ ଓ କାଷ୍ଠ ସାମଗ୍ରୀ ଉତ୍ପାଦନ ପ୍ରଶିକ୍ଷଣ ପ୍ରକଳ୍ପ ପ୍ରତିଷ୍ଠା କରାଯାଇଛି । ୫କୋଟିରୁ ଊର୍ଦ୍ଧ୍ୱ ଟଙ୍କାର କେନ୍ଦ୍ର ସରକାରଙ୍କ ଅଣୁ ବ୍ୟବସ୍ଥା ମାଧ୍ୟମ ଉଦ୍ୟୋଗ(ଏମଏସଏମି) ପକ୍ଷରୁ ଅନୁଦାନ ତଥା ପିପିପି ମୋଡରେ ପ୍ରତିଷ୍ଠିତ ଏହି ପ୍ରକଳ୍ପର କାର୍ଯ୍ୟ ସଂପୂର୍ଣ୍ଣ ଶେଷ ହୋଇଥିବା ବେଳେ ପ୍ରତିଷ୍ଠାର ୨ବର୍ଷ ପରେ ବି କାର୍ଯ୍ୟକ୍ଷମ ହୋଇ ପାରିନାହିଁ । ଏହି କ୍ଲଷ୍ଟର ପ୍ରକଳ୍ପରେ କାରିଗରମାନଙ୍କୁ ପର୍ଯ୍ୟାୟ କ୍ରମେ ଦକ୍ଷ ପ୍ରଶିକ୍ଷକଙ୍କ ଦ୍ୱାରା ତାଲିମ ପ୍ରଦାନ କରାଯାଇ ଆତ୍ମ ନିର୍ଭରଶୀଳ ହେବାର ଲକ୍ଷ୍ୟ ରହିଛି । ତେବେ ବିପୁଳ ପରିମାଣର ଅନୁଦାନରେ ପ୍ରତିଷ୍ଠା କରାଯାଇଥିବା ଏହି ପ୍ରକଳ୍ପର ପରିଚାଳନାଗତ ତ୍ରୁଟି ଯୋଗୁ ଏହା କାର୍ଯ୍ୟକ୍ଷମ କରିବାରେ ବାଧକ ସାଜିଥିବା ମହାରଣା ରାଜ୍ୟପାଳଙ୍କୁ ଅବଗତ କରିଥିଲେ ।


ରାଜ୍ୟପାଳ ହରିବାବୁ କମ୍ଭମପାଟି କଂସା ବାସନ ଦେଖୁଛନ୍ତି।

# ଦ୍ୱିତୀୟ ବିବାହ ପାଇଁ ପୁଅଙ୍କୁ ହତ୍ୟା


ଶିବୁ ରାଉତ।


ନାବାଳକଙ୍କ ମୃତ୍ୟୁକୁ ନେଇ ଗାଁରେ ଉତ୍ତେଜନା ପ୍ରକାଶ ପାଇଛି।

- ପଥର ଖାଦାନରୁ ମିଳିଲା ନିଖୋଜ ନାବାଳକଙ୍କ ମୃତଦେହ
- ଅଭିଯୁକ୍ତଙ୍କ ସମେତ ପରିବାର ଲୋକେ ଥାନାରେ ଅଟକ
- ଗ୍ରାମରେ ଉତ୍ତେଜନା, ଅଭିଯୁକ୍ତଙ୍କ ବାଇକ୍ ଜାଳିଦେଲେ

**ଜେନାପୁର/ଧର୍ମଶାଳା,୨୪।୪ (ଅଶୋକ ଦାସ/ ବଟକୃଷ୍ଣ ପରିଡ଼ା):**

ଯାଜପୁର ଜିଲା ଜେନାପୁର ଥାନା ସାହାଣୀଡ଼ିହ ପଞ୍ଚାୟତ ଚାରଗୋଠ ଗ୍ରାମରୁ ନିଖୋଜ ହୋଇ ଯାଇଥିବା ୬ ବର୍ଷର ନାବାଳକ ଶିବୁ ରାଉତଙ୍କ ମୃତଦେହ ମିଳିଛି। ଗୁରୁବାର ଏକ ପଥର ଖାଦାନରୁ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଏକ ହତ୍ୟା ଅଭିଯୋଗ ହୋଇଛି। ନାବାଳକଙ୍କୁ ତାଙ୍କ ବାପା ହତ୍ୟା କରି ଫିଙ୍ଗି ଦେଇଥିବା ଅଭିଯୋଗରେ ଦର୍ଶାଯାଇଛି। ପୋଲିସ ଏହି ଘଟଣାରେ ନାବାଳକଙ୍କ ବାପା ବାହୁଡ଼ା ରାଉତ, ତାଙ୍କ ବାପା ମଦନ ରାଉତ, ମା' ଗୁଣ୍ଠି ରାଉତ, ଭାଇ ବିରଞ୍ଚି ରାଉତ ଓ ଭାଉଜ ବର୍ଷା ରାଉତଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

ନାବାଳକଙ୍କ ଅଜା କଳାକାର ରାଉତଙ୍କ ଅଭିଯୋଗ ମୁତାବକ, ଗ୍ରାମର ବାହୁଡ଼ା ସେହି ଗାଁର ମମତା ରାଉତଙ୍କୁ ବିବାହ କରିଥିଲେ। ତାଙ୍କର ଏକ ପୁତ୍ର ସନ୍ତାନ ଶିବୁ ଜନ୍ମ ହୋଇଥିଲା। କିଛି ଦିନ ପରେ ପାରିବାରିକ ଅଶାନ୍ତି ହେବାରୁ ମମତା ପୁଅ ଶିବୁଙ୍କୁ ନେଇ ବାପ ଘରେ ପ୍ରାୟ ୫ ବର୍ଷ ହେବ ରହୁଛନ୍ତି। ଏହାରି ଭିତରେ ବାହୁଡା ଦ୍ୱିତୀୟ ବିବାହ ପାଇଁ ଯୋଜନା କରିଥିଲେ। ତେଣୁ ପୁଅ ଶିବୁ ଭବିଷ୍ୟତରେ ବାଧକ ହେବା ଆଶଙ୍କା କରି ତାଙ୍କୁ ମାରି ଦେବାକୁ ଯୋଜନା କରିଥିଲେ।

ବୁଧବାର ସନ୍ଧ୍ୟା ପ୍ରାୟ ୭ଟାରେ ଶିବୁ ଟ୍ୟୁଶନ ଯାଇ ମାମୁ ଘରକୁ ଫେରିଥିଲେ। ଏହାର କିଛି ସମୟ ପରେ ତାଙ୍କୁ ଦେଖିବାକୁ ମିଳି ନ ଥିଲା। ଏହାପରେ ମାମୁଘର ଲୋକେ ଗ୍ରାମବାସୀଙ୍କ ସହାୟତାରେ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ସନ୍ଧାନ ପାଇ ନ ଥିଲେ। ଶେଷରେ ଥାନାରେ ନିଖୋଜ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ନିରୂପମା ଜେନାଙ୍କ ସମେତ ଅଗ୍ନିଶମ ବାହିନୀ କର୍ମଚାରୀ ସ୍ଥାନୀୟ ଅଞ୍ଚଳରେ ଖୋଜାଖୋଜି କରି ରାତି ପ୍ରାୟ ୧୧ଟାରେ ଗାଁ ସଂଲଗ୍ନ ପାହାଡ଼ ଖାଦାନ ନିକଟରେ ଶିବୁଙ୍କ ପ୍ୟାଣ୍ଟ ପାଇଥିଲେ। ଏହାପରେ ରାତି ପ୍ରାୟ ୧ଟା ପର୍ଯ୍ୟନ୍ତ ଖୋଜାଖୋଜି ଜାରି ରହିଥିଲେ ମଧ୍ୟ କୌଣସି ସନ୍ଧାନ ମିଳି ନ ଥିଲା। ଗୁରୁବାର ସକାଳେ ସ୍ଥାନୀୟ ଲୋକେ ପ୍ୟାଣ୍ଟ ମିଳିଥିବା ଖାଦାନର ପାଣି ଖାଲରେ ଏକ ମୃତଦେହ ଭାସୁଥିବା ଦେଖିବାକୁ ପାଇଥିଲେ। ଏହାପରେ ଥାନା ଅଧିକାରୀ ଏବଂ ଚଢ଼େଇଧରା ଅଗ୍ନିଶମ ବାହିନୀ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ୟକ୍ତ ଲୋକେ ବାହୁଡ଼ାଙ୍କ ବାଇକ୍‌ରେ ନିଆଁ ଲଗାଇ ଦେଇଥିଲେ। ଉତ୍ତେଜନା ଭୟରେ ପ୍ରାୟ ୫ ଘଣ୍ଟା ଧରି ବାହୁଡ଼ାଙ୍କ ପରିବାର ଲୋକେ ଘର ଭିତରେ ବନ୍ଦ ରହିଥିଲେ। ଖବର ପାଇ ଯାଜପୁର ରୋଡ୍ ଏସଡିପିଓ ଲକ୍ଷ୍ମୀଧର ସ୍ୱାଇଁ, ଧର୍ମଶାଳା ଥାନା ଅଧିକାରୀ ରଞ୍ଜନ କୁମାର ମାଝୀ, ଜେନାପୁର ଥାନା ଏସ୍‌ଆଇ ଶଶୀ ଭୂଷଣ ପରି, ଏଏସ୍‌ଆଇ ବିରଞ୍ଚି ନାରାୟଣ ପଣ୍ଡା, ଚଢ଼େଇଧରା ଫାଣ୍ଡି ଅଧିକାରୀ ମନୋରଞ୍ଜନ ସେଠୀ ପ୍ରମୁଖ ପହଞ୍ଚି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ। ସାଇଣ୍ଟିଫିକ ଟିମ୍ ଏବଂ ସନ୍ଧାନୀ କୁକୁର ସାହାଯ୍ୟରେ ପୋଲିସ ବିଭିନ୍ନ ନମୁନା ସଂଗ୍ରହ କରିଥିଲା। ଏନେଇ ଥାନାରେ ନଂ.୧୪୭/୨୫ରେ ଏକ ହତ୍ୟା ମାମଲା ରୁଜୁ ହୋଇଛି।


କେନ୍ଦ୍ରାପଡ଼ା ଜିଲା ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳରେ ଅଲିଭ୍‌ରିଡ୍‌ଲେ କଇଁଛ ଶାବକ ବୁଧବାର ସମୁଦ୍ର ମୁହାଁ ହୋଇଛନ୍ତି।

## ନାବାଳିକା ବଳାତ୍କାର ମାମଲାରେ ୨୦ ବର୍ଷ ଜେଲ

**କେନ୍ଦ୍ରାପଡ଼ା, ୨୪।୪ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ଜିଲା ତନ୍ତିଆପାଳ ସାମୁଦ୍ରିକ ଥାନା ଅଞ୍ଚଳର ଏକ ନାବାଳିକା ଅପହରଣ ପରେ ବଳାତ୍କାର ମାମଲା (ନଂ.୯୦/୨୦)ର ଫଇସଲା ଗୁରୁବାର ହୋଇଛି। ଆଡିଶନାଲ ଡିଷ୍ଟ୍ରିକ୍ଟ ଜଜ୍ କମ୍ ସେସନ୍ସ ଜଜ୍ ପ୍ରଜ୍ଞା ପାରମିତା ରାଉଳ ଏହି ପୋକ୍‌ସୋ ମାମଲାର ଶୁଣାଣି କରି ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଥାନା ଅନ୍ତର୍ଗତ ଗଣ୍ଡକିପୁର ଗାଁର ଜଗନ ସାମଲଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଆଦେଶ ଦେଇଛନ୍ତି। ଜରିମାନା ବାବଦ ୫୭ ହଜାର ଟଙ୍କା ଅନାଦାୟେ ଅଧିକ ୧ ବର୍ଷ ଜେଲ ହେବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ଏଥିସହ ପୀଡ଼ିତା ନାବାଳିକାଙ୍କୁ ଜିଲା ଆଇନ ସେବା ପ୍ରାଧିକରଣ ମାଧ୍ୟମରେ ୬ ଲକ୍ଷ ଟଙ୍କା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କରେ ମାମଲା ପରିଚାଳନାକାରୀ ସ୍ପେଶାଲ ପିପି ମନୋଜ ସାହୁ କହିଛନ୍ତି, ୨୦୨୦ ନଭେମ୍ବର ୨୮ ପ୍ରାତଃ ସମୟରେ ଏହି ଘଟଣା ଘଟିଥିଲା। ନାବାଳିକା ଝିଅ ଓ ମା' ଘରେ ଶୋଇଥିଲେ। ପୀଡ଼ିତାଙ୍କ ମା' ଶୌଚ ସାରି ଘରକୁ ଫେରି ଦେଖିଥିଲେ ଝିଅ ଘରେ ନାହିଁ। ପରେ ଏ ନେଇ ସ୍ଥାନୀୟ ଅଞ୍ଚଳରେ ଖୋଜାଖୋଜି ପରେ ଜଣାପଡିଥିଲା ଯେ ଜଗନ ଝିଅଙ୍କୁ ଅପହରଣ କରି ନେଇଛନ୍ତି। ପ୍ରାୟ ୪ ମାସ ପରେ ପୋଲିସ ଝିଅଙ୍କୁ ଉଦ୍ଧାର କରିବା ସହ ଜଗନଙ୍କୁ ଗିରଫ କରିଥିଲା। ଏହି ମାମଲାରେ ୧୧ ଜଣଙ୍କ ସାକ୍ଷ୍ୟ ନିଆଯାଇଥିଲା ବୋଲି ସ୍ପେଶାଲ ପିପି ଆଇନଜୀବୀ ସାହୁ ସୂଚନା ଦେଇଛନ୍ତି।

## ୨୯ରେ ମହାକାଳପଡା ବ୍ଲକ ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

**କେନ୍ଦ୍ରାପଡ଼ା, ୨୪।୪ (ଜଗନ୍ନାଥ ଧଳ):**

କେନ୍ଦ୍ରାପଡା ଜିଲା ମହାକାଳପଡ଼ା ବ୍ଲକ ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଏକ ରୋଚକ ମୋଡ଼ ନେଇଛି। ଦୀର୍ଘଦିନ ଧରି ଏ ନେଇ ନିରବତା ପରେ ଜିଲା ପ୍ରଶାସନ ପକ୍ଷରୁ ବୈଠକ ଆସନ୍ତା ୨୯ରେ ହେବ ବୋଲି ନିଷ୍ପତ୍ତି ନିଆଯାଇଛି। ଉପଜିଲାପାଳ ଅରୁଣ କୁମାର ନାୟକ ଏ ନେଇ ପଞ୍ଚାୟତ ସମିତି ସଭ୍ୟ, ସରପଞ୍ଚମାନଙ୍କୁ ନଂ. ୫୦୧୫ରେ ଚିଠି କରିଛନ୍ତି। ଏଥିରେ ଉଲ୍ଲେଖ ଅଛି ଯେ ଅଧ୍ୟକ୍ଷା କଳ୍ପନା ରାଉତଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ସମ୍ପର୍କରେ ପଞ୍ଚାୟତ ସମିତି ଗୃହରେ ବୈଠକ ହେବ। ତହସିଲଦାର ଶିବ ମଲ୍ଲିକ ଏଥିରେ ସଭାପତିତ୍ୱ କରିବେ। ଅଧ୍ୟକ୍ଷା କଳ୍ପନାଙ୍କ ବିରୋଧରେ ମାର୍ଚ୍ଚ ୨୧ରେ କେତେଜଣ ସରପଞ୍ଚ ଓ ସମିତି ସଭ୍ୟ ଉପଜିଲାପାଳଙ୍କୁ ଅଭିଯୋଗ ପତ୍ର ଦେଇ ଅନାସ୍ଥା ପ୍ରସ୍ତାବ ଆଗତ ପାଇଁ ନିବେଦନ କରିଥିଲେ। ଗତ ୫ ତାରିଖରେ ବୈଠକ ହେବା ପାଇଁ ସ୍ଥିର ହୋଇଥିଲା। ତେବେ କେତେଜଣ ସଭ୍ୟ ଅସୁସ୍ଥ ଥିବା ଦର୍ଶାଇ ପରେ ଏହି ବୈଠକକୁ ବାତିଲ କରାଯାଇଥିଲା। ଏ ନେଇ ବିଜୟ ଶୁକ୍ଲା ହାଇକୋର୍ଟରେ ଏକ ମାମଲା (ନଂ. ଡବ୍ଲୁପିସି ୧୦୫୫୩/୨୦୨୫) କରିଥିଲେ। ଏହି କେସର ଶୁଣାଣି ଆସନ୍ତା ୩୦ ତାରିଖରେ ଥିବାରୁ ଏ ସମ୍ପର୍କରେ ସବିଶେଷ ବିବରଣୀ ଦେବା ପାଇଁ ଜିଲା ପ୍ରଶାସନକୁ ନୋଟିସ ହୋଇଛି। ତେବେ ମାମଲାର ଶୁଣାଣି ପୂର୍ବରୁ ବୈଠକ ହେବା ନିଷ୍ପତ୍ତି ଜିଲାରେ ଆଲୋଚନାର ଖୋରାକ ଯୋଗାଇଛି।

## ଗ୍ୟାସ ଦୋକାନରେ ଚଢ଼ାଉ: ୧୨୦ ଚୋରା ସିଲିଣ୍ଡର ଜବତ

**ପାରାଦୀପ,୨୪।୪(ଶରତ ରାଉତ):**

ପାରାଦୀପ ଲକଥାନା ଅନ୍ତର୍ଗତ ଗଡ଼ବଜାରର ଏକ ଘରୋଇ ଗ୍ୟାସ ଦୋକାନ ଉପରେ ଗୁରୁବାର ସନ୍ଧ୍ୟାରେ ପୋଲିସ ଚଢ଼ାଉ କରିଛି। ସେଠାରେ ଚୋରାରେ ବିକ୍ରି ଉଦ୍ଦେଶ୍ୟରେ ଥିବା ୧୨୦ଟି ଗ୍ୟାସ ଭର୍ତ୍ତି ସିଲିଣ୍ଡର ଜବତ କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ପୋଲିସ ଜଣେ ବ୍ୟବସାୟୀଙ୍କୁ ଥାନାରେ ଅଟକ ରଖିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ନିମିଢି ଗ୍ରାମର ସଞ୍ଜୟ ପୃଷ୍ଟି। ଜବତ ଗ୍ୟାସ ସିଲିଣ୍ଡର ମଧ୍ୟରେ ୮୫ ବଡ଼ ଓ ୩୫ଟି ଛୋଟ ଟାଙ୍କି ରହିଛି। ଏନେଇ ଥାନାରେ ମାମଲା (ନଂ.୧୨୧/୨୫) ରୁଜୁ ହୋଇଛି। ଏହି ଚଢ଼ାଉରେ କୁଜଙ୍ଗ ଅତିରିକ୍ତ ତହସିଲଦାର ବାଇଧର ମଲ୍ଲିକ, ମେରାଇନ ଥାନାଧିକାରିଣୀ ବବିତା ଦେହୁରୀ ଓ ଅନ୍ୟ ପୋଲିସ ଅଧିକାରୀମାନେ ସାମିଲ ଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଦିଲୀପ


@ ଜ୍ୟୋତିପ୍ରସାଦ


@ ପୂଜା


@ ରାଜଲକ୍ଷ୍ମୀ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ମୃତ

କୁଜଙ୍ଗ, ୨୪।୪(ମନୋଜ ପ୍ରଧାନ) କୁଜଙ୍ଗ ଥାନା ଅନ୍ତର୍ଗତ ଗୋପିଆକୁଦ ଶାସନ ଗ୍ରାମରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିବାରୁ ଗୁରୁବାର ଜଣଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଗ୍ରାମର ହରେକୃଷ୍ଣ ପଣ୍ଡା (୫୮)। ଗୁରୁବାର ପୂର୍ବାହ୍ନରେ ନିଜ ଘରେ ଖରାପ ହୋଇଥିବା ବିଦ୍ୟୁତ୍ ପ୍ଲଗ୍ ସଜାଡୁ ଥିବା ସମୟରେ ଅସାବଧାନତାବଶତଃ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ । ତୁରନ୍ତ ପରିବାର ଲୋକ ଚିକିତ୍ସା ନିମନ୍ତେ ତାଙ୍କୁ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ହରେକୃଷ୍ଣଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି। ଏନେଇ ମୃତକଙ୍କ ପୁଅ ସୁରେଶ ପଣ୍ଡା କୁଜଙ୍ଗ ଥାନାକୁ ଲିଖିତ ଆକାରରେ ଅବଗତ କରାଇବା ପରେ ପୋଲିସ ଅପମୃତ୍ୟୁ ମାମଲା (ନଂ. ୭/୨୫ ) ରୁଜୁ କରିଛି।

## ୨୦୩୬ ସୁଦ୍ଧା ଓଡ଼ିଶା ଏକ ବିକଶିତ ରାଜ୍ୟ ହେବ


କେନ୍ଦ୍ରାପଡ଼ା ଜିଲା ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ କାର୍ଯ୍ୟକ୍ରମରେ ଗୁରୁବାର ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଓ ଅନ୍ୟମାନେ।

**କେନ୍ଦ୍ରାପଡ଼ା, ୨୪।୪ (ଜଗନ୍ନାଥ ଧଳ)**

ଚଳିତ ଭାଜପା ସରକାର ଲୋକମାନଙ୍କର। ରାଜ୍ୟର ସାମଗ୍ରିକ ବିକାଶ ପାଇଁ ଲକ୍ଷ୍ୟ ରହିଛି। ୨୦୩୬ ମସିହା ସୁଦ୍ଧା ଓଡ଼ିଶା ଏକ ବିକଶିତ ରାଜ୍ୟ ହେବ ବୋଲି ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ଅବସରରେ ଗୁରୁବାର ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମତ ଦେଇଛନ୍ତି। ଏହି ଜିଲାସ୍ତରୀୟ କାର୍ଯ୍ୟକ୍ରମ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳ ପଡ଼ିଆରେ ଆୟୋଜିତ ହୋଇଥିଲା। ଅତିରିକ୍ତ ଜିଲାପାଳ ନିଲୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ରାଜସ୍ୱ ମନ୍ତ୍ରୀ ପୂଜାରୀ ଯୋଗଦେଇଥିଲେ। ସେ କହିଥିଲେ, ଲୋକତନ୍ତ୍ରରେ ପଞ୍ଚାୟତିରାଜ ଗୁରୁତ୍ୱପୂର୍ଣ୍ଣ। କ୍ଷମତାର ବିକେନ୍ଦ୍ରୀକରଣ ପାଇଁ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାର ସୁଫଳ ତୃଣମୂଳସ୍ତରରେ ପହଞ୍ଚିପାରୁଛି। ସବୁଠାରୁ ପଛରେ ରହୁଥିବା ଲୋକଙ୍କ ନିକଟରେ ସରକାର ପହଞ୍ଚୁଛନ୍ତି। ସେମାନଙ୍କ ସମସ୍ୟାର ସମାଧାନ କରୁଛି। ଆଗାମୀ ୪ ବର୍ଷ ମଧ୍ୟରେ ସମସ୍ତ ଭୂମିହୀନଙ୍କୁ ୪ ଡିସିମିଲ ଜାଗା ଦିଆଯିବା ଲକ୍ଷ୍ୟ ରହିଛି। ସେହିପରି ଜବରଦଖଲ ସ୍ଥାନରୁ ଜବରଦଖଲକାରୀଙ୍କୁ ହଟାଯିବା ପାଇଁ ପ୍ରତ୍ୟେକ ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ୨୦୩୬ରେ ଆମେ ବିକଶିତ ରାଜ୍ୟରେ ରହିଥିବା ବୋଲି ମନ୍ତ୍ରୀ ପୂଜାରୀ ମତ ରଖିଥିଲେ। ଏହି ଅବସରରେ ଇ-ପଞ୍ଚାୟତ ସଭା ଓ ପିପିଏମ୍‌ଏସ୍ ପୋର୍ଟାଲ ଉନ୍ମୋଚନ, ପଞ୍ଚାୟତ ମନିଟରିଂ ସିଷ୍ଟମ୍ ଆରମ୍ଭ କରାଯାଇଥିଲା। ଏଥିସହ ହିତାଧିକାରୀଙ୍କୁ ଖାଦ୍ୟ ସୁରକ୍ଷା କାର୍ଡ ଓ ବାସଗୃହ କାର୍ଯ୍ୟାଦେଶ ବଣ୍ଟନ ହୋଇଥିଲା। ଜିଲାର ୩ଟି ବ୍ଲକର ୨୧ଟି ପଞ୍ଚାୟତକୁ ସ୍ୱଚ୍ଛତା ପୁରସ୍କାର ବଣ୍ଟନ କରାଯାଇଛି। ସଭାରେ ମହାକାଳପଡ଼ା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ, ଜିଲା ପରିଷଦ ସଭାପତି ଲଳିତା ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସଭା ପୂର୍ବରୁ ଜମ୍ମୁ-କଶ୍ମୀରର ପହଲଗାମ୍‌ଠାରେ ଆତଙ୍କବାଦୀଙ୍କ ଗୁଳିମାଡ଼ରେ ପ୍ରାଣ ହରାଇଥିବା ପର୍ଯ୍ୟଟକଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ସହ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୧ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।

## ୪ ରାଜସ୍ୱ ମୌଜାରେ ଘରୋଇ ଜମି ବିକ୍ରି ବନ୍ଦ

- କାର୍ଯ୍ୟାଳୟରେ ଝୁଲିଲା, ଜମି ଅଧିଗ୍ରହଣ ପାଇଁ ନୋଟିସ
- ବୃହତ୍ ଷ୍ଟିଲ୍ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାରଙ୍କ ତତ୍ପରତା
- ଜିଲା ପ୍ରଶାସନ ପକ୍ଷରୁ ଶୁକ୍ରବାର ୩ ପଞ୍ଚାୟତରେ ମାଇକ୍ ପ୍ରଚାର

**ମହାକାଳପଡ଼ା, ୨୪।୪(ପ୍ରତାପ ଚନ୍ଦ୍ର ସ୍ୱାଇଁ):**


ଓଡିଶା ସରକାର
ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
****
ଅଧିସୂଚନା

No. RDM-LAA-KPD-0014-2024- 12821 /R&DM, dated 04 APR 2025

ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ କେନ୍ଦ୍ରାପଡ଼ା ଜିଲ୍ଲାର ଆର୍ସେଲର ମିତ୍ତଲ ନିପନ ଷ୍ଟିଲ ଇଣ୍ଡିଆ (AMNSI) ପ୍ରା.ଲି. ଦ୍ୱାରା ବାର୍ଷିକ ୨୪ ମେଟ୍ରିକ ଟନ ଇସ୍ପାତ କାରଖାନା ପ୍ରକଳ୍ପ ପ୍ରତିଷ୍ଠା ନିମନ୍ତେ ଓଡିଶା ଶିଳ୍ପ ଭିତ୍ତିଭୂମି ଉନ୍ନୟନ ନିଗମ ଦ୍ୱାରା ମୌଜା-ନିପାଣିଆ, ତହସିଲ-ମହାକାଳପଡା, ଜିଲ୍ଲା- କେନ୍ଦ୍ରାପଡା ରେ ନିମ୍ନ ତଫସିଲ ମତେ ପ୍ରାୟ ଏ. ୪୮.୭୬୪ଡି. ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR &R Act, 2013) ର ୧୧(୧) ଧାରା ରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀ ରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ଧାରା ୧୧(୧) ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ରାମନଗର ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟରେ ଜମି ଅଧିଗ୍ରହଣ ପାଇଁ ନୋଟିସ ବୋର୍ଡରେ ଝୁଲୁଛି।

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ୍‌ରେ ବୃହତ୍ ଷ୍ଟିଲ୍ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଚିଠି ନଂ. ୧୨୮୨୧/୪।୪।୨୫ରେ ଉଲ୍ଲେଖ ରହିଛି। ଏଥିପାଇଁ ରାଜସ୍ୱ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ୪ ରାଜସ୍ୱ ମୌଜାରେ ଘରୋଇ ଜମି ବିକ୍ରିକୁ ବନ୍ଦ କରାଯାଇଛି। ଏ ସମ୍ପର୍କରେ ପଞ୍ଚାୟତ କାର୍ଯ୍ୟାଳୟରେ ଜମି ଅଧିଗ୍ରହଣ ଲାଗି ନୋଟିସ ଝୁଲାଯାଇଛି। ଏଥିସହ ଜିଲା ପ୍ରଶାସନ ପକ୍ଷରୁ ଶୁକ୍ରବାରଠାରୁ ୩ ପଞ୍ଚାୟତରେ ମାଇକ୍ ଯୋଗେ ପ୍ରଚାର କରାଯିବ ବୋଲି ଜଣାପଡ଼ିଛି।

ପୂର୍ବ ସରକାରଙ୍କ ସମୟରେ ୩ ରାଜସ୍ୱ ମୌଜାର ରାମନଗର, ଖରିନାସୀ, ବଡିଘର ପଞ୍ଚାୟତରେ ଜମି ଅଧିଗ୍ରହଣ ପାଇଁ ଗ୍ରାମ୍ୟ ଜନଶୁଣାଣି ଶିବିର ଆୟୋଜନ କରାଯାଇଥିଲା। ସରକାର ବଦଳିବା ପରେ ବୃହତ୍ ଇସ୍ପାତ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଆଶା ଓ ଆଶଙ୍କା ପ୍ରକାଶ ପାଇଥିଲା। ହେଲେ ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗ ପକ୍ଷରୁ ଜିଲାର ମହାକାଳପଡ଼ା ବ୍ଲକ୍‌ର ନିପାଣିଆ, ଖରିନାସୀ, ରାମନଗର ଓ ବନବିହାରୀପୁର ରାଜସ୍ୱ ମୌଜାର ଘରୋଇ ଜମି ଅଧିଗ୍ରହଣ ପାଇଁ ନୋଟିସ ଜାରି କରାଯାଇଛି। ଏହି ଗ୍ରାମର ଘରୋଇ ଜମି ଅଧିଗ୍ରହଣ ପାଇଁ ୬୦ ଦିନ ମଧ୍ୟରେ ଯାହା ଅଭିଯୋଗ ଅଛି ତାହା ଜିଲା ପ୍ରଶାସନ ନିକଟରେ ତୁରନ୍ତ ଲିଖିତ ଅଭିଯୋଗ କରିପାରିବେ ବୋଲି ଚିଠିରେ ଉଲ୍ଲେଖ ରହିଛି। ଅପରପକ୍ଷରେ ଏହି ୪ ରାଜସ୍ୱ ଗ୍ରାମରେ ଘରୋଇ ଜମି ବିକ୍ରି ବଟା ପାଇଁ ପ୍ରଶାସନ ପକ୍ଷରୁ ବନ୍ଦ କରାଯାଇଛି। ତେବେ ପୁନର୍ବାସ ଓ ଥଇଥାନ ସ୍ୱଚ୍ଛତା ଆଇନ ୨୦୧୩ ର ଧାରା ୧୧ (୧) ଜମି ଅଧିଗ୍ରହଣ ଆଇନ ଅନୁସାରେ ସମ୍ପୃକ୍ତ ରାଜସ୍ୱ ଗ୍ରାମ ରେ ଘରୋଇ ଜମି ଅଧିଗ୍ରହଣ କରାଯିବ ବୋଲି କୁହାଯାଇଛି। ସେହିପରି ନିପାଣିଆ ରାଜସ୍ୱ ଗ୍ରାମର ୪୮ ଏକର ୭୬୪ ଡିସିମିଲ, ଖରିନାସୀ ରାଜସ୍ୱ ଗ୍ରାମର ୧୫୦ ଏକର ୯୨୩ ଡିସିମିଲ, ରାମନଗର ରାଜସ୍ୱ ଗ୍ରାମର ୨୫୦ ଏକର ୨୮୩ ଡିସିମିଲ ଓ ବନବିହାରୀପୁର ରାଜସ୍ୱ ଗ୍ରାମର ୩୧୧ ଏକର ୩୩୫ ଡିସିମିଲ ଜମିକୁ ରାଜ୍ୟ ସରକାରଙ୍କ ଶିଳ୍ପ ଭିତ୍ତିଭୂମି ଉନ୍ନୟନ ନିଗମ ଅଧିଗ୍ରହଣ କରିବ ବୋଲି ଚିଠିରେ ଉଲ୍ଲେଖ ରହିଛି। ସେହିପରି ବାର୍ଷିକ ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ୍ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ୨୪ ମେଟ୍ରିକ୍ ଟନ୍ ଇସ୍ପାତ ଉତ୍ପାଦନ କରିବ ବୋଲି କୁହାଯାଇଛି। ଏହି ପ୍ରକଳ୍ପ ସମ୍ବନ୍ଧିତ ବିବରଣୀ ଅନୁସାରେ ସାର୍ବଜନିନ ଉଲ୍ଲେଖ ସ୍ୱରୂପ, ଜମି ଆବଶ୍ୟକ କରୁଥିବା ଶିଳ୍ପସଂସ୍ଥାର ନାମ, କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପିତ ଆବଶ୍ୟକକାରୀ, ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ, ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସନର ବିବରଣୀ ଉଲ୍ଲେଖ ରହିଛି ବୋଲି କୁହାଯାଇଛି। ଅପରପକ୍ଷରେ ଏହି ୪ଟି ରାଜସ୍ୱ ଗ୍ରାମରେ ମେଗା ଷ୍ଟିଲ୍ ପ୍ଲାଣ୍ଟ ପ୍ରତିଷ୍ଠା ହେବ ବୋଲି ଆଶା ସଞ୍ଚାର ହୋଇଛି ବୋଲି ବୁଦ୍ଧିଜୀବୀ ମହଲରେ ସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ଜିଲା ସ୍ୱତନ୍ତ୍ର ଭୂଅର୍ଜନ ଜମି ଅଧିଗ୍ରହଣ ଅଧିକାରୀ ଅଶୋକ କୁମାର ଦାସଙ୍କୁ ପଚାରିବାରେ ଗୁରୁବାର ବ୍ଲକ୍, ତହସିଲ, ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଓ ୩ ପଞ୍ଚାୟତର ସରପଞ୍ଚଙ୍କୁ ନୋଟିସ ଜାରି କରାଯାଇଛି। ଏହି ନୋଟିସ ସମ୍ପୃକ୍ତ କାର୍ଯ୍ୟାଳୟ ନୋଟିସ ବୋର୍ଡରେ ଝୁଲାଇ ଦିଆଯାଇଛି। ଶୁକ୍ରବାର ପୂର୍ବାହ୍ନରେ ରାମନଗର ଓ ବଡିଘର ପଞ୍ଚାୟତରେ ମାଇକ୍ ପ୍ରଚାରପ୍ରସାର କରି ସଚେତନ ପାଇଁ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା ଗ୍ରହଣ କରାଯାଇଛି ବୋଲି ସେ କହିଛନ୍ତି।

# ଜିଲ୍ଲାସ୍ତରୀୟ ପଞ୍ଚାୟତିରାଜ ଦିବସରେ ଉତ୍ତେଜନା

**ନୟାଗଡ଼,୨୪।୪(ଲୋକନାଥ ମିଶ୍ର)**

ରାଜ୍ୟରେ ପଞ୍ଚାୟତିରାଜ୍ ଦିବସକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁରୀଠାରେ ଉଦ୍‌ଘାଟନ କରିଥିଲେ। ରାଜ୍ୟସ୍ତରୀୟ ଦିବସକୁ ସିଧା ପ୍ରସାରଣ କରାଯାଇଥିବା ବେଳେ ନୟାଗଡ଼ରେ ଜିଲାସ୍ତରୀୟ ପଞ୍ଚାୟତ ରାଜ୍ ଦିବସ ସମାରୋହ ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ଶିଳ୍ପ, ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କନ୍ଧମାଳ ଏମ୍‌ପି ସୁକାନ୍ତ କୁମାର ପାଣିଗ୍ରାହୀ, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ୍ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ନୟାଗଡ଼ ଜିଲାସ୍ତରୀୟ ପଞ୍ଚାୟତିରାଜ ଦିବସରେ ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ୱଳନ କରାଯିବା ପରେ ପରେ ପରେ ଜମ୍ମୁ କଶ୍ମୀରର ପହଲଗାମଠାରେ ଘଟିଥିବା ହତ୍ୟା ଘଟଣା ପାଇଁ ସମୂହ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ଶିଳ୍ପ, ଦକ୍ଷତା ବିକାଶ ମନ୍ତ୍ରୀ ୧୫ ହିତାଧିକାରୀଙ୍କୁ ନୂଆ ରାଶନକାର୍ଡ ବାଣ୍ଟିଥିଲେ। ପରେ ଅନ୍ୟ ଅତିଥିମାନେ ୨୨ ରାଶନକାର୍ଡ ବାଣ୍ଟିଥିଲେ। ରାଶନକାର୍ଡ

## ରାଶନ କାର୍ଡ ନ ମିଳିବାରୁ ୩ ହିତାଧିକାରୀଙ୍କ ପାଟିତୁଣ୍ଡ, ହୋହାଲ୍ଲା



କାର୍ଡ ପାଇ ନ ଥିବା ହିତାଧିକାରୀ ପାଟିତୁଣ୍ଡ କରୁଛନ୍ତି।

ବାଣ୍ଟିବା ପରେ ୩ଜଣ ହିତାଧିକାରୀ କାହିଁକି ଆମ୍ଭକୁ ନୂଆ ରାଶନ କାର୍ଡ ଦିଆଗଲାନି ଦର୍ଶାଇ ମଞ୍ଚ ଉପରେ ହୋହାଲା,ପାଟିତୁଣ୍ଡ କରିଥିଲେ। ଏଣୁ ପ୍ରାୟ ୧୦ ମିନିଟ୍‌ଧରି ମଞ୍ଚରେ ଉତ୍ତେଜନା ଦେଖା ଦେଇଥିଲା। ମନ୍ତ୍ରୀ ଓ ପୋଲିସ ବୁଝାଶୁଝା କରି ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିଥିଲେ। ମଞ୍ଚରେ ଗଣ୍ଡଗୋଳ ଓ ପାଟିତୁଣ୍ଡ କରିଥିବା ହିତାଧିକାରୀ କିପରି ନୂଆ ରାଶନକାର୍ଡ ପାଇବେ ସେନେଇ ବ୍ୟବସ୍ଥା କରିବାକୁ ବିଡିଓ ଓ ଜିଲା ଯୋଗାଣ ଅଧିକାରୀଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ।

ମନ୍ତ୍ରୀ ଅଭିଭାଷଣରେ କହିଲେ କ୍ଷମତାକୁ ବିକେନ୍ଦ୍ରୀକରଣ ଓ ଗ୍ରାମର ବିକାଶ ହେଲେ ଓଡ଼ିଶାର ବିକାଶ ସମ୍ଭବ। ଜୀବନଶୈଳୀରେ ଉନ୍ନତି ପାଇଁ ପଞ୍ଚାୟତକୁ ପ୍ରାଧାନ୍ୟ ଦେବା ପାଇଁ ସେ ଗୁରୁତ୍ୱାରୋପ କରିଥିଲେ। ଭାରତର ଆତ୍ମା ଗାଁରେ ଅଛି। ତେଣୁ ମହିଳାମାନଙ୍କୁ ଆତ୍ମନିର୍ଭର ଏବଂ ଲୋକାଭିମୁଖୀ କରିବାକୁ ହେବ

- ଶିଳ୍ପମନ୍ତ୍ରୀଙ୍କ ହସ୍ତକ୍ଷେପ ପରେ ବିବାଦ ଥମିଲା
- ୨୩୧ ହିତାଧିକାରୀ ପାଇଲେ ନୂଆ ରାଶନ କାର୍ଡ
- ପ୍ରଥମ ପର୍ଯ୍ୟାୟରେ ବଣ୍ଟନ ହେବ ୮ ହଜାର ୮୬୧କାର୍ଡ

ବୋଲି ସେ ମତବ୍ୟକ୍ତ କରିଥିଲେ। ଜିଲାପାଳ କହିଥିଲେ ଜିଲାରେ ୨୦୨୩-୨୪ ଆର୍ଥିକ ବର୍ଷରେ ୧୩ ଲକ୍ଷ କୁଇଣ୍ଟାଲ ଧାନ କିଣା ଯାଇଥିବାବେଳେ ୨୦୨୪-୨୫ରେ ୧୬.୯୩ ଲକ୍ଷ କୁଇଣ୍ଟାଲ ଧାନ କିଣା ହୋଇଛି। ୨୦୨୩-୨୪ରେ ୩୭ ହଜାର କୃଷକ ଧାନ ବିକ୍ରୀ କରିଥିବାବେଳେ ୨୦୨୪-୨୫ରେ ୫୧ ହଜାର ୬୮୨ ଚାଷୀ ଧାନ ବିକି ଛନ୍ତି। ଗତ ବର୍ଷ ତୁଳନାରେ ୩୦.୨୬ ପ୍ରତିଶତ ଅଧିକ ଧାନ କିଣା ହୋଇଥିବାବେଳେ ୩୯.୬୯ ପ୍ରତିଶତ କୃଷକଙ୍କ ସଂଖ୍ୟା ବଢ଼ିଛି ବୋଲି କହିଛନ୍ତି। ଅନ୍ୟପକ୍ଷେ ଜିଲାରେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ୭ ଲକ୍ଷ ୩୫ହଜାର ୭୯୦ ଜଣ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ୪ ହଜାର ୭୯୯ ଏପରି ମୋଟରେ ୭ ଲକ୍ଷ ୪୦ ହଜାର ୫୮୯ ଜଣ ହିତାଧିକାରୀ ଅଛନ୍ତି। ସରକାର ୮ ହଜାର ୮୬୧ ନୂଆ ରାଶନ କାର୍ଡ ବାଣ୍ଟିବାକୁ ନିଷ୍ପତ୍ତି ନେଇଛନ୍ତି। ଏ ଅବସରରେ ଜିଲା ଓ ବ୍ଲକ ପଞ୍ଚାୟତିରାଜ ଦିବସରେ ୨୩୧ କାର୍ଡ ବଣ୍ଟନ ହୋଇଛି। ନୟାଗଡ଼ ବ୍ଲକରେ ୩୭, ନୂଆଗାଁ ବ୍ଲକରେ ୧୪, ଗଣିଆ ବ୍ଲକରେ ୨୯, ଖଣ୍ଡପଡା ବ୍ଲକରେ ୨୮, ଖଣ୍ଡପଡା ଏନଏସରେ ୩, ଦଶପଲ୍ଲା ବ୍ଲକରେ ୪୯, ଭାପୁର ବ୍ଲକରେ ୧୬, ରଣପୁର ବ୍ଲକରେ ୫୫ କାର୍ଡ ବଣ୍ଟନ ହୋଇଛି। ଅବଶିଷ୍ଟ କାର୍ଡ ପରବର୍ତ୍ତୀ ପର୍ଯ୍ୟାୟରେ ବଣ୍ଟନ ହେବ ବୋଲି ଜିଲାପାଳ କହିଛନ୍ତି। ସେହିପରି ମଞ୍ଚରେ ଅନ୍ୟବକ୍ତାମାନେ ପଞ୍ଚାୟତିରାଜ ଦିବସ ଉପରେ ଟିପ୍ପଣୀ ଦେଇଥିଲେ। ମଞ୍ଚରେ ପାଟିତୁଣ୍ଡ ଓ ହୋହାଲା ନେଇ ଜିଲା ଯୋଗାଣ ଅଧିକାରୀ ବ୍ରଜେନ୍ଦ୍ର କୁମାର ମହାନ୍ତି କହିଥିଲେସବୁ ହିତାଧିକାରୀଙ୍କୁ ଗୋଟିଏ ଦିନରେ କାର୍ଡ ବଣ୍ଟନ କରାଯାଇ ପାରିବ ନାହିଁ। ଆଜି ରାଶନ କାର୍ଡ ବଣ୍ଟନର ଶୁଭାରମ୍ଭ ଥିବାରୁ କେତେଜଣ ନିର୍ଦ୍ଦିଷ୍ଟ ଲୋକଙ୍କୁ ଚୟନ କରାଯାଇ ଡକାଯାଇଥିଲା। ଯେଉଁ ହିତାଧିକାରୀ ମଞ୍ଚରେ ହୋହାଲା ପାଟିତୁଣ୍ଡ କରିଛନ୍ତି ସେମାନଙ୍କୁ ରାଶନକାର୍ଡ ବଣ୍ଟନ ପାଇଁ ଆସିବାକୁ କୁହା ଯାଇ ନ ଥିଲା ବୋଲି କହିଛନ୍ତି। ଆମେ ଅବଶିଷ୍ଟ ରାଶନକାର୍ଡକୁ ଖୁବଶୀଘ୍ର ବାଣ୍ଟିଦେବୁ ବୋଲି କହିଛନ୍ତି।

# ଆମ୍ବଗଛ ପଡ଼ି ରାସ୍ତା ଅବରୋଧ, ଅଟକି ରହିଲା ଆମ୍ବୁଲାନ୍ସ

**ଗଣିଆ,୨୪।୪**
**(ସନ୍ତୋଷ କୁମାର ପ୍ରଧାନ)**

ବର୍ଷା ପବନ ନ ଥାଇ ନୟାଗଡ଼ ଜିଲା ଗଣିଆ-ଛାମୁଣ୍ଡିଆ ରାସ୍ତାର ମଣିଭଦ୍ରାଠାରେ ହଠାତ ଏକ ବିରାଟ ଆମ୍ବଗଛ ଭାଙ୍ଗି ପଡିଲା। ଆମ୍ବଗଛ ଡାଳ ପଡି ଗଣିଆ-ଛାମୁଣ୍ଡିଆ ଦେଇ ଯାଇଥିବା ବିଦ୍ୟୁତ୍ ତାର ଛିଣ୍ଡି ପଡିଲା। ଫଳରେ ୧ ଘଣ୍ଟା ଧରି ସେହି ରାସ୍ତାରେ ଯାତାୟତ ବନ୍ଦ ହୋଇଯାଇଥିଲା। ଏହି ସମୟରେ ଛାମୁଣ୍ଡିଆ ପାର୍ଶ୍ୱ ଦେଇ ଯାଉଥିବା ଏକ ଆମ୍ବୁଲାନ୍ସ ବହୁ ସମୟ ଧରି ରାସ୍ତାରେ ଅଟକି ରହିଥିବା ଦେଖିବାକୁ ମିଳିଥିଲା। ଆମ୍ବଗଛ ପଡିବାର କିଛି ସମୟ ପୂର୍ବରୁ ସେହି ରାସ୍ତାରେ ଯାତାୟତ କରୁଥିବା ୨ଜଣ ଯାତ୍ରୀ ଅଳ୍ପକେ ବର୍ତ୍ତି ଯାଇଥିଲେ। ସେମାନଙ୍କଠାରୁ ଖବରପାଇ ଗଣିଆ ଅଗ୍ନିଶମ ବିଭାଗ କର୍ମଚାରୀ ଓ ବିଦ୍ୟୁତ୍ ବିଭାଗ କର୍ମଚାରୀମାନେ ପହଞ୍ଚି ରାସ୍ତାରୁ ଆମ୍ବଗଛକୁ କାଟି ରାସ୍ତା ସଫା କରିବା ସହ ତାର ଟାଣି ବିଦ୍ୟୁତ୍ ସଂଯୋଗ କରିଥିଲେ।



ଗଛ ଭାଙ୍ଗି ରାସ୍ତାରେ ପଡ଼ିଥିବାରୁ ଆମ୍ବୁଲାନ୍ସ ଅଟକି ରହିଛି।

# ଗଣିଆରୁ ରଥକାଠ ପୁରୀ ପଠାଗଲା



ସଂକୀର୍ତ୍ତନ ମଣ୍ଡଳୀ ରଥକାଠ ବୋଝେଇ ଟ୍ରକ ସମ୍ମୁଖରେ ସଂକୀର୍ତ୍ତନ କରୁଛନ୍ତି।

**ଗଣିଆ,୨୪।୪(ସନ୍ତୋଷ କୁମାର ପ୍ରଧାନ)**

ମହାପ୍ରଭୁଙ୍କ ଘୋଷଯାତ୍ରା ପାଇଁ ନୟାଗଡ଼ ଜିଲା ଗଣିଆରୁ ରଥକାଠ ପୁରୀକୁ ଗୁରୁବାର ପଠାଯାଇଛି। ଏକ ଟ୍ରକରେ ୧୭୨ ଘନଫୁଟର ୧୦ ଖଣ୍ଡ ଫାଶୀ କାଠ ପୁରୀ ଯାଇଛି। ପୂର୍ବାହ୍ନରେ ଗଣିଆ ବନାଞ୍ଚଳ ଅଧିକାରୀ ସୁମନ ମାଝୀ, ବନପାଳ ମନୋଜ ପ୍ରଭାକର ସାହୁ ଓ ସନ୍ତୋଷ କୁମାର ନାୟକଙ୍କ ସମେତ ବନ କର୍ମଚାରୀ ଓ ସ୍ଥାନୀୟ ଲୋକମାନଙ୍କ ଉପସ୍ଥିତିରେ ଉକ୍ତ ରଥକାଠକୁ ପୂଜାର୍ଚ୍ଚନା କରାଯାଇଥିଲା। ସଂକୀର୍ତ୍ତନ ମଣ୍ଡଳୀ ସହିତ ରଥକାଠ ବୋଝେଇ ଟ୍ରକକୁ ଗଣିଆ ବନାଞ୍ଚଳ କାର୍ଯ୍ୟାଳୟ ସମ୍ମୁଖରୁ ଶୋଭାଯାତ୍ରାରେ ନିଆଯାଇଥିଲା। ରାସ୍ତାରେ କଳସ ବସାଯାଇ ଘଣ୍ଟ, ବାଦ୍ୟ ଓ ହୁଳହୁଳି ମଧ୍ୟରେ ସେହି ଟ୍ରକକୁ ପୁରୀ ଅଭିମୁଖେ ପଠାଯାଇଥିଲା। ଏହି ଅବସରରେ ବନବିଭାଗର ଅଧିକାରୀଙ୍କ ସହ ଗଣିଆ ଅଞ୍ଚଳର ଶ୍ରଦ୍ଧାଳୁମାନେ ଉପସ୍ଥିତ ଥିଲେ। ଜୟ ଜଗନ୍ନାଥ, ହରିବୋଲ ଓ ହୁଳହୁଳି ଧ୍ୱନୀରେ ସେହି ଅଞ୍ଚଳରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଗଣିଆ ବନାଞ୍ଚଳ ଅଧିକାରୀ ସୁମନ ମାଝୀଙ୍କ ତତ୍ତ୍ୱାବଧାନରେ ଗଣିଆ ରେଞ୍ଜ ସଂରକ୍ଷିତ ଜଙ୍ଗଲରୁ ଏହି କାଠ କଟାଯାଇଥିଲା।

# ଆତଙ୍କବାଦୀ ଆକ୍ରମଣରେ ମୃତକଙ୍କ ପାଇଁ ନୀରବ ପ୍ରାର୍ଥନା

**ନୟାଗଡ଼,୨୪।୪(ଲୋକନାଥ ମିଶ୍ର)**

ଜାମ୍ମୁକାଶ୍ମୀର ଆତଙ୍କବାଦୀଙ୍କ ଆକ୍ରମଣରେ ୨୬ ମୃତକଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ନୟାଗଡ ଜିଲା ଓକିଲ ସଂଘ ପକ୍ଷରୁ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିରେ ଜିଲା ଜଜ ଆନନ୍ଦ ନାରାୟଣ ମହାରଣା, ପୋକ୍‌ସୋ ଜଜ ମାନସ ରଞ୍ଜନ ପଣ୍ଡା, ଅତିରିକ୍ତ ଜିଲା ଜଜ ରିଜା ରାୟ, ଡିଏଲ୍‌ଏସ୍‌ଏ ସଚିବ ଅଞ୍ଜଳି ମଛଖଣ୍ଡ, ସିଭିଲ କୋର୍ଟ ରେଜିଷ୍ଟ୍ରାର ସୋନାଲି ସୁଚରିତାଙ୍କ ସମେତ ସମସ୍ତ ବିଚାରପତି, ଜିଲା ଓକିଲ ସଂଘ ସଭାପତି ରଣଜିତ ଦାଶ, ସମ୍ପାଦକ ସ୍ୱଦେଶ ମିଶ୍ରଙ୍କ ସମେତ ସଂଘର ସମସ୍ତ ଆଇନଜୀବୀ, ମୋହରିର, କୋର୍ଟ କର୍ମଚାରୀମାନେ ଉପସ୍ଥିତ ରହି ମୃତକମାନଙ୍କ ପାଇଁ ପ୍ରାର୍ଥନା କରିଥିଲେ।



ଆଇନଜୀବୀମାନେ ନୀରବ ପ୍ରାର୍ଥନା କରୁଛନ୍ତି।

# ପଥର ଖଣିରେ ବେଆଇନ ବ୍ଲାଷ୍ଟିଂ



ମାଣ୍ଡିଆ ରଗଡ଼ି ଖଣିରୁ ପଥର ଉତ୍ତୋଳନ କରାଯାଉଛି।

**ଖଣ୍ଡପଡ଼ା,୨୪।୪**
**(ଅଜୟ କୁମାର ମହାରଣା)**

- ଅବାଧରେ ଚାଲିଛି ପଥର ଚାଲାଣ
- ଚାଷ ଜମିରେ ପଡ଼ୁଛି ପଥର ଖଣ୍ଡ

ଖଣ୍ଡପଡ଼ା ତହସିଲ ଅଧୀନ କୁମ୍ଭାରପଡ଼ା ଗ୍ରାମସ୍ଥିତ ମାଣ୍ଡିଆ ରଗଡ଼ି ପଥର ଖଣିରୁ ସ୍ଥାନୀୟ କେତେଜଣ ବ୍ୟବସାୟୀ ବେଆଇନ ବ୍ଲାଷ୍ଟିଂ କରି ଖଣିଜ ସମ୍ପଦ ଲୁଟି ନେଉଥିବା ଅଭିଯୋଗ ହେଉଛି। ସଂପୃକ୍ତ ବ୍ୟକ୍ତିମାନେ କମ୍ପ୍ରେସର ମେଶିନ ଓ ଡିନାମାଇଟ ଲଗାଇ ପଥର ବ୍ଲାଷ୍ଟିଂ କରୁଥିବାରୁ ପ୍ରଚଣ୍ଡ ଶବ୍ଦ ସୃଷ୍ଟି ହେବା ସହ ଛୋଟବଡ ପଥରଖଣ୍ଡ ଏଣେତେଣେ ପଡୁଛି। ପାଖରେ ଥିବା ଚାଷଜମିରେ ସେହି ପଥରଗୁଣ୍ଡ ପଡ଼ିବା ଯୋଗୁ ଚାଷୀମାନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଉକ୍ତ ପଥରଖଣିରୁ ବେଆଇନ ପଥର ବ୍ଲାଷ୍ଟିଂ ବନ୍ଦ କରିବାକୁ ଅଞ୍ଚଳବାସୀ କୋସକା ରାଜସ୍ୱ ନୀରିକ୍ଷକଙ୍କଠାରୁ ଆରମ୍ଭ କରି ଖଣ୍ଡପଡ଼ା ତହସିଲର ଦୃଷ୍ଟି ଆକର୍ଷଣ କରିଥିଲେ। ହେଲେ ପ୍ରଶାସନ ପକ୍ଷରୁ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏହାକୁ ନେଇ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ପଥର ଖଣିକୁ ତହସିଲ ପକ୍ଷରୁ କାହାରିକୁ ନିଲାମ ସୂତ୍ରରେ ଦିଆଯାଇ ନାହିଁ। ଏହାର ସୁଯୋଗ ନେଇ ପଥର ବ୍ୟବସାୟୀମାନେ ବିଭିନ୍ନ ସମୟରେ ଖଣିଜ ସମ୍ପଦ ଚୋରା ଚାଲାଣ କରିବାରେ ସକ୍ଷମ ହେଉଛନ୍ତି। ଫଳରେ ରାଜ୍ୟ ସରକାର ଏ ବାବଦରେ ବିପୁଳ ପରିମାଣର ରାଜସ୍ୱ ହରାଉଛନ୍ତି। ଏଥିପ୍ରତି ରାଜସ୍ୱ ବିଭାଗ ଓ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

ସେଲ୍‌ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଦିଲୀପ



@ ଜ୍ୟୋତିପ୍ରସାଦ



@ ପୂଜା



@ ରାଜଲକ୍ଷ୍ମୀ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଅଂଶୁଘାତରେ ଯୁବକଙ୍କ ମୃତ୍ୟୁ ଅଭିଯୋଗ

**ରଣପୁର,୨୪।୪**
**(ସୁକାନ୍ତ କିଶୋର ଡାକୁଆ)**

**ନୟାଗଡ଼ ଜିଲାରେ ଚଳିତ ବର୍ଷ ପ୍ରଥମ ଘଟଣା**

ଗତ କିଛିଦିନ ହେବ ରାଜ୍ୟରେ ତାପମାତ୍ରା ବୃଦ୍ଧି ପାଇଛି। ରଣପୁରରେ ବିପାରଦ ବଢ଼ିଛି। ଗୁରୁବାର ରଣପୁର ବିଜ୍ଞାପିତ ଅଞ୍ଚଳର ୧ ନମ୍ବର ୱାର୍ଡକୁମ୍ଭାର ସାହିସାନଗଡ଼ର ରମେଶ ଚନ୍ଦ୍ର ପରିଡ଼ା(୩୯)ଙ୍କ ଅଂଶୁଘାତରେ ମୃତ୍ୟୁ ହୋଇଥିବା ଗ୍ରାମବାସୀ ଓ ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏନେଇ ରଣପୁର ଥାନାରେ ଅଭିଯୋଗ ପରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଶୁକ୍ରବାର ରମେଶଙ୍କ ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି। ପାଇପ୍ ମିସ୍ତ୍ରୀ ଭାବେ କାମ କରୁଥିବା ରମେଶ ଗୁରୁବାର ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅଧୀନ ଜାମୁସାହି ଗ୍ରାମକୁ ଯାଇଥିଲେ। ସେଠାରେ ପ୍ରବଳ ଖରାରେ ପାଇପ୍ କାମ କରୁଥିବା ବେଳେ ଅସୁସ୍ଥ ହୋଇପଡିଥିଲେ। ତାଙ୍କୁ ନୟାଗଡ଼ ଜିଲା ରଣପୁର ଥାନା ଅଧୀନ ସୁନାଖେଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ରମେଶଙ୍କ ୧୧ ବର୍ଷର ଗୋଟିଏ ପୁଅ ଓ ୩ ବର୍ଷର ଗୋଟିଏ ଝିଅ ଅଛନ୍ତି। ତାଙ୍କ ପରିବାରକୁ ସରକାରୀ ସହାୟତା ପ୍ରଦାନ ପାଇଁ ଦାବି ହୋଇଛି।

# ପଣସଖାଲ ଡ୍ୟାମ୍‌କୁ ମାଟି ପକାଇ ପୋତାଯାଉଛି

**ନୂଆଗାଁ,୨୪।୪ (ଧନେଶ୍ୱର ସାହୁ)**

- ଉଚ୍ଚସ୍ତରୀୟ ତଦନ୍ତ ଦାବି କଲେ ଶତାଧିକ ଚାଷୀ
- ମୁଖ୍ୟମନ୍ତ୍ରୀ,ବିଭାଗୀୟ ମନ୍ତ୍ରୀ ଓ ଅଧିକାରୀଙ୍କ ନିକଟରେ ଅଭିଯୋଗ
- କ୍ଷୁଦ୍ର ଜଳସେଚନ ବିଭାଗର ମନମାନି ପାଇଁ ଚାଷୀ ଅସନ୍ତୋଷ

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ବାହାଡ଼ାଖୋଲା ପଞ୍ଚାୟତ ଯଦୁପଲି ମୌଜାରେ ଥିବା କ୍ଷୁଦ୍ର ଜଳସେଚନ ବିଭାଗର ପଣସଖାଲ ଡ୍ୟାମର ବିଭିନ୍ନ କାର୍ଯ୍ୟର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି ସ୍ଥାନୀୟ ଚାଷୀମାନେ। ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ସମେତ ବିଭାଗୀୟ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ବିଭାଗୀୟ ମୁଖ୍ୟଯନ୍ତ୍ରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି।

ନୂଆଗାଁ ବ୍ଲକ ବାହାଡ଼ାଖୋଲା ପଞ୍ଚାୟତ ଘଡେଇବନ୍ଧ, ବନ୍ଧାମୁହିଁ, ଯଦୁପଲି ଆଦି ୫ ଗ୍ରାମର କୃଷକମାନଙ୍କ ଜମିରେ ପାଣି ମାଡିବା ସହ ନିତ୍ୟ ବ୍ୟବହାର ନିମନ୍ତେ ବାହାଡ଼ାଖୋଲା ପଞ୍ଚାୟତ ଯଦୁପଲି ମୌଜାରେ ପଣସଖାଲ ଡ୍ୟାମ ନିର୍ମାଣ କରାଯାଇଛି। ସ୍ଥାନୀୟ ଚାଷୀମାନଙ୍କ କହିବା ମୁତାବକ ଦୀର୍ଘ ୬୦ ବର୍ଷ ପୂର୍ବେ ପଣସଖାଲ ଡ୍ୟାମ ନିର୍ମାଣ କରାଯାଇ ତାହାର ରକ୍ଷଣାବେକ୍ଷଣ ଦାୟିତ୍ୱ ପାଣି ପଞ୍ଚାୟତକୁ ଦିଆଯାଇଥିଲା। ସେହି ସମୟରେ ସ୍ଥାନୀୟ ଲୋକ ଓ ଚାଷୀମାନେ ଡ୍ୟାମ୍‌ର ଉପକାର ପାଇ ପାରୁଥିଲେ। ୨୦୦୮ରେ ସରକାର ପାଣିପଞ୍ଚାୟତଠାରୁ ଦାୟିତ୍ୱ ଛଡାଇ ନେଇ କ୍ଷୁଦ୍ର ଜଳସେଚନ ବିଭାଗ ହାତରେ ଟେକି ଦେଇଥିଲେ। ତା'ପରଠାରୁ ଲୋକମାନେ ଡ୍ୟାମରୁ ସୁଫଳ ପାଇବାରୁ ବଞ୍ଚିତ ହେଉଛନ୍ତି। ବିଭାଗୀୟ ଅଧିକାରୀମାନଙ୍କୁ ହାତ କରି ସ୍ଥାନୀୟ ପ୍ରଭାବଶାଳୀ ବ୍ୟକ୍ତିମାନେ କାମ ବାହାନାରେ ପ୍ରତି ବର୍ଷ ଲକ୍ଷାଧିକ ଟଙ୍କା ଲାଭ ପାଉଛନ୍ତି। ଚାଷୀମାନଙ୍କୁ ଅଣଦେଖା କରି ନିର୍ଦ୍ଦିଷ୍ଟ ପ୍ରଭାବଶାଳୀ ଗୋଷ୍ଠୀ ଅଧିକାରୀଙ୍କୁ ହାତ କରି ସେଠାରେ ମାଛ ଚାଷ କରୁଛନ୍ତି। ଚାଷୀମାନେ ରାଜସ୍ୱ ବିଭାଗକୁ ଜଳକର



ପଣସଖାଲ ଡ୍ୟାମରେ ମାଟି ପୋତା ଯାଇଛି।

ଦେଉଥିଲେ ମଧ୍ୟ ଠିକ ସମୟରେ ପାଣି ପାଉ ନାହାନ୍ତି। ମାଛ ଚାଷୀମାନେ ମାଛ ଚାଷକୁ ଗୁରୁତ୍ୱ ଦେଇ ଡ୍ୟାମ୍‌ର ବିକାଶ କରିବା ବଦଳରେ ଡ୍ୟାମ୍ ଭିତରେ ମାଟି ପକାଇ ପୋତୁଥିବା ଅଭିଯୋଗ କରିଛନ୍ତି ଚାଷୀ। ଏପରିକି ବିଭାଗୀୟ ଯନ୍ତ୍ରୀଙ୍କୁ ହାତ କରି ଡ୍ୟାମ ମଧ୍ୟରେ ବେଆଇନ ଭାବେ ପୋଖରୀ ଖୋଳିଥିବା ଅଭିଯୋଗ ହୋଇଛି। ମାଛ ଚାଷୀ ଲାଭବାନ ହେବା ପାଇଁ ଡ୍ୟାମ୍‌ରେ କୁକୁଡା ମଳ ଓ ବିଭିନ୍ନ ରାସାୟନିକ ପଦାର୍ଥ ପ୍ରୟୋଗ କରୁଥିବାରୁ ସ୍ଥାନୀୟ ଲୋକେ ସେହି ପାଣିକୁ ବ୍ୟବହାର କରିପାରୁ ନାହାନ୍ତି। ଡ୍ୟାମର ଅନେକ ଜାଗା ଜବରଦଖଲକାରୀ ନିଜ ଅକ୍ତିଆରକୁ ନେଇ ଗଛ ଲଗାଇଥିଲେ ମଧ୍ୟ ସବୁ ଜାଣି ବିଭାଗୀୟ ଅଧିକାରୀ ନୀରବଦ୍ରଷ୍ଟା ସାଜିଛନ୍ତି। ଡ୍ୟାମର ବିକାଶ ପାଇଁ ପ୍ରତି ବର୍ଷ ଲକ୍ଷାଧିକ ଟଙ୍କା ଅନୁଦାନ ଆସୁଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ଓ ଠିକାଦାର ମିଳିମିଶି ନିମ୍ନମାନର କାମ କରି ଅର୍ଥ ହଡପ କରୁଛନ୍ତି। ତେଣୁ ଜିଲା ଅଧିକାରୀ ଉକ୍ତ ଅନିୟମିତତାରେ ସାମିଲ ଥିବାରୁ ଜିଲାସ୍ତରୀୟ ଅଧିକାରୀଙ୍କୁ ବାଦ୍ ଦେଇ ପଣସଖାଲ ଡ୍ୟାମର ସମସ୍ତ କାର୍ଯ୍ୟର ଏକ ଉଚ୍ଚସ୍ତରୀୟ ତଦନ୍ତ କରିବା ପାଇଁ ପଣସଖାଲ ଡ୍ୟାମର ଆଞ୍ଚଳିକ ୱାଟର ୟୁଜର୍ସ ଆସୋସିଏଶନର ସଂପାଦକ ବନମାଳି ସେଠୀଙ୍କ ସମେତ ସ୍ଥାନୀୟ ଚାଷୀମାନେ ଦାବି କରିଛନ୍ତି। ଏ ନେଇ ପ୍ରାୟ ଶହେରୁ ଊର୍ଦ୍ଧ୍ୱ ଚାଷୀଙ୍କ ଦସ୍ତଖତ ଥାଇ ଏକ ଅଭିଯୋଗ ପତ୍ର ମୁଖ୍ୟମନ୍ତ୍ରୀ, ଜଳ ସମ୍ପଦ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, କ୍ଷୁଦ୍ର ଜଳସେଚନ ବିଭାଗ ମୁଖ୍ୟଯନ୍ତ୍ରୀଙ୍କୁ ଡାକ ଯୋଗେ ପ୍ରେରଣ କରିଛନ୍ତି। ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ସେମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଅଭିଯୋଗ ବାବଦରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ନିବେଦିତା ନାଥଙ୍କୁ ପଚାରିବାରେ ପଣସଖାଲ ଡ୍ୟାମରେ କୌଣସି ଅନିୟମିତତା ହୋଇ ନ ଥିବା କହିଛନ୍ତି।

# ସୁରକ୍ଷା, ଗୋଇନ୍ଦା ବିଫଳତାକୁ ନେଇ ପ୍ରଶ୍ନ ଉଠାଇଲେ ବିରୋଧୀ

**ପହଲଗାମ୍ ଆକ୍ରମଣ**

ନୂଆଦିଲ୍ଲୀ,୨୪।୪

ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣ ଘଟଣାରେ ଦେଶର ସୁରକ୍ଷା ବ୍ୟବସ୍ଥା ଏବଂ ଗୋଇନ୍ଦା ବିଫଳତାକୁ ନେଇ କଂଗ୍ରେସ ଏବଂ ଶିବସେନା(ୟୁବିଟି) ଗମ୍ଭୀର ପ୍ରଶ୍ନ ଉଠାଇଛନ୍ତି। ସୁରକ୍ଷା ବିଫଳତା ଏବଂ ଗୋଇନ୍ଦା ବ୍ୟବସ୍ଥାରେ ତ୍ରୁଟି କାରଣରୁ ଏଭଳି ଆକ୍ରମଣ ଘଟିଲା ବୋଲି କଂଗ୍ରେସ କାର୍ଯ୍ୟକରୀ କମିଟି (ସିଡବ୍ଲ୍ୟୁସି) କହିବା ସହ ଏଥିପାଇଁ କେନ୍ଦ୍ର ସରକାରଙ୍କୁ ଦାୟୀ କରିଛି। ଆତଙ୍କବାଦୀମାନେ ଜାଣିଶୁଣି ହିନ୍ଦୁମାନଙ୍କୁ ଟାର୍ଗେଟ କରି ସାମ୍ପ୍ରଦାୟିକ ଭାବନାକୁ ଉସୁକାଇଥିବାରୁ ଏହାକୁ ନିନ୍ଦାକରି ସିଡବ୍ଲ୍ୟୁସି ବୈଠକରେ ଏକ ପ୍ରସ୍ତାବ ଗୃହୀତ ହୋଇଛି।

ଆତଙ୍କବାଦୀଙ୍କ ଟାର୍ଗେଟରେ ଥିବା ସ୍ଥାନଗୁଡ଼ିକରେ ସାଧାରଣତଃ କଡ଼ା ସୁରକ୍ଷା ବ୍ୟବସ୍ଥା ରହିଥାଏ। ପହଲଗାମ୍ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟଟନ ସ୍ଥଳରେ, ଯେଉଁଠି ସବୁବେଳେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଥାଏ, ସେଦିନ ତାହା ନ ଥିଲା କାହିଁକି ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ଗୁଲାମ ଅହମଦ ମିର୍ ପ୍ରଶ୍ନ କରିଛନ୍ତି। ପର୍ଯ୍ୟଟକଙ୍କ ସର୍ବାଧିକ ଗହଳି ସମୟରେ ଏଭଳି ଢିଲା ସୁରକ୍ଷା ଏବଂ ଗୋଇନ୍ଦା ବିଫଳତା ଆଶା କରାଯାଉ ନ ଥିଲା। ଏ ନେଇ ସାଧାରଣ ନାଗରିକଙ୍କ ମନରେ ଯେଉଁ ପ୍ରଶ୍ନ ଉଠୁଛି, ସରକାରଙ୍କୁ ତାହାର ଜବାବ ଦେବାକୁ ପଡ଼ିବ ବୋଲି ଜମ୍ମୁ-କଶ୍ମୀର ବିଧାନସଭାରେ କଂଗ୍ରେସ ବିଧାୟକ ଦଳ ନେତା ମିର୍ କହିଛନ୍ତି।

ସେହିପରି ଶିବସେନା(ୟୁବିଟି) ଅନୁରୂପ ପ୍ରଶ୍ନ ଉଠାଇବା ସହ ସରକାର ଉତ୍ତରଦାୟୀ ରହିବାକୁ ଦାବି କରିଛି। ସର୍ବଦଳୀୟ ବୈଠକ ପୂର୍ବରୁ ଶିବସେନା(ୟୁବିଟି) ନେତା ଅରବିନ୍ଦ ସାୱନ୍ତ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁଙ୍କୁ ପତ୍ର ଲେଖି ସେ ଏବଂ ସଞ୍ଜୟ ରାଉତ ଏହି ବୈଠକରେ ଯୋଗଦେଇପାରିବେ ନାହିଁ ବୋଲି ଜଣାଇଥିଲେ। ଆକ୍ରମଣ ଘଟଣାରେ ସରକାର କୌଣସି ଦୃଢ଼ ନିଷ୍ପତ୍ତି ନେବା ପୂର୍ବରୁ ସମର୍ଥନ ହାସଲର ଏକ ମାଧ୍ୟମ ଭାବେ ଏହି ବୈଠକ ଡାକିଥିବା ଜଣାପଡୁଛି। କାହିଁକି ଏବଂ କିପରି ଏହି ଆକ୍ରମଣ ଘଟିଲା ଏବଂ ଗୋଇନ୍ଦା ବିଫଳତାକୁ ନେଇ ଉଠିଥିବା ପ୍ରଶ୍ନର ଉତ୍ତର ସରକାର ପ୍ରଥମେ ଦିଅନ୍ତୁ ବୋଲି ସାୱନ୍ତ କହିଛନ୍ତି।

# ଏପ୍ରିଲ ୨୪ରେ ପଞ୍ଚାୟତିରାଜ ଦିବସ ପାଳନ ଓଡ଼ିଆ ଅସ୍ମିତା ପ୍ରତି କୁଠାରାଘାତ: ବିଜେଡି

ଭୁବନେଶ୍ୱର, ୨୪।୪(ସୁନିତ୍ ମିଶ୍ର)

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜନ୍ମଦିବସ ଅର୍ଥାତ୍ ମାର୍ଚ୍ଚ ୫ ପରିବର୍ତ୍ତେ ଏପ୍ରିଲ ୨୪ରେ ରାଜ୍ୟରେ ପ୍ରଥମ ଥର ପାଇଁ ପଞ୍ଚାୟତିରାଜ ଦିବସ ପାଳନ ହୋଇଛି। ବିଜେଡି ଏହାକୁ ବିଜୁ ପଟ୍ଟନାୟକଙ୍କ ପ୍ରତିଅସମ୍ମାନ ଓ ଓଡ଼ିଆ ଅସ୍ମିତା ପ୍ରତି କୁଠାରାଘାତ ବୋଲି ଅଭିହିତ କରିଛି। ସାରା ଦେଶରେ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଲାଗୁ କରିବାରେ ବିଜୁ ପଟ୍ଟନାୟକଙ୍କ ଭୂମିକାକୁ ସ୍ମରଣୀୟ କରିବା ପାଇଁ ଗତ ୩ ଦଶନ୍ଧି ଧରି ମାର୍ଚ୍ଚ ୫ରେ ରାଜ୍ୟରେ ପଞ୍ଚାୟତିରାଜ ଦିବସ ପାଳିତ ହୋଇ ଆସୁଥିବାବେଳେ ବର୍ତ୍ତମାନ ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତି କେବଳ ଇତିହାସକୁ ବିକୃତ କରିବା ସଦୃଶ ହୋଇଛି ବୋଲି ବିଜେଡି ପକ୍ଷରୁ କୁହାଯାଇଛି।

ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ବିଜେଡି



ଲେନିନ୍ ମହାନ୍ତି

ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ପଞ୍ଚାୟତିରାଜ ବ୍ୟବସ୍ଥାର ଆମୂଳଚୂଳ ପୁନର୍ବିନ୍ୟାସ ଲକ୍ଷ୍ୟରେ ତତ୍କାଳୀନ ବିଜୁ ପଟ୍ଟନାୟକଙ୍କ ସରକାର ମାର୍ଚ୍ଚ ୧୯୯୧ରେ ୩ଟି ବିଲ୍ ପାରିତ କରାଇଥିଲେ। ଏହି ୩ଟି ବିଲ୍ ହେଲା, ଓଡ଼ିଶା ଜିଲା ପରିଷଦ ବିଲ୍ ୧୯୯୧, ଓଡ଼ିଶା ପଞ୍ଚାୟତ (ସଂଶୋଧନ) ବିଲ୍ ୧୯୯୧ ଏବଂ ଓଡ଼ିଶା ଗ୍ରାମପଞ୍ଚାୟତ ବିଲ୍ ୧୯୯୧। ୩ଟି ଯାକ ବିଲ୍‌ରେ ତୃଣମୂଳସ୍ତରରେ ନିର୍ବାଚିତ ପ୍ରତିନିଧିମାନଙ୍କୁ ଅଧିକ କ୍ଷମତା ପ୍ରଦାନ ସହିତ ସମୁଦାୟ ଆସନର ୩୩% ମହିଳାମାନଙ୍କ ପାଇଁ ସଂରକ୍ଷିତ କରାଯାଇଛି। ବିଜୁ ପଟ୍ଟନାୟକଙ୍କ ଦୃଢ଼ ନିଷ୍ପତ୍ତି ଯୋଗୁ ଏହା ସମ୍ଭବ ହୋଇପାରିଥିଲା। ଦେଶରେ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଦିଗରେ ବିଜୁ ପଟ୍ଟନାୟକଙ୍କ ଉଲ୍ଲେଖନୀୟ ଅବଦାନକୁ ସ୍ମରଣୀୟ କରିବା ଲକ୍ଷ୍ୟରେ ତତ୍କାଳୀନ ରାଜ୍ୟ କ୍ୟାବିନେଟ୍ ନିଷ୍ପତ୍ତି ଅନୁଯାୟୀ ମାର୍ଚ୍ଚ ୫କୁ ରାଜ୍ୟ ପଞ୍ଚାୟତିରାଜ ଦିବସ ଭାବେ ପାଳିତ ହୋଇ ଆସୁଥିଲା। ରାଜ୍ୟ ସରକାର ଏହାକୁ ପରିବର୍ତ୍ତନକରି ଏପ୍ରିଲ ୨୪ରେ ପାଳନ କରିବା ଲାଗି ନିଷ୍ପତ୍ତି ନିଆଯିବା ରାଜ୍ୟର ଗୌରବମୟ ଇତିହାସକୁ ବିକୃତ କରିବା ସହ ଓଡ଼ିଆ ଅସ୍ମିତାକୁ କୁଠାରାଘାତ ସଦୃଶ ବୋଲି ଲେନିନ୍ କହିଛନ୍ତି।

# ଧୂମୁଛାଇ ସମିତିସଭ୍ୟ ଉପନିର୍ବାଚନ: ଭାଜପା ସମର୍ଥିତ ଶ୍ୟାମସୁନ୍ଦର ଜିତିଲେ

ବେଲଗୁଣ୍ଠା,୨୪।୪
(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ଗଞ୍ଜାମ ଜିଲା ବେଲଗୁଣ୍ଠା ବ୍ଲକ ଧୂମୁଛାଇ ପଞ୍ଚାୟତର ସମିତିସଭ୍ୟ ପଦବୀ ପାଇଁ ବୁଧବାର ଉପନିର୍ବାଚନ ହୋଇଥିଲା। ଗୁରୁବାର ଭୋଟ୍ ଗଣତି କରାଯାଇ ଫଳାଫଳ ପ୍ରକାଶ କରାଯାଇଛି। ଭାଜପା ସମର୍ଥିତ ପ୍ରାର୍ଥୀ ଶ୍ୟାମ ସୁନ୍ଦର ନାୟକ ବିଜେଡି ସମର୍ଥିତ ପ୍ରାର୍ଥୀ ବିନୋଦିନୀ ନାୟକଙ୍କୁ ହରାଇ ବିଜୟୀ ହୋଇଛନ୍ତି। ସକାଳ ୮ଟାରୁ ଭୋଟ



ଶ୍ୟାମ ସୁନ୍ଦର ନାୟକ।

ଗଣତି ଆରମ୍ଭ ହୋଇଥିଲା। ଶ୍ୟାମସୁନ୍ଦର ବିଜେଡ଼ି ପ୍ରାର୍ଥୀଙ୍କ ଠାରୁ ୮୩୪ ଖଣ୍ଡ ଭୋଟ୍ ଅଧିକ ପାଇଥିଲେ। ନିର୍ବାଚନ ପ୍ରକ୍ରିୟାରେ ବେଲଗୁଣ୍ଠା ବିଡ଼ିଓ ବିଜୟ କୁମାର ପ୍ରଧାନ ନିର୍ବାଚନ ଅଧିକାରୀ ରୂପେ ଦାୟିତ୍ୱ ତୁଲାଇଥିବା ବେଳେ ବେଲଗୁଣ୍ଠା ତହସିଲଦାର କଳାକୃଷ୍ଣ ପ୍ରଧାନ ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ରହିଥିଲେ। ଶ୍ୟାମ ସୁନ୍ଦରଙ୍କ ବିଜୟ ପରେ ଭାଜପା ନେତା ଓ କର୍ମୀ ବାଣ ଫୁଟାଇ ଏବଂ ପରସ୍ପରକୁ ମିଠା ଖୁଆଇ ଖୁସି ମନାଇଛନ୍ତି।

# ରାଜ୍ୟ ଯୁବକଂଗ୍ରେସ ପୁନର୍ଗଠିତ: ରଣଜିତ ସଭାପତି

ଭୁବନେଶ୍ୱର,୨୪।୪(ରବିନାରାୟଣ ଜେନା)

ଭାରତୀୟ ଯୁବକଂଗ୍ରେସ ସଭାପତି ଉଦୟଭାନୁ ଚିବ୍‌ଙ୍କ ଅନୁମୋଦନ କ୍ରମେ ରାଜ୍ୟ ଯୁବ କଂଗ୍ରେସର ନବକଳେବର ହୋଇଛି। ଫଳରେ ଗୁରୁବାର ରଣଜିତ ପାତ୍ର ରାଜ୍ୟ ଯୁବକଂଗ୍ରେସ ସଭାପତି ଭାବେ ନିଯୁକ୍ତ ହୋଇଥିବାବେଳେ କୃଷ୍ଣଚନ୍ଦ୍ର ମହାନ୍ତି ଓ ଗଣେଶ କୁମାର ସାହୁ କାର୍ଯ୍ୟକାରୀ ସଭାପତି ଭାବେ ମନୋନୀତ ହୋଇଛନ୍ତି।



ରଣଜିତ ପାତ୍ର

ସେହିପରି ରୁକ୍ମଣି ମଙ୍ଗରାଜ ଓ ନାରାୟଣ ବରୀ ରାଜ୍ୟ ଯୁବକଂଗ୍ରେସ ଉପସଭାପତି ହୋଇଥିବାବେଳେ ନୀହାର ରଞ୍ଜନ ବେହେରାଙ୍କ ସମେତ ଅନ୍ୟ ୨୮ଜଣଙ୍କୁ ସାଧାରଣ ସମ୍ପାଦକ ଭାବେ ମନୋନୀତକରାଯାଇଛି। ଏହାବାଦ୍ ପ୍ରେମ୍‌ଜିତ୍ ମହାନ୍ତିଙ୍କ ସମେତ ୯ ଜଣ ରାଜ୍ୟ ସମ୍ପାଦକ ଭାବେ ମନୋନୀତ ହୋଇଥିବାବେଳେ ପ୍ରଦୀପ କୁମାର ସାହୁ ରାଜ୍ୟ ଲିଗାଲ ସେଲ୍ ଅଧ୍ୟକ୍ଷ ଭାବେ ନିଯୁକ୍ତ ହୋଇଛନ୍ତି।

# ପଞ୍ଚାୟତ ବ୍ୟବସ୍ଥା ଅମଲାଙ୍କ କବଳରୁ ମୁକ୍ତ ଜରୁରୀ: ଭକ୍ତ



ପଞ୍ଚାୟତିରାଜ ବ୍ୟବସ୍ଥାରେ ଉଲ୍ଲେଖନୀୟ କାର୍ଯ୍ୟ ଲାଗି ପିସିସି ସଭାପତି ଭକ୍ତ ଚରଣ ଦାସ ଜଣେ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ଭୁବନେଶ୍ୱର,୨୪।୪ (ରବିନାରାୟଣ ଜେନା)

ପଞ୍ଚାୟତିରାଜ ବ୍ୟବସ୍ଥା ଭାରତୀୟ ସାମାଜିକ ଓ ରାଜନୈତିକ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ। ମହାତ୍ମା ଗାନ୍ଧୀଙ୍କ ଗ୍ରାମ ସ୍ୱରାଜ ତାହାକୁ ଏକ ଦିଶା ଦେଖାଇଥିବା ବେଳେ ରାଜୀବ ଗାନ୍ଧୀ ଅଧିକ ବ୍ୟବସ୍ଥିତ କରିଥିଲେ। ସମ୍ବିଧାନର ୭୩ତମ ସଂଶୋଧନ ଆଇନ କ୍ଷମତା ବିକେନ୍ଦ୍ରୀକରଣର ଏକ ବୈପ୍ଳବିକ ପଦକ୍ଷେପ ଆଣିଥିଲା। ମାତ୍ର ତାହା ଏବେ ଅମଲାତନ୍ତ୍ର କବଳରେ କବଳିତ ହୋଇଯାଇଛି ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ତେଣୁ ସେଥିରୁ ପଞ୍ଚାୟତ ବ୍ୟବସ୍ଥାକୁ ମୁକ୍ତ ନ କଲେ ଗାଁର ବିକାଶ ସମ୍ଭବ ନୁହଁ ବୋଲି ବୁଦ୍ଧମନ୍ଦିରଠାରେ ଜାତୀୟ ପଞ୍ଚାୟତିରାଜ ଦିବସ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଭକ୍ତ ଏହା କହିଛନ୍ତି। ସେ କହଛନ୍ତି, ପଞ୍ଚାୟତିରାଜ ବ୍ୟବସ୍ଥାରେ ସୁଧାର ପାଇଁ ଏକ ବ୍ୟାପକ ପ୍ରୟାସ ଆବଶ୍ୟକ। ଏଥିପାଇଁ ରାଜ୍ୟର ସମସ୍ତ ପଞ୍ଚାୟତ ପ୍ରତିନିଧିମାନଙ୍କର ଏକ ମହାସମାବେଶ ଦରକାର ବୋଲି ସେ କହିଛନ୍ତି। ଉତ୍ସବକୁ ଓଡ଼ିଶାର ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ଅମିୟ ଭୂଷଣ ତ୍ରିପାଠୀ ଉଦ୍‌ଘାଟନ କରିଥିବାବେଳେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ଲେଖକ ଦାଶ ବେନହୁର ଯୋଗଦେଇ କହିଲେ, ପଞ୍ଚାୟତ ବ୍ୟବସ୍ଥା ଅମଲା କବଳରୁ ମୁକ୍ତ ହେବା ଜରୁରୀ ହୋଇପଡ଼ିଲାଣି। ଓଡ଼ିଶାର ପୂର୍ବତନ ନିର୍ବାଚନ କମିଶନର ସଞ୍ଜୀବ ହୋତା କହିଲେ, ଗ୍ରାମ ସଭା ଓ ପଲ୍ଲିସଭାକୁ ସମ୍ବିଧାନ ଯେଉଁ ଅଧିକାର ଦେଇଛି ତାହାକୁ କାର୍ଯ୍ୟକାରୀ କରିବା ପାଇଁ ବ୍ୟାପକ ଜନ ଆନ୍ଦୋଳନର ଆବଶ୍ୟକ ରହିଛି।

ଅନ୍ୟମାନଙ୍କ ମଧ୍ୟରେ ଡ. ଅରବିନ୍ଦ ବେହେରା, ଶ୍ରମିକ ନେତା ରାମଚନ୍ଦ୍ର ଖୁଣ୍ଟିଆ, ପୂର୍ବତନ ମନ୍ତ୍ରୀ ପ୍ରସାଦ ହରିଚନ୍ଦନ, ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନର ସର୍ବଭାରତୀୟ ସାଧାରଣ ସମ୍ପାଦକ କୁନାଲ ବାନାର୍ଜୀ, ବିଶିଷ୍ଟ ନାରୀନେତ୍ରୀ ସସ୍ମିତା ବେହେରା ପ୍ରମୁଖ ଏହି ଅଧିବେଶନରେ ବକ୍ତବ୍ୟ ରଖିଥିଲେ। ସଙ୍ଗଠନର ରାଜ୍ୟ ଅଧ୍ୟକ୍ଷ ସୁଦର୍ଶନ ଦାସ ଏହି ଅଧିବେଶନରେ ସଭାପତିତ୍ୱ କରିଥିଲେ। ପରେ 'ପଞ୍ଚାୟତିରାଜ ବନାମ ବାବୁରାଜ' ଶୀର୍ଷକ ବିଷୟବସ୍ତୁ ଉପରେ ଅନୁଷ୍ଠିତ ଆଲୋଚନାରେ ପୂର୍ବତନ ବିଧାୟକ ଉମାବଲ୍ଲଭ ରଥ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟ ଆଲୋଚକ ଭାବରେ ରମାଦେବୀ ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନର ପ୍ରଫେସର ଡ. ମାନସ ବେହେରା ଯୋଗଦେଇ ରାଜ୍ୟର ସ୍ୱାୟତ୍ତ ଶାସନ ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ସଙ୍ଗଠନ ପକ୍ଷରୁ ମେ' ୧୧ ତାରିଖରେ ଏକ ରାଜ୍ୟସ୍ତରୀୟ କର୍ମଶାଳା ଆୟୋଜନ କରିବା ସହିତ ଆସନ୍ତା ଜୁନ୍‌ରେ ଏକ ପଞ୍ଚାୟତ ପ୍ରତିନିଧି ସମାବେଶ କରିବା ପାଇଁ ଆହ୍ୱାନ ଦିଆଯାଇଛି।

# ଭାଜପାର ୨ ଗୋଷ୍ଠୀ ମଧ୍ୟରେ ମାରପିଟ

**ପଞ୍ଚାୟତିରାଜ ଦିବସ ପାଳନ ବେଳେ ଗଣ୍ଡଗୋଳ**

ବାସୁଦେବପୁର,୨୪।୪
(ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ଗୁରୁବାର ପୂର୍ବାହ୍ନରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ସହ ରାଶନ କାର୍ଡ ବଣ୍ଟନ କରାଯାଇଛି। ଏହି ଉତ୍ସବ ପରେ ବ୍ଲକ ଅଫିସ୍ ପରିସରରେ ଭାଜପାର ଦୁଇଗୋଷ୍ଠୀ ମଧ୍ୟରେ ମାର୍‌ପିଟ୍ ହୋଇଥିବା ଦେଖିବାକୁ ମିଳିଛି। ପରସ୍ପର ମଧ୍ୟରେ ଆକ୍ରମଣ ପ୍ରତିଆକ୍ରମଣ ଓ ଠେଲାପେଲା ଦେଖି ସଭାରେ ଥିବା ମହିଳାଙ୍କ ସମେତ ଲୋକେ ସେଠାରୁ ଦୌଡ଼ି ପଳାଇଥିଲେ। ଗୋଟିଏ ପକ୍ଷର ଆକ୍ରମଣରେ ଭାଜପା ନଗର ମଣ୍ଡଳ ସଭାପତି ଆଶୁତୋଷ ସାମଲ ଆହତ ହୋଇଥିବା ବେଳେ ଘଟଣାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବିରେ ବ୍ଲକ ସେ କାର୍ଯ୍ୟାଳୟ ପରିସରରେ ବସି ରହିଥିଲେ। ଖବର ପାଇ ବାସୁଦେବପୁର ଥାନା ପୋଲିସ ପହଞ୍ଚିବା ପରେ ସ୍ଥିତି ଶାନ୍ତ ପଡ଼ିଥିଲା। ବିଡିଓ ତନ୍ମିତା କରଙ୍କୁ ପୋଲିସ ଭେଟି ଆଲୋଚନା କରିବା ସହ ତଦନ୍ତ ଆରମ୍ଭ କରିଛି। ଦୁଇଗୋଷ୍ଠୀ ମଧ୍ୟରେ ପୂର୍ବରୁ ବିବାଦ ଥିଲା। ଗୋଟିଏ ଗୋଷ୍ଠୀ ମଞ୍ଚରୁ ଆସିବା ପରେ ଅପର ଗୋଷ୍ଠୀ ତାଙ୍କୁ ଆକ୍ଷେପମୂଳକ କଥା କହିବାରୁ ଏଭଳି ସ୍ଥିତି ସୃଷ୍ଟି ହୋଇଥିବା ଜଣାପଡ଼ିଛି।

## Business

# ଏଲ୍ଆଇସିର ନୂତନ ବ୍ୟବସାୟ ପ୍ରିମିୟମ ୨.୨୭ ଟ୍ରିଲିୟନ ଟଙ୍କା

ମୁମ୍ବାଇ,୨୪।୪

କ୍ରମାଗତ ଭାବେ ଭାରତୀୟ ଜୀବନ ବୀମା ନିଗମ (ଲାଇଫ୍ ଇନ୍ସ୍ୟୁରାନ୍ସ କର୍ପୋରେଶନ ଅଫ୍ ଇଣ୍ଡିଆ(ଏଲ୍ଆଇସି ଇଣ୍ଡିଆ)ର ନୂତନ ବ୍ୟବସାୟ ପ୍ରିମିୟମ ବୃଦ୍ଧି ପାଇଚାଲିଛି। ଏପରିକି ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ନୂତନ ବ୍ୟବସାୟ ପ୍ରିମିୟମ ଆକାରରେ ଏଲ୍ଆଇସି ପ୍ରାୟ ୨.୨୭ (୨,୨୬,୬୬୯.୯୧ କୋଟି ) କୋଟି ଟଙ୍କା ସଂଗ୍ରହ କରିଛି, ଯେଉଁଥିରେ ବ୍ୟକ୍ତିଗତ ନୂତନ ବ୍ୟବସାୟରୁ ଜୀବନକାଳୀନ ସର୍ବାଧିକ ବ୍ୟକ୍ତିଗତ ପ୍ରିମିୟମ ପ୍ରାୟ ୬୨,୪୦୫ (୬୨,୪୦୪.୫୮କୋଟି) କୋଟି ଟଙ୍କା ଅନ୍ତର୍ଭୁକ୍ତ ରହିଛି। ଅପରପକ୍ଷରେ ଜୀବନବୀମା ପରିଷଦର ତଥ୍ୟ ଅନୁଯାୟୀ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ବ୍ୟକ୍ତିଗତ ନୂତନ ବ୍ୟବସାୟ ପ୍ରିମିୟମରେ ବାର୍ଷିକଭିତ୍ତିରେ ୮.୩୫% ଅଭିବୃଦ୍ଧି ଘଟିଛି।

ସେହିପରି ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଏଲ୍ଆଇସିର ଗ୍ରୁପ୍ ପ୍ରିମିୟମ ୦.୪୦% ହ୍ରାସ ପାଇ ୧,୬୪,୨୬୫.୩୪ କୋଟି ଟଙ୍କରେ ରହିଛି, ଯାହା ୨୦୨୩-୨୪ ଆର୍ଥିକ ବର୍ଷରେ ୧,୬୪,୯୨୫.୮୯ କୋଟି ଟଙ୍କା ଥିଲା। ଏପରିକି ୨୦୨୪ ଅକ୍ଟୋବର ୧ଠାରୁ ନୂତନ ଆତ୍ମସମର୍ପଣ ମୂଲ୍ୟ ମାନଦଣ୍ଡ ପ୍ରଚଳନ ସତ୍ତ୍ୱେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଏଲ୍ଆଇସି ପ୍ରାୟ ୧.୬୮ କୋଟିର ନୂତନ ପଲିସି ବିକ୍ରି କରିଛି। ବିଶେଷ ୨୦୨୫ ମାର୍ଚ୍ଚରେ ସେଗ୍‌ମେଣ୍ଟର ନିର୍ଦ୍ଦିଷ୍ଟ ପ୍ରଦର୍ଶନକୁ ଦେଖିଲେ, ବ୍ୟକ୍ତିଗତ ପ୍ରିମିୟମ ସେଗ୍‌ମେଣ୍ଟରେ ଏଲ୍ଆଇସିର କାରବାର ୧୦.୬୫% ବୃଦ୍ଧି ଘଟିଛି, ଯାହା ମୋଟ ୧୦,୦୨୨ କୋଟି ଟଙ୍କା ହୋଇଛି। ୨୦୨୪ ମାର୍ଚ୍ଚରେ ୯,୦୪୮.୮୭ କୋଟି ଟଙ୍କା ଥିଲା। ବିପରୀତରେ ଗ୍ରୁପ୍ ପ୍ରିମିୟମ ୨୦୨୩-୨୪ ଆର୍ଥିକ ବର୍ଷରେ ୨୭,୨୫୧.୭୪ କୋଟି ଟଙ୍କାରୁ ୧.୩୪% ହ୍ରାସ ପାଇ ୨୬,୮୮୫.୩୩ କୋଟି ଟଙ୍କା ହୋଇଛି।

**ଏଲ୍ଆଇସିର ନୂତନ ବ୍ୟବସାୟ ପ୍ରିମିୟମ**

| ଆର୍ଥିକ ବର୍ଷ | ନୂତନ ବ୍ୟବସାୟ ପ୍ରିମିୟମ୍ (କୋଟି ଟଙ୍କା) | ନୂତନ ବ୍ୟବସାୟ ପ୍ରିମିୟମ୍ (କୋଟି ଟଙ୍କା) | % ପରିବର୍ତ୍ତନ |
|---|---|---|---|
| ୨୦୧୫ | ୭୮,୩୦୨.୮୨ | ୯୦,୧୨୩.୭୫ | -୧୩.୧୨ |
| ୨୦୧୬ | ୯୭,୬୭୪.୩୧ | ୭୮,୩୦୨.୮୨ | ୨୪.୭୪ |
| ୨୦୧୭ | ୧,୨୪,୩୯୬.୨୭ | ୯୭,୬୭୪.୩୧ | ୨୭.୩୬ |
| ୨୦୧୮ | ୧,୩୪,୫୫୧.୬୯ | ୧,୨୪,୦୩୬.୨୬ | ୮.୪୮ |
| ୨୦୧୯ | ୧,୪୨,୧୯୧.୬୯ | ୧,୩୪,୫୫୧.୬୯ | ୫.୬୮ |
| ୨୦୨୦ | ୧,୭୭,୯୭୭.୦୬ | ୧,୪୨,୨୫୪.୬୭ | ୨୫.୧୧ |
| ୨୦୨୧ | ୧,୮୪,୧୭୪.୫୭ | ୧,୭୭,୯୭୭.୦୬ | ୩.୪୮ |
| ୨୦୨୨ | ୧,୯୮,୭୫୯.୮୬ | ୧,୮୪,୧୭୪.୫୭ | ୭.୯୨ |
| ୨୦୨୩ | ୨,୩୧,୮୯୯.୧୬ | ୧,୯୮,୭୫୯.୮୬ | ୧୬.୬୭ |
| ୨୦୨୪ | ୨,୨୨,୫୨୩.୦୧ | ୨,୩୧,୮୯୯.୧୬ | -୪.୦୪ |
| ୨୦୨୫ | ୨,୨୬,୬୬୯.୯୧ | ୨,୨୨,୫୨୩.୦୧ | ୧.୮୬ |

ଉତ୍ସ: ଜୀବନ ବୀମା ପରିଷଦ

# ଶେୟାର ବଜାରରେ ହ୍ରାସ

ମୁମ୍ବାଇ,୨୪।୪

କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଏପରିକି ଚଳିତ ସପ୍ତାହର ଚତୁର୍ଥ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ହ୍ରାସ ସହିତ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ଗୁରୁବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ର ସେନସେକ୍ସ ୩୧୫ (୩୧୫.୦୬) ପଏଣ୍ଟ ହ୍ରାସ ଘଟି ୭୯,୮୦୧ (୭୯,୮୦୧.୪୩) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ର ନିଫ୍ଟି-୫୦ ରେ ମଧ୍ୟ ୮୨ (୮୨.୨୫) ପଏଣ୍ଟ କମି ୨୪,୨୪୭ (୨୪,୨୪୬.୭୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

# ଜେଏସ୍ଏଲ୍‌କୁ ଜାତୀୟ ଗୁଣବତ୍ତା ପୁରସ୍କାର



ଅତିଥିଙ୍କ ଠାରୁ ଜେଏସଏଲର ଅଧିକାରୀ ପୁରସ୍କାର ଗ୍ରହଣ କରୁଛନ୍ତି।

ଭୁବନେଶ୍ୱର,୨୪।୪

ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ (ଜେଏସ୍ଏଲ୍)କୁ ନିକଟରେ ଆଉ ଏକ ଜାତୀୟସ୍ତରର ସମ୍ମାନ 'ଜାତୀୟ ଗୁଣବତ୍ତା ପୁରସ୍କାର' ମିଳିଛି। ଏପରିକି ଉତ୍ପାଦନ ବର୍ଗରେ ପ୍ରତିଷ୍ଠିତ ଆଇଏମ୍‌ସି ରାମକୃଷ୍ଣ ବଜାଜ ଜାତୀୟ ଗୁଣବତ୍ତା ପୁରସ୍କାର-୨୦୨୪ରେ ପ୍ରଦର୍ଶନ ଉତ୍କର୍ଷ କ୍ଷେତ୍ରରେ କମ୍ପାନୀର ଯାଜପୁର ୟୁନିଟ୍ ସମ୍ମାନିତ ହୋଇଛି। ମୁମ୍ବାଇର ଆଇଏମ୍‌ସି ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିରେ ପ୍ରଦାନ କରାଯାଇଥିବା ଏହି ପୁରସ୍କାର, ଗୁଣବତ୍ତା, ନବସୃଜନ, ଗ୍ରାହକ-କେନ୍ଦ୍ରିକତା ଏବଂ କାର୍ଯ୍ୟକ୍ଷମ ଉତ୍କର୍ଷ ପ୍ରତି ଜିନ୍ଦଲ ଷ୍ଟେନ୍‌ଲେସ୍‌ର ପ୍ରତିବଦ୍ଧତାକୁ ସ୍ୱୀକୃତି ଦେଇଛି। ବିଶ୍ୱସ୍ତରୀୟ ପ୍ରସିଦ୍ଧ ମାଲକମ୍ ବାଲଡ୍ରିଜ୍ ଜାତୀୟ ଗୁଣବତ୍ତା ପୁରସ୍କାର ଢାଞ୍ଚା ଉପରେ ଆଧାରିତ ଏହି ମାନ୍ୟତା ଭାରତୀୟ ଉତ୍ପାଦନରେ ଉତ୍କର୍ଷ ପାଇଁ ଏକ ମାନଦଣ୍ଡ ଭାବେ କମ୍ପାନୀର ସ୍ଥିତିକୁ ସୁଦୃଢ଼ କରୁଛି।

ଏ ସମ୍ପର୍କରେ ଜିନ୍ଦଲ ଷ୍ଟେନ୍‌ଲେସ୍‌ର ଯାଜପୁର ୟୁନିଟ୍ ମୁଖ୍ୟ ଦୀପକ ଅଗ୍ରୱାଲ କହିଛନ୍ତି, ଆମେ ଆଇଏମ୍‌ସି ରାମକୃଷ୍ଣ ବଜାଜ ଜାତୀୟ ଗୁଣବତ୍ତା ପ୍ରଦର୍ଶନ ଉତ୍କର୍ଷ ପୁରସ୍କାର ପାଇ ଧନ୍ୟ ମନେକରୁଛୁ। ଏହି ମାନ୍ୟତା ଆମ ଦଳର କାର୍ଯ୍ୟକ୍ଷମ ଉତ୍କର୍ଷ ଏବଂ ଗ୍ରାହକ ମୂଲ୍ୟ ପାଇଁ ନିରନ୍ତର ପ୍ରୟାସର ଏକ ପ୍ରମାଣ ପାଲଟିଛି। ଏହା ଷ୍ଟେନ୍‌ଲେସ୍ ଷ୍ଟିଲ୍ ଶିଳ୍ପ କ୍ଷେତ୍ରରେ ଉଦାହରଣ ଦେଇ ନେତୃତ୍ୱ ନେବା ଏବଂ ଗୁଣବତ୍ତା କ୍ଷେତ୍ରରେ ନୂତନ ମାନଦଣ୍ଡ ସ୍ଥାପନ କରିବା ପାଇଁ ଆମର ଲକ୍ଷ୍ୟକୁ ସୁଦୃଢ଼ କରୁଛି। ଆମେ ଏହି ସଫଳତାକୁ ଆମର କର୍ମଚାରୀ, ଅଂଶୀଦାର ଏବଂ ଗ୍ରାହକମାନଙ୍କୁ ଉତ୍ସର୍ଗ କରୁଛୁ, ଯେଉଁମାନେ ଆମର ଗୁଣବତ୍ତା ଯାତ୍ରାର ଅବିଚ୍ଛେଦ୍ୟ ଅଂଶୀଦାର ହୋଇଛନ୍ତି।

# ଏଚ୍‌ପିର ନେକ୍ସଟ୍-ଜେନ୍ ଏଆଇ ପିସି ରେଞ୍ଜ

ଭୁବନେଶ୍ୱର,୨୪।୪

ଏଚ୍‌ପିର ବହୁ ପ୍ରତୀକ୍ଷିତ ତଥା ସବୁଠାରୁ ଶକ୍ତିଶାଳୀ ଓ ବିସ୍ତୃତ ରେଞ୍ଜର ନେକ୍ସଟ୍-ଜେନ୍ ଏଆଇ ପିସିଗୁଡ଼ିକର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହି ନୂତନ ଏଚ୍‌ପି ଏଲିଟ୍‌ବୁକ୍, ଏଚ୍‌ପି ପ୍ରୋ ବୁକ୍ ଓ ଏଚ୍‌ପି ଓମ୍ନିବୁକ ସିରିଜକୁ ବୃହତ୍ ଉଦ୍ୟୋଗ, ଷ୍ଟାର୍ଟଅପ୍ ଓ ରିଟେଲ ଉପଭୋକ୍ତାଙ୍କ ଭଳି ଗ୍ରାହକଙ୍କ କମ୍ପ୍ୟୁଟିଂ ଅନୁଭୂତିକୁ ଉନ୍ନତ କରିବା ପାଇଁ ଡିଜାଇନ କରାଯାଇଛି। ସେହିଭଳି ଇଣ୍ଟେଲ କୋର ଅଲଟ୍ରା ୨୦୦ଭି ସିରିଜ୍, ଏଏମ୍‌ଡି ରାଇଜେନ୍ ଏଆଇ ୩୦୦ ସିରିଜ୍ ଏବଂ କ୍ୱାଲ୍‌କମ୍ ସ୍ନାପଡ୍ରାଗନ ଏକ୍ସ, ଏକ୍ସ ଏଲିଟ, ଏକ୍ସ ପ୍ଲସ୍ ସମେତ ନୂଆ ପ୍ରୋସେସରଗୁଡିକ ଦ୍ୱାରା ପରିଚାଳିତ ଏହି ପୋର୍ଟଫୋଲିଓ ଏକ ଡେଡିକେଟେଡ୍ ନ୍ୟୁରାଲ ପ୍ରୋସେସିଂ ୟୁନିଟ୍ (ଏନ୍‌ପିୟୁ) ସହ ସୁସଜ୍ଜିତ ରହିଛି, ଯାହା ପ୍ରତି ସେକେଣ୍ଡ ପିଛା ୪୦ରୁ ୫୫ ଟ୍ରିଲିୟନ ଅପରେଶନ ପାଇଁ ସକ୍ଷମ ବୋଲି କୁହାଯାଉଛି। କୋପାଇଲଟ+ ପିସି ଭାବେ ସେଗୁଡିକ ମୂଳ କମ୍ପ୍ୟୁଟିଂ ଅନୁଭୂତିରେ ଏଆଇକୁ ଅନ୍ତର୍ଭୁକ୍ତ କରିଛନ୍ତି, ଯାହା ଶକ୍ତିଶାଳୀ ଓ ଅନ୍ତର୍ନିହିତକାରୀ ଶୈଳୀରେ ଉତ୍ପାଦକତା, ସୃଜନଶୀଳତା ଓ ସହଭାଗିତାକୁ ଉନ୍ନତ କରିଥାଏ। ଏ ସମ୍ପର୍କରେ ଏଚ୍‌ପି ଇଣ୍ଡିଆର ବରିଷ୍ଠ ଉପାଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଇପ୍‌ସିତା ଦାସଗୁପ୍ତା କହିଛନ୍ତି, ଆମେ ଆର୍ଥିକ ସେବା ଓ ରିଟେଲଠାରୁ ଆରମ୍ଭକରି ସ୍ୱାସ୍ଥ୍ୟସେବା ଓ ଶିକ୍ଷା ପର୍ଯ୍ୟନ୍ତ, ବିଭିନ୍ନ କ୍ଷେତ୍ରରେ ସାର୍ଥକ ଉଦ୍ଭାବନ ପ୍ରଦାନ କରିବା, ଉତ୍ପାଦକତାକୁ ଆଗକୁ ବଢ଼ାଇବା ଓ ଆର୍ଥିକ ସୁଯୋଗଗୁଡ଼ିକୁ ସକ୍ଷମ କରିବା ପାଇଁ ଏହାକୁ ଏକ ଗୁରୁତ୍ୱପୂର୍ଣ୍ଣ ସମୟ ଭାବେ ଦେଖୁଛୁ, ଯାହା ଭବିଷ୍ୟତର କାର୍ଯ୍ୟକୁ ପୁନଃ ପରିଭାଷିତ କରିବ। ନେକ୍ସଟ୍-ଜେନ୍ ଏଆଇ କ୍ଷମତାଗୁଡ଼ିକ ଦ୍ୱାରା ପରିଚାଳିତ ଏହି ରେଞ୍ଜ, ଭିଡିଓ କଲ୍ ସମୟରେ ରିଅଲ-ଟାଇମ ନଏଜ କ୍ୟାନ୍ସେଲେଶନ ଓ ଅଟୋ-ଫ୍ରେମିଂଠାରୁ ଆରମ୍ଭକରି ବ୍ୟକ୍ତିଗତ କାର୍ଯ୍ୟଶୈଳୀକୁ ପର୍ସନାଲାଇଜ କରୁଥିବା ଅନୁକୂଳ କାର୍ଯ୍ୟଦକ୍ଷତା ପର୍ଯ୍ୟନ୍ତ ,ଇଣ୍ଟେଲିଜେଣ୍ଟ ପର୍ଫର୍ମାନ୍ସ ଏନ୍‌ହାନ୍ସମେଣ୍ଟ ପ୍ରଦାନ କରୁଛି।

# ରାହୁଲ ବାନାର୍ଜୀଙ୍କ ସହ ବେଦାନ୍ତର ସହଭାଗିତା

ଭୁବନେଶ୍ୱର,୨୪।୪: (ଅଭୟ ଦାଶ)

ବେଦାନ୍ତ ଆଲୁମିନିୟମ ଏବଂ ପୂର୍ବତନ ଭାରତୀୟ ଅଲିମ୍ପିଆନ ତଥା ରାଜ୍ୟଗୋଷ୍ଠୀ ସ୍ୱର୍ଣ୍ଣ ପଦକ ବିଜେତା ରାହୁଲ ବାନାର୍ଜୀଙ୍କ ମଧ୍ୟରେ ସହଭାଗିତା ସ୍ଥାପନ ହୋଇଛି। ଏପରିକି ତୃଣମୂଳସ୍ତରର କ୍ରୀଡ଼ାକୁ ସୁଦୃଢ଼ କରିବା ଏବଂ ଭବିଷ୍ୟତର ଚାମ୍ପିୟନମାନଙ୍କୁ ପ୍ରୋତ୍ସାହିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଓଡ଼ିଶାର କଳାହାଣ୍ଡିଠାରେ ବେଦାନ୍ତର ତୀରନ୍ଦାଜୀ ତାଲିମ କାର୍ଯ୍ୟକ୍ରମ ପାଇଁ ଅଲିମ୍ପିଆନ୍ ତଥା ରାଜ୍ୟଗୋଷ୍ଠୀ ସ୍ୱର୍ଣ୍ଣପଦକ ବିଜେତା ରାହୁଲ ବାନାର୍ଜୀଙ୍କ ସହ କମ୍ପାନୀ ସହଭାଗିତା ଘୋଷଣା କରିଛି। ଏହି ସହଭାଗିତାର ମୂଳ ଉଦ୍ଦେଶ୍ୟ ହେଉଛି, ୮୦ଜଣ ଆଦିବାସୀ ଛାତ୍ରୀଛାତ୍ରଙ୍କୁ ତାଲିମ ପ୍ରଦାନ କରିବା। ଏ ନେଇ ରାହୁଲ ବାନାର୍ଜୀ କହିଥିଲେ, ଆଗାମୀ ପିଢ଼ିର ଭାରତୀୟ ତୀରନ୍ଦାଜମାନଙ୍କୁ ଗଢ଼ିବାରେ ବେଦାନ୍ତ ସହ କାର୍ଯ୍ୟ କରିବା ଏକ ସମ୍ମାନର ବିଷୟ। କଳାହାଣ୍ଡିରେ ଅସଂଖ୍ୟ ପ୍ରତିଭା ରହିଛନ୍ତି।



ଚୁକ୍ତିନାମା ସମୟରେ ଉଭୟ ସଂସ୍ଥାର ଅଧିକାରୀମାନେ ଉପସ୍ଥିତ ଅଛନ୍ତି।

ଉପଯୁକ୍ତ ପ୍ରଶିକ୍ଷଣ ଏବଂ ଅଭିଜ୍ଞତା ଏହି ଯୁବ କ୍ରୀଡ଼ାବିତମାନଙ୍କ ପାଖରେ ବିଶ୍ୱମଞ୍ଚରେ ଚମକିବାର କ୍ଷମତା ରହିଛି।

ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, ଆମେ ବିଶ୍ୱାସ କରୁ ଯେ କ୍ରୀଡ଼ା ସାମାଜିକ ପରିବର୍ତ୍ତନ ପାଇଁ ଏକ ଶକ୍ତିଶାଳୀ ଉତ୍ପ୍ରେରକ ହୋଇପାରେ। ରାହୁଲ ବାନାର୍ଜୀଙ୍କ ସହ ଆମର ଭାଗୀଦାରି ଗୋଷ୍ଠୀଗତ ବିକାଶ ଏବଂ କ୍ରୀଡ଼ା ଉତ୍କର୍ଷ ପ୍ରତି ଆମର ଗଭୀର ପ୍ରତିବଦ୍ଧତାର ପ୍ରତିଫଳନ। ୨୦୧୮ରେ ଏହାର ଆରମ୍ଭ ହେବାଠାରୁ ବେଦାନ୍ତର କ୍ରୀଡ଼ା ପ୍ରଶିକ୍ଷଣ ପଦକ୍ଷେପ ଲାଞ୍ଜିଗଡ଼ରେ କଳାହାଣ୍ଡିର ଆଦିବାସୀ ସମ୍ପ୍ରଦାୟର କ୍ରୀଡ଼ା ପ୍ରତିଭାର ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ।

# ବଜାରରେ ଓପୋର ନୂତନ ଉତ୍ପାଦ

ଭୁବନେଶ୍ୱର,୨୪।୪

ଓପୋ ଇଣ୍ଡିଆର ନୂତନ ଉତ୍ପାଦ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ଓପୋ କେ୧୩ ୫ଜି'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏଥିରେ ସ୍ନାପଡ୍ରାଗନ ୬ ଜେନ୍ ୪ ମୋବାଇଲ ପ୍ଲାଟ୍‌ଫର୍ମ ଦ୍ୱାରା ପରିଚାଳିତ ଏହି ଡିଭାଇସ୍‌ରେ ୮୦ ୱାଟ୍ ସୁପରଭିଓଓସି ଫାଷ୍ଟ ଚାର୍ଜର ସହ ୭୦୦୦ ଏମ୍ଏଏଚ୍ ଗ୍ରାଫାଇଟ ବ୍ୟାଟେରି, ସେଗ୍‌ମେଣ୍ଟ-ଲିଡିଂ ଭିସି କୁଲିଂ, ଏକ ୧୨୦ହର୍ଜ ଏଫ୍ଏଚ୍‌ଡି+ ଆମୋଲେଡ୍ ଡିସ୍‌ପ୍ଲେ ଓ ଇଣ୍ଟେଲିଜେଣ୍ଟ ନେଟ୍‌ୱର୍କ ଅପ୍ଟିମାଇଜେଶନ ଭଳି ଫିଚର ଆଦି ରହିଛି, ଏ ସମ୍ପର୍କରେ ଓପୋ ଇଣ୍ଡିଆର ପ୍ରଡକ୍ଟ କମ୍ୟୁନିକେଶନ ମୁଖ୍ୟ ସାଭିଓ ଡିସୌଜା କହିଛନ୍ତି, ଆମେ ଆମର ନୂତନ ଉତ୍ପାଦ 'ଓପୋ କେ୧୩'କୁ ଅନାବରଣ ସହ ବଜାର ପ୍ରବେଶ କରାଇ ବେଶ ଉତ୍ସାହିତ ଅଛୁ। ଏପରିକି ବିନା ସାଲିସ୍‌ରେ ଆମେ ଗ୍ରାହକଙ୍କ ପାଇଁ ୨୦,୦୦୦ ଟଙ୍କାରୁ କମ୍ ମୂଲ୍ୟ ବର୍ଗରେ ଏକ ଓପି ଅନୁଭୂତି ଆଣିଛୁ। ବିଶେଷକରି ଏହା ସ୍ନାପଡ୍ରାଗନ ୬ ଜେନ୍ ୪ ଚିପ୍‌ସେଟ୍, ସେଗ୍‌ମେଣ୍ଟର ଅନ୍ୟତମ ସର୍ବୋତ୍ତମ ଭିସି କୁଲିଙ୍ଗ ହେଉ କିମ୍ବା ଆମର ଇଣ୍ଟେଲିଜେଣ୍ଟ ଗ୍ରାଫାଇଟ ବ୍ୟାଟେରି ଟେକ୍ନୋଲୋଜି, କେ୧୩ ର ପ୍ରତ୍ୟେକ ଦିଗକୁ ଏହାର ଓଜନଠାରୁ ଅଧିକ କାର୍ଯ୍ୟଦକ୍ଷତା ପ୍ରଦାନ କରିବା ପାଇଁ ନିର୍ମାଣ କରାଯାଇଛି।

# ଦୋଷୀ ମଉଜଙ୍କୁ ଆଜୀବନ ଜେଲ



## ଅଟୋଚାଳକଙ୍କୁ ହତ୍ୟା ମାମଲା

ବ୍ରହ୍ମପୁର,୨୪।୪(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ରେଳ ଷ୍ଟେଶନ ନିକଟରେ ୨୦୦୬ ଅକ୍ଟୋବରରେ ଅଟୋଚାଳକ ଗଣେଶ ସାହୁଙ୍କୁ ହତ୍ୟା କରାଯାଇଥିଲା। ଏହି ମାମଲାର ୧୮ ବର୍ଷ ପରେ ସତୀଶ କୁମାର ମିଶ୍ର ଓରଫ ମଉଜ(୩୯) ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଗଞ୍ଜାମ ଜିଲା ଦୌରାଜଜ୍ ରୂପଶ୍ରୀ ଚୌଧୁରୀ ସାକ୍ଷ୍ୟ ପ୍ରମାଣ ଆଧାରରେ ମାମଲାର ଶୁଣାଣି କରି ମଉଜଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ପୂର୍ବରୁ ଏହି ମାମଲାରେ ୫ ଜଣଙ୍କୁ ଆଜୀବନ କାରାଦଣ୍ଡ ମିଳିଥିବା ବେଳେ ମଉଜ ୮ ବର୍ଷ ହେଲା ଫେରାର ଥିଲେ। ଜାମିନ ବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ବଳରେ ଗୋଷାଣି ନୂଆଗାଁ ପୋଲିସ ଗତ ୧୪ ତାରିଖରେ ତାଙ୍କୁ ଜଟଣୀ ଅଞ୍ଚଳରୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ମଉଜଙ୍କ ନାମରେ ଏବେ ବି ବହୁଚର୍ଚ୍ଚିତ ଶାନ୍ତି ମିଶ୍ର ହତ୍ୟା ମାମଲା ସମେତ ୪ଟି ମାମଲାରେ ଏନ୍‌ବିଡବ୍ଲ୍ୟୁ ରହିଛି।

୨୦୦୬ ଅକ୍ଟୋବର ୬ ତାରିଖ ରାତି ପ୍ରାୟ ୧୧ଟାରେ ବ୍ରହ୍ମପୁର ରେଳଷ୍ଟେଶନ ନିକଟରେ ଅଟୋ ଚାଳକ ଗଣେଶଙ୍କୁ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସଂଘବଦ୍ଧ ଭାବେ ହତ୍ୟା କରାଯାଇଥିଲା। ମଉଜ, ଶଙ୍କର ବେହେରାଙ୍କ ସମେତ ୬ଜଣ ଯୁବକ ତାଙ୍କ ଉପରକୁ ବୋମା ଫିଙ୍ଗିଥିଲେ। ବୋମା ମାଡ଼ରେ ଗଣେଶ ତଳେ ପଡ଼ିଯିବା ପରେ ସେମାନେ ତାଙ୍କୁ ଖଣ୍ଡାରେ ହାଣି ପଳାଇଥିଲେ। ଗୁରୁତର ଅବସ୍ଥାରେ ଗଣେଶଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ସରକାରୀ ରେଳବାଇ ପୋଲିସ ୨୫/୦୬ରେ ହତ୍ୟା ମାମଲା ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ ପର୍ଯ୍ୟାୟକ୍ରମେ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ପରେ ସେମାନେ ଜାମିନ ପାଇଥିଲେ। ୨୦୧୧ରେ ମାମଲାର ରାୟ ପ୍ରକାଶ ବେଳେ ଶଙ୍କର ଓ ମଉଜଙ୍କ ବ୍ୟତୀତ ଅନ୍ୟ ୪ ଅଭିଯୁକ୍ତ କୋର୍ଟରେ ହାଜର ହୋଇଥିଲେ। କୋର୍ଟ ସେମାନଙ୍କ ବିରୋଧରେ ଏନବିଡବ୍ଲ୍ୟୁ ଜାରି କରିଥିଲେ। ୨୦୨୩ ମେ ୨୧ ତାରିଖରେ ପୋଲିସ ଶଙ୍କରଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। କୋର୍ଟ ମାମଲାର ଶୁଣାଣି କରି ତାଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ଏହାପୂର୍ବରୁ ୨୦୧୧ ଅଗଷ୍ଟ ୧୯ ତାରିଖରେ ତତ୍କାଳୀନ ଜିଲାଜଜ୍ ଆବଶ୍ୟକ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ଅନ୍ୟ ୪ ଅଭିଯୁକ୍ତ ନେହେରୁନଗରର ସୀମାଞ୍ଚଳ ବେହେରା, ହରି ବେହେରା, ପୂର୍ଣ୍ଣ ବେହେରା ଓ କାଳିଆ ବେହେରାଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ଗତ ୧୪ ତାରିଖରୁ ଗିରଫ ହୋଇ ବ୍ରହ୍ମପୁର ମଣ୍ଡଳ କାରାଗାରରେ ଥିବା ମଉଜଙ୍କୁ ଗୁରୁବାର ରାୟ ପ୍ରକାଶ ବେଳେ କୋର୍ଟରେ ହାଜର କରାଯାଇଥିଲା। ୧୬ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଜଜ୍ ତାଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସରକାରଙ୍କ ତରଫରୁ କ୍ୟାଡର୍ ପିପି ତ୍ରିଲୋଚନ ପରିଡ଼ା ମକଦ୍ଦମା ପରିଚାଳନା କରିଥିଲେ।

# ନୌସେନାରେ ଅଗ୍ନିବୀର ନିଯୁକ୍ତିରେ ଦୁର୍ନୀତି

- ପୂର୍ବତନ ସେନା ଅଧିକାରୀଙ୍କ ସମେତ ୩ ଗିରଫ
- ଆଉ ୨ଜଣଙ୍କୁ ଗିରଫ ପାଇଁ ଆଣ୍ଡାମାନ ଗଲା ସ୍ୱତନ୍ତ୍ର ଟିମ୍
- ୧୨ ବ୍ୟାଙ୍କ ପାସ୍‌ବୁକ, ୪ ମୋବାଇଲ ଫୋନ ଜବତ

ଖୋର୍ଦ୍ଧା/ବାଲୁଗାଁ,୨୪।୪(ପ୍ରଭାତ ପାଣିଗ୍ରାହୀ/ସଂଗ୍ରାମ ପାଇକରାୟ)



ଗିରଫ ୨ ଅଭିଯୁକ୍ତ



ଖବରଦାତା ସମ୍ମିଳନୀରେ ଏସ୍‌ପି ସାଗରିକା ନାଥ

ଭାରତୀୟ ନୌସେନାର ଚିଲିକା ଶାଖା ପ୍ରଶିକ୍ଷଣ କେନ୍ଦ୍ରରେ ଅଗ୍ନିବୀର ପଦବୀ ନିଯୁକ୍ତିରେ ଦୁର୍ନୀତି ହୋଇଛି। ଅଗ୍ନିବୀର ନିଯୁକ୍ତିରେ ପ୍ରାର୍ଥୀଙ୍କୁ ମନୋନୟନ(ସିଲେକ୍ସନ), ପୋଲିସ ଯାଞ୍ଚ(ଭେରିଫିକେଶନ), ମେଡିକାଲ ସାର୍ଟିଫିକେଟରେ ସହଯୋଗ ଆଳରେ ଲକ୍ଷାଧିକ ଟଙ୍କା ଆଦାୟ କରାଯାଇଥିବା ନେଇ ବାଲୁଗାଁ ଥାନାରେ ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୧୧୮/୨୫) ରୁଜୁକରି ତଦନ୍ତ ଚଳାଇବା ସହ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଉତ୍ତର ପ୍ରଦେଶର ବାସିନ୍ଦା ପୂର୍ବତନ ନୌସେନା ଅଧିକାରୀ ଭୂଷଣ, ୟୁପିର ବାସିନ୍ଦା ତଥା ଆଣ୍ଡାମାନ ଓ ନିକୋବରର ଆଇଏନ୍‌ଏସ୍ କେଶରୀରେ କାର୍ଯ୍ୟରତ ସତ୍ୟମ ଚହର ଏବଂ ଆଇଏନ୍‌ଏସ୍ ଚିଲିକାରେ କାର୍ଯ୍ୟରତ ବିନୟ କୁମାର ରାୟ। ଏମାନଙ୍କଠାରୁ ୪ଟି ମୋବାଇଲ ଫୋନ୍ ଏବଂ ୧୨ଟି ବ୍ୟାଙ୍କ ପାସବୁକ ଜବତ କରାଯାଇଛି। ଆକାଉଣ୍ଟ ଟ୍ରାଞ୍ଜାକ୍ସନ, ପାସ୍‌ବୁକ ଭେରିଫିକେଶନ କରାଯାଇ ସିଜ୍ କରାଯାଇଛି। ତେବେ ଏହି ଦୁର୍ନୀତିରେ ସମ୍ପୃକ୍ତ ଥିବା ଆଉ ଦୁଇ ଜଣଙ୍କୁ ଗିରଫ କରିବା ପାଇଁ ଏକ ସ୍ୱତନ୍ତ୍ର ଟିମ୍ ଆଣ୍ଡାମାନ ଯାଇଛି ବୋଲି ଗୁରୁବାର ଖୋର୍ଦ୍ଧା ଜିଲା ଆରକ୍ଷୀ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଆରକ୍ଷୀ ଅଧୀକ୍ଷକ(ଏସ୍‌ପି) ସାଗରିକା ନାଥ ସୂଚନା ଦେଇଛନ୍ତି। ଏହି ରାକେଟରେ ଓଡ଼ିଶା, ଉତ୍ତରପ୍ରଦେଶ ଏବଂ ଆଣ୍ଡାମାନ ଓ ନିକୋବର ନୌସେନା ଅଧିକାରୀଙ୍କ ସମ୍ପୃକ୍ତି ରହିଥିବା ଜଣାପଡ଼ିଛି। ସୂଚନା ମୁତାବକ, ୨୦୨୪ ନଭେମ୍ବରରେ ଆଇଏନ୍‌ଏସ୍ ଚିଲିକାରେ ଅଗ୍ନିବୀର ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଥିଲା। ତେବେ ଅଗ୍ନିବୀର ପଦବୀରେ ନିଯୁକ୍ତି ପାଇଁ ଅଭିଯୁକ୍ତମାନେ ପ୍ରଶିକ୍ଷାର୍ଥୀଙ୍କୁ ସହାୟତା ଆଳରେ ଟଙ୍କା ଆଦାୟ କରୁଥିଲେ। ଯିଏ ଟଙ୍କା ଦେବା ପାଇଁ ଅକ୍ଷମତା ପ୍ରକାଶ କରୁଥିଲେ, ତାଙ୍କୁ ଫେଲ୍ କରିଦେବା ପାଇଁ ଧମକ ଦେଉଥିଲେ। ଜଣକ ପିଛା ୩୦ ହଜାରରୁ ୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆଦାୟ କରୁଥିଲେ। ଏଥିସହ ଅଭିଯୁକ୍ତମାନେ ମୋବାଇଲ ଫୋନ୍‌ରେ ହ୍ୱାଟ୍ସଆପ ଗ୍ରୁପ ଖୋଲି ପ୍ରାର୍ଥୀଙ୍କୁ ସେଥିରେ ସାମିଲ କରିବା ସହ ନିଯୁକ୍ତି କ୍ଷେତ୍ରରେ ଆବଶ୍ୟକ କାଗଜାତ ପ୍ରଦାନ ନେଇ ସନ୍ଦେହ ଦୂର କରୁଥିଲେ। ଏହି ଘଟଣା ପଦାକୁ ଆସିବା ପରେ ଆଇଏନ୍‌ଏସ୍ ଚିଲିକା ଲ୍ୟୁଟ୍‌ନାଣ୍ଟ କମାଣ୍ଡର ଅଦ୍ୱିତୀୟ ସିଂହ ଏନେଇ ବାଲୁଗାଁ ଥାନାରେ ଗତ ୧୯ତାରିଖରେ ଅଭିଯୋଗ କରିଥିଲେ। ଏହା ପରେ ଏସ୍‌ପି ନାଥଙ୍କ ନିର୍ଦ୍ଦେଶକ୍ରମେ ବାଲୁଗାଁ ଥାନା ଆଇଆଇସି ଜୟ ପ୍ରକାଶ ପରିଡ଼ାଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ତଦନ୍ତ କରି ନାଭାଲ ଛକ ନିକଟରେ ଭଡ଼ା ଘରେ ରହୁଥିବା ସମ୍ପୃକ୍ତ ଦୁଇ ଅଭିଯୁକ୍ତଙ୍କ ସମେତ ତାଲିମ କେନ୍ଦ୍ର ପରିସରରୁ କାର୍ଯ୍ୟରତ କର୍ମଚାରୀଙ୍କୁ ଗିରଫ କରିଥିଲା। ଗିରଫ ୩ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯିବ। ଏହି ଦୁର୍ନୀତିରେ ସମ୍ପୃକ୍ତ ଥିବା ଆଉ ଦୁଇ ଜଣଙ୍କୁ ଗିରଫ କରିବା ପାଇଁ ଏକ ସ୍ୱତନ୍ତ୍ର ଟିମ୍ ଆଣ୍ଡାମାନ ଯାଇଛି ବୋଲି ଏସ୍‌ପି କହିଛନ୍ତି।

## ଡିକି ଭାଙ୍ଗି ୩ ଲକ୍ଷ ୫୦ ହଜାର ଲୁଟିଲେ

ବଣାଇଁ,୨୪।୪(ପ୍ରଦୀପ ତ୍ରିପାଠୀ)

ସୁନ୍ଦରଗଡ଼ ଜିଲା ବଣାଇଁ ଅଞ୍ଚଳରେ ଦୁର୍ବୃତ୍ତମାନେ ଗୁରୁବାର ଜଣେ ଅବସରପ୍ରାପ୍ତ କର୍ମଚାରୀଙ୍କ ବାଇକ୍ ଡିକି ଭାଙ୍ଗି ସାଢ଼େ ତିନିଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଏନେଇ ବଣାଇଁ ଥାନାରେ ଅଭିଯୋଗ ହେବାପରେ ପୋଲିସ କେସ୍ ନଂ. ୧୦୧/୨୫ ରୁଜୁ କରିବା ସହ ସିସିଟିଭି ଫୁଟେଜକୁ ଆଧାର କରି ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ଅବସରପ୍ରାପ୍ତ କର୍ମଚାରୀ ଟେକ ସୁନ୍ଦର ପ୍ରଧାନ ପୁଅ ବାହାଘର ପାଇଁ ଗୁରୁବାର ଭାରତୀୟ ଷ୍ଟେଟ ବ୍ୟାଙ୍କ ବଣାଇଁ ଶାଖାକୁ ଟଙ୍କା ଉଠାଇବାକୁ ପୁଅଙ୍କ ସହ ବାଇକରେ ଆସିଥିଲେ। ବ୍ୟାଙ୍କରୁ ଚାରି ଲକ୍ଷ ଟଙ୍କା ଉଠାଇଥିଲେ। ନିଜ ପାଖରେ ପଚାଶ ହଜାର ରଖିବା ପରେ ବାଇକ୍ ଡିକିରେ ଅବଶିଷ୍ଟ ୩ ଲକ୍ଷ ୫୦ ହଜାର ରଖିଥିଲେ। ବ୍ୟାଙ୍କର ଅନତି ଦୂରରେ ଥିବା ଏକ କପଡ଼ା ଦୋକାନ ସମ୍ମୁଖରେ ବାଇକ ରଖି ଭିତରକୁ ଯାଇଥିଲେ। ଏହି ସମୟରେ ତାଙ୍କୁ ଅନୁସରଣ କରୁଥିବା ଦୁର୍ବୃତ୍ତମାନେ ଡିକି ଭାଙ୍ଗି ସାଢ଼େ ତିନିଲକ୍ଷ ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିଲେ।

# ବନ୍ଧୁକ ଦେଖାଇ ୩୦ ଲକ୍ଷ ଟଙ୍କାର ସୁନା ଲୁଟ୍

ଉଦଳା,୨୪।୪(ସନ୍ତୋଷ କୁମାର ବାଛିନୀ)

ମୟୂରଭଞ୍ଜ ଜିଲା ଉଦଳା-ବାରିପଦା ରାଜ୍ୟ ରାଜପଥର ଖୁଣ୍ଟା ଥାନା ଅଧୀନ ବାଲିମୁଣ୍ଡାଳୀ ଛକ ନିକଟରେ ବୁଧବାର ରାତିରେ ଜଣେ ଗହଣା ଦୋକାନୀଙ୍କଠାରୁ ଲୁଟ୍ ହୋଇଛି। ୨ଟି ବାଇକ୍‌ରେ ୪ ଦୁର୍ବୃତ୍ତ ଆସି ବନ୍ଧୁକ ଦେଖାଇ ୩୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନାଗହଣା ଲୁଟି ନେଇଛନ୍ତି। ଲୁଟେରାଙ୍କ ଆକ୍ରମଣରେ ଗହଣା ଦୋକାନୀ ଆହତ ହେଇଛନ୍ତି। ଅଭିଯୋଗ ପାଇ ପୋଲିସ ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ବାସିପିଠା ଅଞ୍ଚଳରେ ମହାଲକ୍ଷ୍ମୀ ଅଳଙ୍କାର ନାମକ ଗହଣା ଦୋକାନ କରିଥିବା ସୁନ୍ଦର ନାରାୟଣ ସାହୁ ବୁଧବାର ରାତି ୯ଟା ସମୟରେ ଦୋକାନ ବନ୍ଦକରି ନିଜ ଘର ଖୁଣ୍ଟା ଅଞ୍ଚଳକୁ ବାଇକ୍ ଯୋଗେ ଫେରୁଥିଲେ। ଏହି ସମୟରେ ୨ଟି ବାଇକ୍‌ରେ ୪ଜଣ ଲୁଟେରା ମୁହଁରେ ମୁଖା ପିନ୍ଧି ଆସି ତାଙ୍କୁ ଅଟକାଇଥିଲେ। ବନ୍ଧୁକ ଦେଖାଇ ସୁନା ଅଳଙ୍କାର ମାଗିଥିଲେ। ସୁନ୍ଦର ନାରାୟଣ ନିଜ ବାଇକ୍ ଜୋରରେ ଚଳାଇ ଖସି ଆସୁଥିବା ବେଳେ ବାଲିମୁଣ୍ଡାଳୀ ଛକ ନିକଟରେ ବାଇକ୍‌କୁ ଗୋଇଠା ମାରି ସୁନ୍ଦର ନାରାୟଣଙ୍କୁ ତଳେ ପକାଇ ଦେଇଥିଲେ। ପରେ ତାଙ୍କଠାରୁ ସୁନା ଅଳଙ୍କାର ଭର୍ତ୍ତି ବ୍ୟାଗ୍‌କୁ ଛଡ଼ାଇନେଇ ଦୁର୍ବୃତ୍ତମାନେ ଚମ୍ପଟ ମାରିଥିଲେ।

# ୨ଶହ ଟଙ୍କା ପାଇଁ ପୁଅର କାଠବେଷ୍ଟ ମାଡ଼ରେ ବାପ ମୃତ

ରାଉରକେଲା,୨୪।୪ (ସଙ୍ଗୀତା ଜେନା)



ଗିରଫ ଅଭିଯୁକ୍ତ

ଦକ୍ଷିଣ ରାଉରକେଲା ଟାଙ୍ଗରପାଲି ଥାନା ଅନ୍ତର୍ଗତ ଆଇଡିଏଲ୍ ଗୋପବନ୍ଧୁନଗରରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ୨ଶହ ଟଙ୍କା ଦେବାକୁ ରାଜି ନ ହେବାରୁ ପୁଅର କାଠବେଷ୍ଟ ମାଡ଼ରେ ବାପାଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗୋପବନ୍ଧୁନଗରର ଗଗନ ବିହାରୀ ମଲ(୬୨)। ଏହି ଘଟଣାରେ ପୋଲିସ ଅଭିଯୁକ୍ତ ପୁଅ ସନ୍ତୋଷ ମଲ(୨୪)ଙ୍କୁ ଗିରଫ କରିଛି। ଏ ନେଇ ସମ୍ପୃକ୍ତ ଥାନାରେ ଏକ ମାମଲା (ନଂ.୮୯/୨୫) ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯିବ ବୋଲି ଥାନାଧିକାରୀ ନିରଞ୍ଜନ ସେଠୀ ପ୍ରକାଶ କରିଛନ୍ତି।

ପୋଲିସ ସୂଚନା ଅନୁସାରେ, ଗୋପବନ୍ଧୁନଗରରେ ଗଗନ ୨ ପୁଅଙ୍କ ସହ ରହୁଥିଲେ ଏବଂ ଆଇଡିଏଲ୍ ଛକରେ ଏକ ପାନଦୋକାନ କରି ପରିବାର ପ୍ରତିପୋଷଣ କରୁଥିଲେ। ଗୁରୁବାର ମଧ୍ୟାହ୍ନ ୧୨ଟାରେ ସାନପୁଅ ସନ୍ତୋଷ ଘରେ ତିଆରି ହୋଇଥିବା ଖାଦ୍ୟରେ ଅସନ୍ତୁଷ୍ଟ ହୋଇ ତାହା ଗ୍ରହଣ କରି ନ ଥିଲେ। ପରେ ସେ ପାନଦୋକାନକୁ ଯାଇ ଗଗନଙ୍କୁ ୨ଶହ ଟଙ୍କା ମାଗିଥିଲେ। ଗଗନ ଟଙ୍କା ଦେବାକୁ ମନା କରିବାରୁ ସନ୍ତୋଷ ଦୋକାନ ଭିତରେ ଥିବା ଏକ କାଠବେଷ୍ଟରେ ତାଙ୍କ ମୁଣ୍ଡ ପଛପଟକୁ ପିଟି ଦେଇଥିଲେ। ଫଳରେ ଗଗନ ତଳେ ପଡ଼ିଯାଇଥିଲେ। ଏହାପରେ ସେ ବାପାଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ସ୍ଥାନୀୟ ଲୋକେ ଗଗନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଆର୍‌ଜିଏଚ୍ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ସ୍ତ୍ରୀ ପ୍ରମିଳା ମଲ(୬୦) ଏ ନେଇ ଥାନାରେ ଏତଲା ଦେଇଛନ୍ତି।

# ପୋଲିସ ଗୁଳିରେ ଦୁର୍ଦ୍ଦାନ୍ତ ଦେବାଶିଷ ଆହତ

- କାଙ୍କଡ଼ପାଳଠାରେ ହତ୍ୟା ଯୋଜନା ବେଳେ ପୋଲିସର ଚଢ଼ାଉ
- ପିଛା କରିବା ସମୟରେ ପୋଲିସ ଉପରକୁ ଗୁଳି
- ବାଇକ୍‌ରେ ଖସିଗଲେ ଅନ୍ୟ ୩ ସହଯୋଗୀ

ଢେଙ୍କାନାଳ,୨୪।୪ (ରତନ ନାୟାର)

ଢେଙ୍କାନାଳ ଜିଲା ସଦର ଥାନା ଭାପୁର ରାସ୍ତାର ମଙ୍ଗଳପୁର ନିକଟରେ ବୁଧବାର ବିଳମ୍ବିତ ରାତିରେ ପୋଲିସ ଓ ଅପରାଧୀଙ୍କ ମଧ୍ୟରେ ହୋଇଛି ଗୁଳି ବିନିମୟ। ପୋଲିସ ଗୁଳିରେ ଆହତ ହୋଇଛନ୍ତି ଦୁର୍ଦ୍ଦାନ୍ତ ଅପରାଧୀ ତଥା କିଙ୍ଗ୍ ଅଫ୍ ଫରେଷ୍ଟ ଗ୍ୟାଙ୍ଗର ସକ୍ରିୟ ସଦସ୍ୟ କାମାକ୍ଷାନଗର ଅନନ୍ତପୁରର ହଣ୍ଡ ଓରଫ୍ ଦେବାଶିଷ ବେହେରା(୨୯)। କାମାକ୍ଷାନଗରରେ ଗୋରୁହାଟ ନିଲାମ ନେଇଥିବା ସୁବାସ ଖୁଣ୍ଟିଆଙ୍କୁ ହତ୍ୟା ପାଇଁ ଦେବାଶିଷ ଓ ଅନ୍ୟ ୩ ସହଯୋଗୀ କାଙ୍କଡ଼ପାଳଠାରେ ରାତିରେ ଯୋଜନା କରୁଥିବା ବେଳେ ପୋଲିସ ସେଠାରେ ପହଞ୍ଚି ତାହାକୁ ବିଫଳ କରିଦେଇଛି। ତେବେ ଘଟଣାସ୍ଥଳରୁ ଦେବାଶିଷଙ୍କ ସହଯୋଗୀ କାଙ୍କଡ଼ପାଳ ଗ୍ରାମର ଲିକୁନ ସାସମଲ ଓ ଅନ୍ୟ ୨ ଜଣ ଫେରାର ହୋଇଯାଇଛନ୍ତି। ପୋଲିସ ଆହତ ଦେବାଶିଷଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ସ୍ଥାନାନ୍ତର କରିଛି। ଦେବାଶିଷଙ୍କ ଡାହାଣ ଗୋଡ଼ ଆଣ୍ଠୁତଳେ ଗୁଳି ବାଜିଥିବା ଜଣାପଡ଼ିଛି।

ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣି ପ୍ରଧାନ କହିଛନ୍ତି, କାମାକ୍ଷାନଗର ଅଞ୍ଚଳରେ ଏକ ଗୋରୁହାଟ ନିଲାମକୁ ନେଇ ଦୁର୍ଦ୍ଦାନ୍ତ ଦେବାଶିଷ ଓ ଏକଦା ତାଙ୍କର ସହଯୋଗୀ ଥିବା ସୁବାସଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା। ଉକ୍ତ ଗୋରୁ ହାଟକୁ ଗତବର୍ଷ ଦେବାଶିଷଙ୍କ ବାପା ନିଲାମ ନେଇଥିବା ବେଳେ ଚଳିତବର୍ଷ ସୁବାସ ନିଲାମ ନେଇଛନ୍ତି। ତେଣୁ ସୁବାସଙ୍କୁ ଜୀବନରୁ ମାରି ଦେବା ପାଇଁ ଦେବାଶିଷ କଟକରେ ଯୋଜନା କରିଥିଲେ। ଦେବାଶିଷ ଓ ଲିପୁନଙ୍କ ସହ କଟକରୁ ୨ଜଣ ସହଯୋଗୀ କାଙ୍କଡ଼ପାଳଠାରେ ଥିବା ଏକ କୁକୁଡ଼ା ଫାର୍ମ ନିକଟରେ ଏଥିପାଇଁ ରାତିରେ ପ୍ରସ୍ତୁତି କରିଥିଲେ। ଖବରପାଇ ଢେଙ୍କାନାଳ ପୋଲିସ ଘଟଣାସ୍ଥଳରେ ଚଢ଼ାଉ କରିବାରୁ କଟକରୁ ଆସିଥିବା ୨ ସହଯୋଗୀ ବାଇକ୍ ଯୋଗେ ତରଭା ଗ୍ରାମ ଦେଇ ଫେରାର ହୋଇଯାଇଥିଲେ। ଦେବାଶିଷ ଓ ଲିପୁନ ଆଉ ଏକ ବାଇକ୍‌ରେ ଢେଙ୍କାନାଳ ଠାରୁ ଭାପୁର ରାସ୍ତାରେ ୧୦ କିଲୋମିଟର ପଳାଇଥିବା ବେଳେ ପୋଲିସ ସେମାନଙ୍କ ପିଛା କରିଥିଲା। ଏହି ସମୟରେ ଆତ୍ମସମର୍ପଣ କରିବାକୁ କହିବାରୁ ମଙ୍ଗଳପୁର ନିକଟସ୍ଥ ରାସ୍ତାରେ ଦେବାଶିଷ ପୋଲିସ ଉପରକୁ ଗୁଳିଚାଳନା କରିଥିଲେ। ପୋଲିସ ପାଲଟା ଗୁଳି କରିବାରୁ ଗୋଟିଏ ଗୁଳି ଦେବାଶିଷଙ୍କ ଡାହାଣ ଗୋଡ଼ ଆଣ୍ଠୁତଳେ ବାଜିଥିଲା। ସଦର ଥାନା ଅଧିକାରୀ ପ୍ରିୟବ୍ରତ ଦାସ, ଇନ୍ସପେକ୍ଟର ଜିତେନ୍ଦ୍ର ମଲ୍ଲିକ, ଟାଉନ ଥାନା ଅଧିକାରୀ ପ୍ରଭାତ ସାହୁ, ଭାପୁର ଫାଣ୍ଡି ଅଧିକାରୀ ପ୍ରଦୀପ ପାତ୍ର ପ୍ରମୁଖ ଏହି ଚଢ଼ାଉ କରିଥିବା ବେଳେ ଭାପୁର ଫାଣ୍ଡି ଅଧିକାରୀ ପ୍ରଦୀପ ପାତ୍ର ଗୁଳି କରିଥିଲେ। ଘଟଣାସ୍ଥଳରୁ ଏକ ବନ୍ଧୁକ ଓ ଏକ ଫୁଟା ଗୁଳିକୁ ପୋଲିସ ଜବତ କରିଛି। ଫୁଟା ଗୁଳିଟି ପୋଲିସର ହୋଇଥିବା ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତରୁ ଜଣାପଡ଼ିଥିବା ବେଳେ ଦେବାଶିଷଙ୍କ ପକ୍ଷରୁ ଗୋଟିଏ ଅଫୁଟା ଗୁଳି ଜବତ ହୋଇଛି। ଢେଙ୍କାନାଳ ଜିଲାରେ ପୋଲିସ ଓ ଅପରାଧୀଙ୍କ ମଧ୍ୟରେ ଗୁଳିବିନିମୟ ହେବା ଏହା ଦ୍ୱିତୀୟ ଘଟଣା। ଦେବାଶିଷଙ୍କ ନାମରେ ବିଲଡରଙ୍କ ଠାରୁ ବଟି ଆଦାୟ, ଲୁଟ୍, ଛିନତାଇ, ଗୁଳି ଓ ବୋମାମାଡ଼ ଭଳି ୧୮ଟି ବଡ଼ ଧରଣର ଅପରାଧ ମାମଲା ରହିଛି। ପ୍ରାୟ ୨ବର୍ଷ ତଳେ କାମାକ୍ଷାନଗର ଅଞ୍ଚଳର ଜଣେ ଯୁବ ବିଜେଡି ନେତାଙ୍କୁ ଢେଙ୍କାନାଳ ସହରରେ ଦେବାଶିଷ ଗୁଳିମାଡ଼ କରି ଅପହରଣ ଉଦ୍ୟମ କରିଥିଲେ। ଅପରାଧୀମାନେ ହତିଆର ଛାଡ଼ି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବା ପାଇଁ ଅପିଲ କରୁଛୁ ବୋଲି ଅତିରିକ୍ତ ଏସ୍‌ପି କହିଛନ୍ତି।



ହସ୍ପିଟାଲରେ ଦେବାଶିଷ ବେହେରା

HEALTH SOCIETY, SAMBALPUR
NATIONAL URBAN HEALTH MISSION, SAMBALPUR
Date-23/04/2025
INVITING OBJECTION TO THE PROVISIONAL DATABASE PURSUANT TO ADVT. No. 2130/Dtd.24.12.2024

No. E-37: In response to the Advertisement No. 2130/ Dtd.24.12.2024 of City Health Society, NUHM, Sambalpur a detailed database of shortlisted and not shortlisted applicants (with reason for provisional ineligibility) for the post of **Public Health Manager** has been published in district website **http://sambalpur.odisha.gov.in**. The list is purely provisional in nature and is subject to change after further scrutiny/verification wherever applicable. All the applicants who had applied for the post are required to go through the list, verify their status of applications. Applicants only send their objection, if any in the given format as attached below to the **"ADUPHO, 1st Floor of UPHC Ainthapali, near Ainthapali Police Station - 768004, Sambalpur"** so as to reach us on or before 03.05.2025 (by 5.30 P.M.) through Speed Post/Registered Post/Courier only and the envelope containing the application should be superscribed clearly name of the post applied for objection invitation. No new/fresh documents shall be considered. Applicant whose applications have been rejected on the ground of non submission/part submission of relevant documetns shall not be entertained at this stage. The objection received on or before the due date will be disposed off and the findings thereof will be made available in the above district website.
OIPR-10169/11/0005/2526 Sd./- ADUPHO, Sambalpur

OFFICE OF THE PRINCIPAL
SONEPUR COLLEGE, SONEPUR
ADVERTISEMENT FOR PROJECT ASSISTANT POSITION
